R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୬୬
ତିଥି: ପ୍ରତିପଦ
୦୧ ଜୁଲାଇ ୨୦୨୬, ବୁଧବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 266
01 July 2026, Wednesday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଗରମ, ଗୁଳୁଗୁଳିରୁ ବର୍ଷା ଆଣିଲା ଆଶ୍ୱସ୍ତି



ଭୁବନେଶ୍ୱର, ୩୦ ।୬ (ସବ୍ୟୁ) : ରାଜ୍ୟରେ ମୌସୁମୀ ସକ୍ରିୟ ହେବାରେ ଲାଗିଛି । ମଙ୍ଗଳବାର ସକାଳ ୮.୩୦ ସୁଦ୍ଧା ୪ଟି ସ୍ଥାନରେ ପ୍ରବଳ ଅତି ପ୍ରବଳ (୧୧୫ରୁ ୨୦୪ ମିମି) ବର୍ଷା ହୋଇଥିବାବେଳେ ୧୬ଟି ସ୍ଥାନରେ (୬୪.୫ ମିମିରୁ ୧୧୫.୫ ମିମି) ବର୍ଷା ରେକର୍ଡ଼ କରାଯାଇଛି । ଉତ୍ତର ବଙ୍ଗୋପସାଗରର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ବାଂଲାଦେଶ ଦେଇ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି । ଏହା ଆସନ୍ତା ୩ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ବର୍ଷାର ପରିମାଣ ବଢ଼ିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ ।

ମଙ୍ଗଳବାର ସକାଳ ୮.୩୦ ସୁଦ୍ଧା ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ସର୍ବାଧିକ ୧୩୫ ମିଲିମିଟର ବର୍ଷା ହୋଇଥିବାବେଳେ ଚାନ୍ଦୁଆଠାରେ ୧୩୦ ମିମି, ସୁଲିଆପଡ଼ାରେ ୧୨୦ ମିମି, ଶାମାଖୁଣ୍ଟାରେ ୧୨୫ ମିମି, ଢେଙ୍କାନାଳ ଜିଲ୍ଲାର ଗଁଦିଆରେ ୧୧୦ ମିମି, କଙ୍କଡ଼ାହାଡ଼ରେ ୧୦୫ ମିମି, ଅନୁଗୁଳ ଜିଲ୍ଲାର ଛେଣ୍ଡିପଦାରେ ୧୧୦ ମିମି, ଜଗତସିଂହପୁର ଜିଲ୍ଲାର

**୩ ସୁଦ୍ଧା ବଙ୍ଗୋପସାଗରରେ ଲଘୁଚାପ**

**୪ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷିଲା**

**୧୬ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ଼**

ପାରାଦୀପଠାରେ ୮୯.୭ ମିମି, କୁଜଙ୍ଗରେ ୭୫ ମିମି, କେନ୍ଦୁଝର ଜିଲ୍ଲାର ଘସିପୁରା ଓ ହରିଚନ୍ଦନପୁରରେ ୮୪.୪ ମିମି, ଦଇତାରୀରେ (୯ ପୃଷ୍ଠାରେ)

## ଅନବସରରେ ମହାପ୍ରଭୁ

## ଅଲାରନାଥ ପୀଠରେ ଭକ୍ତଙ୍କ ଭିଡ଼

ପୁରୀ, ୩୦ ।୬ (ସବ୍ୟୁ) : ପ୍ରଭୁ ଅଲାରନାଥଙ୍କ ପୀଠର କିମ୍ବଦନ୍ତୀ ଓ ମାହାତ୍ମ୍ୟ ସ୍ୱତନ୍ତ୍ର ରହିଛି । ଶାସ୍ତ୍ରରେ ବର୍ଣ୍ଣିତ ଅଛି, ଅଣସର ସମୟରେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କଲେ ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ସମ ଫଳ ମିଳିଥାଏ । ଏଥିପାଇଁ ବ୍ରହ୍ମଗିରି ସ୍ଥିତ ଅଲାରନାଥଙ୍କ ପୀଠ ଏବେ ଚଳଚଞ୍ଚଳ । ପ୍ରଭୁ ଅଲାରନାଥଙ୍କ ଦର୍ଶନ ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ପ୍ରଭୁଙ୍କ ସୁଅ ଛୁଟି ଥାଏ ପୀଠକୁ । ଅଲାରନାଥ ମନ୍ଦିର ପୁରୀ ଜିଲ୍ଲାର ବ୍ରହ୍ମଗିରି ଠାରେ ଅବସ୍ଥିତ ବିଷ୍ଣୁଙ୍କର ଏକ ମନ୍ଦିର । ଅଲାରନାଥଙ୍କୁ ପ୍ରଭୁ ବିଷ୍ଣୁଙ୍କର ଚଳନ୍ତି ପ୍ରତିମା ଭାବେ ବିଶ୍ୱାସ କରାଯାଏ ।



ରଥଯାତ୍ରା ପୂର୍ବରୁ ପ୍ରଥମେ ପଡେ ସ୍ନାନଯାତ୍ରା । ମହାପ୍ରଭୁଙ୍କ ଦେବସ୍ନାନ ପରେ ଶ୍ରୀଜିଉମାନେ ଭୀଷଣ ଜ୍ୱରରେ ଆକ୍ରାନ୍ତ ହୋଇ ଅଣସର ଘରେ ପଡ଼ିରହନ୍ତି । ଅଣସରର ଗୃହ ଭିତରେ ମହାପ୍ରଭୁଙ୍କ ବଂଶଧର ଭାବେ ପରିଚିତ ଦଇତାପତି ସେବକମାନେ ସେମାନଙ୍କର ସେବାଶୁଶ୍ରୁଷା କରନ୍ତି । ଏହି ସମୟରେ ଭକ୍ତମାନେ ଦୀର୍ଘ ୧୫ ଦିନ ଧରି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିପାରନ୍ତି ନାହିଁ, ତେଣୁ ସେମାନେ ବ୍ରହ୍ମଗିରିର (୯ ପୃଷ୍ଠାରେ)

### ଭାଣିଜୀକୁ ପେଟ୍ରୋଲ ଢାଳି ହତ୍ୟା ମାମଲା

## ମାମୁକୁ ମୃତ୍ୟୁ ଦଣ୍ଡାଦେଶ

ବ୍ରହ୍ମପୁର, ୩୦ ।୬ (ସବ୍ୟୁ) : ବ୍ରହ୍ମପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍ସୋ କୋର୍ଟ ଜଜ୍ ନିଜର ଭାଣିଜୀଙ୍କୁ ବଳାତ୍କାର ଉଦ୍ୟମ ଓ ପେଟ୍ରୋଲ ଢାଳି ହତ୍ୟା ମାମଲାର ଅଭିଯୁକ୍ତ ମାମୁ କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ ଥାନା ଅନ୍ତର୍ଗତ ପିରିଗଡ଼ର ସିପିରିଆନ ଦିଗାଲ(୬୫) ମୃତ୍ୟୁ ଦାଣ୍ଡରେ ଦଣ୍ଡିତ କରିଛନ୍ତି । ପ୍ରକାଶ ଥାଉକି ସିପିରିଆନ ଦିଗାଲ ପୂର୍ବରୁ ତାଙ୍କ ସ୍ତ୍ରୀ'ଙ୍କୁ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇଥିଲେ । ୨୦୨୨ରେ ସେ ପାର୍ଲରରେ ମୁକୁଳିଥିଲେ । ସେବେଠୁ ସେ ତାଙ୍କ ଭଉଣୀ ଘର ଗୋଇଲୁଣ୍ଠି (୯ ପୃଷ୍ଠାରେ)

## ସେନା ମୁଖ୍ୟ ଭାବେ ଦାୟିତ୍ୱ ନେଲେ ଧୀରଜ ସେଠ୍

ନୂଆଦିଲ୍ଲୀ, ୩୦ ।୬ : ସେନା ମୁଖ୍ୟ ଭାବେ ଜେନେରାଲ ଧୀରଜ ସେଠ୍ ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି । ପୂର୍ବରୁ ସେ ସେନା ଉପମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ସେନା ମୁଖ୍ୟ ଜେନେରାଲ ଇପେନ୍ଦ୍ର ଦ୍ୱିବେଦୀଙ୍କ ଆଜି ଅବସର ପରେ ଧୀରଜ ସେଠ୍ ଏହି ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂଆଦିଲ୍ଲୀସ୍ଥିତ ସାଉଥ୍



ବ୍ଲକ୍ ଲର୍ଣ୍ଣରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା । ଜେନେରାଲ ଧୀରଜ ସେଠ୍ ଆଶ୍ୱସ୍ତ କରିଛନ୍ତି ଯେ ବର୍ତ୍ତମାନ ସେନାର ୧.୩ ନିୟୁତ ବିଶାଳ ବାହିନୀ ଆଗକୁ ଆତ୍ମନିର୍ଭର ସହ ଭବିଷ୍ୟତରେ ସୀମାରେ ଆସୁଥିବା ସବୁ ଆହ୍ୱାନକୁ ମୁକାବିଲା କରିପାରିବ ।

ଜେନେରାଲ ଧୀରଜ (୯ ପୃଷ୍ଠାରେ)

## ପିଲାଙ୍କ ବିଶ୍ୱାସ ଭାଙ୍ଗିବାର ଉତ୍ତରଦାୟୀ କିଏ : ନବୀନ

ଭୁବନେଶ୍ୱର, ୩୦ ।୬ (ସବ୍ୟୁ) : ବିଦ୍ୟାଳୟ ପୁସ୍ତକ କେବଳ ବହି ନୁହେଁ ପ୍ରତ୍ୟେକ ଶିଶିଙ୍କ ପାଇଁ ଏହା ହେଉଛି ସତ୍ୟ ଓ ତଥ୍ୟ ସହ ପରିଚାଳିତ ହେବାର ପ୍ରଥମ ମାଧ୍ୟମ । ଶିଶୁଟିଏ ଅନେକ କଥା ପ୍ରଶ୍ନ କରେ, ସ୍କୁଲ ପାଠ୍ୟ ପୁସ୍ତକରେ ଛପା ହୋଇଥିବା ଶବ୍ଦକୁ ସନ୍ଦେହ କରେନାହିଁ । ପାଠ୍ୟପୁସ୍ତକ ପ୍ରତି ସେମାନଙ୍କର ଅଗାଧ ବିଶ୍ୱାସ ଓ ଆସ୍ଥା ଥାଏ । ସରକାର ହୁଏତ ପରବର୍ତ୍ତୀ ସଂସ୍କରଣରେ ପାଠ୍ୟପୁସ୍ତକର ତ୍ରୁଟିକୁ ସୁଧାରି ପାରନ୍ତି । କିନ୍ତୁ ଆମ ଓଡ଼ିଆ ପିଲାମାନଙ୍କର ଏକ ସମ୍ପୂର୍ଣ୍ଣ ପିଢ଼ିର ବିଶ୍ୱାସକୁ ଭାଙ୍ଗିଦେବାକୁ ହୋଇଥିବା ଉଦ୍ୟମ ପାଇଁ ଉତ୍ତରଦାୟୀ କିଏ ହେବ ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ।

ସୋସିଆଲ ମିଡିଆରେ ନବୀନ ଉଲ୍ଲେଖ କରିଛନ୍ତି ଯେ ସ୍କୁଲ ପାଠ୍ୟ ପୁସ୍ତକରୁ ଗୋଟିଏ ପିଢ଼ି କେବଳ ତଥ୍ୟ ଶିଖେ ନାହିଁ ବରଂ (୯ ପୃଷ୍ଠାରେ)

## ପେଟ୍ରୋଲରେ ଇଥାନଲ ମିଶିବା ନୀତିଗତ ନିଷ୍ପତ୍ତି : ସରକାର

### ଇ-୨୦ ପେଟ୍ରୋଲକୁ ନେଇ ଲୋକଙ୍କ ମଧ୍ୟରେ ଆଶଙ୍କା

ନୂଆଦିଲ୍ଲୀ, ୩୦ ।୬ : ପେଟ୍ରୋଲରେ ୨୦% ଇଥାନଲ ମିଶ୍ରଣ ଏକ ନୀତିଗତ ନିଷ୍ପତ୍ତି । ଏହାର ପରିବର୍ତ୍ତନ ହୋଇପାରିବ ନାହିଁ । ତେବେ ଏହା ଏକ ପରୀକ୍ଷଣ, ଆସନ୍ତାବର୍ଷ ଏହାର ଫଳାଫଳ ସ୍ପଷ୍ଟ ହେବ ବୋଲି ସୁପ୍ରିମ୍‌କୋର୍ଟରେ ସରକାରଙ୍କ ପକ୍ଷରୁ କୁହାଯାଇଛି । ପେଟ୍ରୋଲରେ ଇଥାନଲ ମିଶ୍ରଣ ନେଇ ଦେଶରେ ଚିନ୍ତା ପ୍ରକଟ ପାଇଥିଲା । ମାଇଲେଜ୍ କମିବା ସହ ଗାଡ଼ି ଖରାପ ହେଉଥିବା ନେଇ ଅଭିଯୋଗ ଆସିଥିଲା । ଏହି ମାମଲା ଏବେ ସୁପ୍ରିମ୍‌କୋର୍ଟରେ ପହଞ୍ଚିଛି । ଇ-୨୦ ପେଟ୍ରୋଲକୁ ନେଇ (୯ ପୃଷ୍ଠାରେ)




### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## ଭିମ୍‌ସାରର ୨ କର୍ମଚାରୀଙ୍କ ଘରେ ଚଢ଼ାଉ

ସମ୍ବଲପୁର, ୩୦ ।୬ (ସବ୍ୟୁ): ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ଅଧିକ୍ଷକଙ୍କ କାର୍ଯ୍ୟାଳୟର ଷ୍ଟିୱାର୍ଡ ଅଶ୍ୱିନୀ ମେହେର ଓ ଏଷ୍ଟାବ୍ଲିସମେଣ୍ଟ ଅଫିସର ଧନୁର୍ଦ୍ଧର ବିଶ୍ୱାଳଙ୍କ ବିଭିନ୍ନ ଠିକଣା ଉପରେ ଭିଜିଲାନ୍ସ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି । ସମ୍ବଲପୁରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ପ୍ରକିୟା ଜାରି ରହିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଚଢାଉ କରାଯାଇଥିବା ଜଣାପଡିଛି । ଉଭୟ କର୍ମଚାରୀଙ୍କ ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଜମା ରାଶିକୁ ଫ୍ରିଜ କରାଯାଇଛି । ଆଗକୁ ତାଙ୍କର ଏହି ସମସ୍ତ (୯ ପୃଷ୍ଠାରେ)

## ୩ ଯାଏଁ ବଢ଼ିଲା ଧାନ କିଣା ଅବଧି

ଭୁବନେଶ୍ୱର, ୩୦ ।୬ (ସବ୍ୟୁ) : ରବି ଧାନ କିଣା ଅବଧିକୁ ସରକାର ଜୁଲାଇ ୩ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ରାଜ୍ୟର ୫ ଜିଲ୍ଲାରେ ଏବେବି ଚାଷୀଙ୍କ ଧାନ ପଡ଼ି ରହିଛି । ଏହାକୁ ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସମସ୍ତଙ୍କ ଧାନ ଉଠାଯିବ, ଆଗକୁ ଆଉ ଅବଧି ବଢ଼ାଇବାର ଆବଶ୍ୟକତା ପଡ଼ିବ ନାହିଁ ବୋଲି ଖାଦ୍ୟ ଯୋଗଣ ମନ୍ତ୍ରୀ ସୂଚନା ଦେଇଛନ୍ତି ।

ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ନୂଆପଡା, ବାଲେଶ୍ୱର ସମେତ ଆଉ ୩ ଜିଲ୍ଲାର ମଣ୍ଡିରେ ଏବେବି ଧାନ ପଡ଼ିଛି । ଚଳିତ ରବି ଋତୁରେ ୩ ଲକ୍ଷ ୩୬ ହଜାର (୯ ପୃଷ୍ଠାରେ)

### ପ୍ରେମ ପାଇଁ ହତ୍ୟାକାଣ୍ଡ

## ଡବଲ ମର୍ଡର ଅଭିଯୁକ୍ତ ୨ ସ୍କୁଲ ଛାତ୍ର


ଭୁବନେଶ୍ୱର, ୩୦ ।୬ (ସବ୍ୟୁ) : ପ୍ରେମ ପାଇଁ ଖଣ୍ଡଗିରିରେ ଡବଲ ମର୍ଡର ଘଟିଲା । ସୋମବାର ପୁଅର ମୃତ୍ୟୁ ହୋଇଥିବା ବେଳେ ମଙ୍ଗଳବାର ବାପାଙ୍କ ମୃତ୍ୟୁ ହୋଇଛି । ଘଟଣାରେ ସମ୍ପୃକ୍ତ ଦୁଇ ସ୍କୁଲ ଛାତ୍ର ପୋଲିସ ପାଖରେ ଅଛନ୍ତି । ତାଙ୍କ ଭିତରୁ ଜଣେ ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ଆଉ ଜଣେ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିଲା । ଏହି ଦୁଇଜଣଙ୍କୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା କହିଛନ୍ତି ।

ଖଣ୍ଡଗିରି ଥାନା ଅନ୍ତର୍ଗତ କୋଳଥିଆ ଛକରେ ଥିବା ଏକ ଖାଲିଜାଗାର ଆଉଟ୍ ହାଉସ୍‌ରେ ରହୁଥିଲେ ହିମାଂଶୁ ପାଢୀ, ତାଙ୍କ ପୁଅ କୃଷ୍ଣ ପାଢୀ ଓ ଝିଅ ତାପସୀ ପାଢୀ । ହିମାଂଶୁ ପୂଜାପାଠ କରି ପରିବାର ପ୍ରତିପୋଷଣ କରୁଥିଲେ । ପୁଅ ବିଏସ୍‌ସି ଦ୍ୱିତୀୟ ବର୍ଷର ଛାତ୍ର । ପୁଅ କୃଷ୍ଣ ଖଣ୍ଡଗିରି ନିକଟରେ ଥିବା ଏକ

**ପୁଅ ପରେ ବାପାଙ୍କ ମୃତ୍ୟୁ**

କୋଚିଂ ସେଣ୍ଟରକୁ ଆସୁଥିଲେ । ସେହି କୋଚିଂ ସେଣ୍ଟରକୁ ଅଭିଯୁକ୍ତ ଦୁଇ ସ୍କୁଲ ଛାତ୍ର ଟ୍ୟୁସନ ହେବାକୁ ଆସୁଥିଲେ । ସେମାନଙ୍କ ସହ ଜଣକ ଭଉଣୀ ଓ ଆଉ ଜଣେ ଛାତ୍ରୀ ମଧ୍ୟ ଟ୍ୟୁସନ ହେବାକୁ ଆସନ୍ତି ବୋଲି ପୋଲିସ କହିଛି । ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କୁ କୃଷ୍ଣ ପ୍ରେମ ନିବେଦନ କରି ବିଫଳ ହୋଇଥିଲା । ଯାହା ଫଳରେ ସେ ବିରକ୍ତ ହୋଇ ମୋବାଇଲରେ ବିଭିନ୍ନ ପ୍ରକାର କମେଣ୍ଟ ଚାଟିଂ କରିବା ସହ ସେହି ଛାତ୍ରୀକୁ ହଇରାଣ ହରକତ କଲା । ଉପାୟଶୂନ୍ୟ ହୋଇ ସମ୍ପୃକ୍ତା ଛାତ୍ରୀ ତାଙ୍କ ପ୍ରେମ ନିବେଦନରେ ରାଜି ହୋଇଥିଲେ । ଏ କଥା ଦୁଇ ଅଭିଯୁକ୍ତ ଛାତ୍ର ଜାଣିବା ପରେ ସେମାନଙ୍କ ମଧ୍ୟରେ ଦୀର୍ଘ ବର୍ଷେ ହେବ ଛକାପଞ୍ଝା ଲାଗି ରହିଥିଲା ।

ଗତ କିଛିଦିନ ତଳେ କୃଷ୍ଣ ଦୁଇ ଅଭିଯୁକ୍ତ ଛାତ୍ରଙ୍କ ଘରକୁ ଯାଇ ଗାଳିଗୁଲଜ କରି ଧମକ ଦେଇ ଆସିଥିଲା । ଘର ଲୋକେ ଅଭିଯୁକ୍ତ ଦୁଇ ଛାତ୍ରଙ୍କୁ ଘଟଣା ସମ୍ପର୍କରେ କହି କୃଷ୍ଣ ସହ ବୁଝାମଣା କରିବାକୁ (୯ ପୃଷ୍ଠାରେ)



## ସୋସିଆଲ କୋଟ୍ସ



ମୁଁ ବୁଝି ପାରିନଥିଲି ଗୋଟିଏ ନାଁକୁ ନେଇ କଣ ପାଇଁ ବିବାଦ ହୋଇଥିଲା। ଆମ ଘର ପାଖରେ ଜଣେ ପିଲା ଏହି ନାମରେ ଅଛି । ଏହି ନାଁଟି ଆମକୁ ଭଲ ଲାଗିଥିଲା ସେଥିପାଇଁ ଆମେ ଏହାକୁ ଚୟନ କରିଥିଲୁ ।

ସୈଫ ଅଲ୍ଲୀ ଖାନ, ଅଭିନେତା



ରିଆଲିଟି ଶୋ ଖୁବ ଚାଲେଞ୍ଜପୂର୍ଣ୍ଣ । ସେହିଭଳି ଏହି ଅନୁଭବ ମୋ ପାଇଁ ପ୍ରଥମ । ପ୍ରଥମଥର ପାଇଁ କୌଣସି ଶୋ ହୋଷ୍ଟ କରିବି ।

କୁନାଲ ଖେମୁ, ଅଭିନେତା



ନୂଆ କାହାଣୀ ପାଇଁ ଅନେକ ପରିଶ୍ରମ କରିବାକୁ ପଡେ । ଏଥିପାଇଁ ଅନେକ ଥର ଫ୍ରଷ୍ଟ୍ରେସନ ମଧ୍ୟ ଆସିଛି । ତେବେ ଏହି ଫ୍ରଷ୍ଟ୍ରେସନ ହିଁ ନୂଆ କାହାଣୀ ପାଖରେ ପହଞ୍ଚାଇଥାଏ ।

ରାଜ କୁମାର ହିରାନୀ, ଫିଲ୍ମ ମେକର

## ଜାତୀୟ ଡାକ୍ତର ଦିବସ




ମାନବ ସମାଜର ଜୀବନଦାତା ତଥା ସ୍ୱାସ୍ଥ୍ୟ ସେବାର ମେରୁଦଣ୍ଡ ସଦୃଶ ଡାକ୍ତରମାନଙ୍କ ନିସ୍ୱାର୍ଥପର ସେବା ଓ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ଜୁଲାଇ ୧ ତାରିଖକୁ ସାରା ଦେଶରେ 'ଜାତୀୟ ଡାକ୍ତର ଦିବସ' ଭାବେ ପାଳନ କରାଯାଇଥାଏ । ଏହି ବିଶେଷ ଦିବସର ଇତିହାସ ଭାରତର ଜଣେ ପ୍ରଖ୍ୟାତ ଚିକିତ୍ସକ, ସ୍ୱାଧୀନତା ସଂଗ୍ରାମୀ ତଥା ପଶ୍ଚିମବଙ୍ଗର ଦ୍ୱିତୀୟ ମୁଖ୍ୟମନ୍ତ୍ରୀ ଭାରତ ରତ୍ନ ଡାକ୍ତର ବିଧାନ ଚନ୍ଦ୍ର ରଏ (ଡା. ବି. ସି. ରଏ)ଙ୍କ ସ୍ମୃତି ସହ ଜଡ଼ିତ । ଯାହାଙ୍କର ଜନ୍ମ ଓ ଦେହାନ୍ତ ଦିବସ ଜୁଲାଇ ୧ ତାରିଖରେ ହୋଇଥିବାରୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ କେନ୍ଦ୍ର ସରକାରଙ୍କ ଦ୍ୱାରା ୧୯୯୧ ମସିହାରୁ ଏହି ଦିବସ ପାଳନର ଶୁଭାରମ୍ଭ କରାଯାଇଥିଲା । ଚିକିତ୍ସା କ୍ଷେତ୍ରରେ ଡାକ୍ତରମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା, ସେମାନଙ୍କ ତ୍ୟାଗ ଏବଂ ସମାଜ ପ୍ରତି ଥିବା ଦାୟିତ୍ୱବୋଧକୁ ସ୍ୱୀକୃତି ଦେବା ଏହି ଦିବସର ମୁଖ୍ୟ ତାତ୍ପର୍ଯ୍ୟ । ଏହି ଅବସରରେ ଦେଶର ବିଭିନ୍ନ ହସ୍ପିଟାଲ, ମେଡିକାଲ କଲେଜ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନମାନଙ୍କରେ ସେବା ପ୍ରଦାନକାରୀ ଡାକ୍ତରମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ମାଗଣା ସ୍ୱାସ୍ଥ୍ୟ ଶିବିର, ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ସଚେତନତାମୂଳକ ଆଲୋଚନାଚକ୍ରମାନ ଆୟୋଜନ କରାଯାଇଥାଏ । ଏହି ଦିବସକୁ ଅତ୍ୟନ୍ତ ଗୌରବର ସହ ପାଳନ କରାଯାଏ, ଯାହା ସମାଜରେ ସୁସ୍ଥ ଓ ନିରାମୟ ଜୀବନ ଗଠନର ବାର୍ତ୍ତା ପ୍ରଦାନ କରିଥାଏ ।

## ଇତିହାସ


୧୮୬୨- କୋଲକାତା ହାଇକୋର୍ଟର ଉଦ୍‌ଘାଟନ ।
୧୮୭୯- ଭାରତରେ ପୋଷ୍ଟକାର୍ଡ ସେବା ଆରମ୍ଭ ହେଲା ।
୧୮୮୧- ଟେଲିଫୋନ୍‌ରେ ପ୍ରଥମକରି ଅନ୍ତର୍ଜାତୀୟ କଲ୍ ସେବା ଆରମ୍ଭ ହେଲା ।
୧୯୨୭- ଭାରତୟ ଅଷ୍ଟମ ପ୍ରଧାନମନ୍ତ୍ରୀ ଚନ୍ଦ୍ରଶେଖର ସିଂହଙ୍କ ଜନ୍ମ ।
୧୯୯୬- ଅଷ୍ଟ୍ରେଲିଆର ଉତ୍ତର ପ୍ରାନ୍ତରେ ଇଚ୍ଛାମୃତ୍ୟୁ ଆଇନ୍ ଲାଗୁ ହେଲା, ଯାହା ବିଶ୍ୱରେ ପ୍ରଥମ ଘଟଣା ।
୧୯୯୭- କୋଲକାତାରେ ଦେଶର ପ୍ରଥମ ସାଇନ୍ସ ସିଟିକୁ ସ୍ଥାପନ କରାଗଲା ।
୨୦୦୬- ଏସୀୟ ଯୁବ ଚେସ୍ ଚାମ୍ପିୟନ୍‌ସିପ୍‌ରେ ଭାରତ ୮ଟି ସ୍ୱର୍ଣ୍ଣ ଜିତିଲା ।
୨୦୦୬- ଭାରତ-ଆମେରିକା ପରମାଣୁ ବୁଝାମଣାକୁ ଆମେରିକୀୟ ସଂସଦ ସମିତି ମଞ୍ଜୁରୀ ଦେଲା ।
୨୦୦୭- ଇଂଲଣ୍ଡରେ ସାର୍ବଜନୀନ ସ୍ଥାନରେ ଧୂମପାନ ଉପରେ ଲାଗୁ ପ୍ରତିବନ୍ଧକ କାର୍ଯ୍ୟକାରୀ ହେଲା ।
୨୦୧୩- ନେପଚୁନ୍ ଗ୍ରହର ଏସ୍ ୨୦୦୪ଏନ୍ ୧ର ସନ୍ଧାନ କରାଗଲା ।
୨୦୧୭- ଭାରତରେ ଜିଏସ୍‌ଟି ଲାଗୁ ହେଲା ।

## କାନ୍ଦିବାକୁ ଯାଉଛନ୍ତି କ୍ଲବ

ଆଜିର ବ୍ୟସ୍ତବହୁଳ ଜୀବନଶୈଳୀରେ ଲୋକମାନେ ଅତ୍ୟଧିକ ଚିନ୍ତା, ଏକାକୀପଣ ଏବଂ ମାନସିକ ଚାପର ସମ୍ମୁଖୀନ ହେଉଥିବା ବେଳେ ଏଥିରୁ ମୁକ୍ତି ପାଇଁ ଦେଶର ବିଭିନ୍ନ ସହରରେ 'କ୍ରାଇଂ କ୍ଲବ୍' (କାନ୍ଦିବା ପାଇଁ କ୍ଲବ୍) ର ଲୋକପ୍ରିୟତା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଯେଉଁଠାକୁ ଲୋକେ ହସିବା ପାଇଁ ନୁହେଁ ବରଂ ମନଖୋଲି କାନ୍ଦି ନିଜ ହୃଦୟର ବୋଝ ହାଲୁକା କରିବାକୁ ଆସିଥାନ୍ତି । ସୂଚନା ଅନୁଯାୟୀ, ଗୁଜରାଟର ସୁରଟଠାରେ ଗତ ପ୍ରାୟ ୮ ବର୍ଷ ହେବ ଚାଲୁଥିବା ଏକ 'ହେଲ୍‌ଦି କ୍ରାଇଙ୍ଗ୍ କ୍ଲବ୍'ରେ ଲୋକଙ୍କୁ ବିନା କୌଣସି ଦ୍ୱିଧାରେ ନିଜର ଆବେଗ ପ୍ରକାଶ କରିବାର ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଉଛି । ଏଠାରେ କେହି କାହାକୁ କାନ୍ଦିବାର କାରଣ ପଚାରନ୍ତି ନାହିଁ ଏବଂ ଜଣେ ନିଜର ଦୁଃଖଭରା କାହାଣୀ ଶୁଣାଇବାକୁ ଚାହୁଁଥାଉ କିମ୍ବା କେବଳ ନୀରବରେ ଲୁହ ଗଡ଼ାଇବାକୁ ଚାହୁଁଥାଉ, ଏଠାରେ ଦୁଇଟିଯାକ ପାଇଁ ସମ୍ପୂର୍ଣ୍ଣ ଅନୁମତି ମିଳିଥାଏ । ଏହି କ୍ଲବ୍‌ର ପ୍ରତିଷ୍ଠାତା କମଲେଶ ମସାଲାୱାଲାଙ୍କ କହିବାନୁସାରେ, ବିଶେଷ କରି ପୁରୁଷମାନଙ୍କୁ ପିଲାଦିନରୁ ଶିଖାଯାଇଥାଏ ଯେ କାନ୍ଦିବା ଏକ ଦୁର୍ବଳତା, ଯାହାଫଳରେ ସେମାନେ ବର୍ଷ ବର୍ଷ ଧରି ନିଜର ଆବେଗ ଓ ଭାବନାକୁ ଚାପି ରଖନ୍ତି । ଏଭଳି ଏକ ସୁରକ୍ଷିତ ପରିବେଶ ପାଇବା ପରେ ସେମାନେ ନିଜର କୋହ ବାହାର କରି ମାନସିକ ଶାନ୍ତି ପାଇପାରୁଛନ୍ତି । ଜାପାନର 'ରୁଇ-କାତ୍ସୁ' ଅବଧାରଣା ଦ୍ୱାରା ଅନୁପ୍ରାଣିତ ଏହି କ୍ରାଇଙ୍ଗ୍ କ୍ଲବ୍‌ର ବିଚାର ଏବେ ଭାରତର ମୁମ୍ବାଇ, ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ସୁରଟ ଭଳି ପ୍ରମୁଖ ସହରଗୁଡ଼ିକରେ ମଧ୍ୟ ଦେଖିବାକୁ ମିଳୁଛି ଏବଂ ସେଠାରେ ଏଭଳି ସ୍ପେଶାଲ ସେସନମାନ ଆୟୋଜିତ ହେଉଛି ।




## କୁମ୍ଭୀର ସହ ଖେଳ



ଆମେରିକାର କଲମ୍ବିଆରୁ ଏକ ଆଶ୍ଚର୍ଯ୍ୟଜନକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଠି ଜଣେ ଛୋଟ ପିଲା ଏକ ଜୀବନ୍ତ କୈମ୍ୟାନ ବା କୁମ୍ଭୀର ପ୍ରଜାତିର ଜୀବ ସହ 'ଡାକ୍ତର-ଡାକ୍ତର' ଖେଳୁଥିବା ନଜର ଆସିଛି । ଭାଇରାଲ ଭିଡିଓ ଅନୁଯାୟୀ, ଶିଶୁଟି କୁମ୍ଭୀରକୁ ନିଜର ରୋଗୀ ମାନି ଏକ ଷ୍ଟେଥୋସ୍କୋପ୍ ସାହାଯ୍ୟରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରୁଛି । ଜଣେ ପ୍ରକୃତ ଡାକ୍ତରଙ୍କ ଭଳି ଅଭିନୟ କରିବା ସହ ତା ସହିତ କଥାବାର୍ତ୍ତା ମଧ୍ୟ କରୁଛି । ପିଲାଟିର ଏଭଳି ନିଆରା ଓ ସାହସିକ ଅନ୍ଦାଜକୁ ଦେଖି ସୋସିଆଲ ମିଡିଆ ବ୍ୟବହାରକାରୀମାନେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଇଛନ୍ତି । କିଛି ଲୋକ ଏହାକୁ ଏଆଇ ଭିଡିଓ ବୋଲି ମଧ୍ୟ ମତ ଦେବାରେ ଲାଗିଛନ୍ତି । ସେହିଭଳି ଅନେକ ଲୋକ ଶିଶୁଟିର ସାହସକୁ ପ୍ରଶଂସା କରୁଥିବା ବେଳେ ଅନ୍ୟ କେତେକ ୟୁଜର୍ସ ଏହାକୁ ନେଇ ଚିନ୍ତା ପ୍ରକଟ କରି ଚେତାବନୀ ଦେଇଛନ୍ତି । ସେମାନଙ୍କ ମତରେ କୈମ୍ୟାନ ହେଉଛି ଏକ ହିଂସ୍ର ବନ୍ୟଜନ୍ତୁ ଏବଂ ଏହାର ବ୍ୟବହାର ଯେକୌଣସି ସମୟରେ ବଦଳି ଆକ୍ରମଣାତ୍ମକ ରୂପ ନେଇପାରେ, ତେଣୁ ଏଭଳି ବିପଜ୍ଜନକ ଖେଳଠାରୁ ଦୂରେଇ ରହିବା ଉଚିତ । ତେବେ ଭିଡିଓଟି ସତ କି ଏଆଇରେ ପ୍ରସ୍ତୁତ ହୋଇଛି ସେ ନେଇ କୌଣସି ସୂଚନା ନାହିଁ ।

## ଶୌଚାଳୟ ରେସ୍ତୋରାଁ

ଆଜିକାଲି ଲୋକମାନେ କେବଳ ସ୍ୱାଦିଷ୍ଟ ଖାଦ୍ୟ ନୁହେଁ, ବରଂ କିଛି ଭିନ୍ନ ଏବଂ ସ୍ମରଣୀୟ ଅଭିଜ୍ଞତା ଚାହୁଁଛନ୍ତି । ଯାହାକୁ ଆଖିରେ ରଖି ତାଇୱାନର ଏକ 'ମଡର୍ଣ୍ଣ ଟଏଲେଟ୍ ରେସ୍ତୋରାଁ' କିଛି ସ୍ୱତନ୍ତ୍ର ପନ୍ଥା ଆପଣାଇଛି, ଯାହା ଏବେ ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଅଦ୍ଭୁତ ରେସ୍ତୋରାଁର ବିଶେଷତ୍ୱ ହେଉଛି ଏଠାରେ ଗ୍ରାହକମାନଙ୍କ ପାଇଁ ସାଧାରଣ ଚେୟାର ବଦଳରେ ଟଏଲେଟ୍ ସିଟ୍ ଭଳି ଆସନ ପଡ଼ିଛି । ଏହାସହ ସମସ୍ତ ପ୍ରକାର ଖାଦ୍ୟ ଓ ପାନୀୟକୁ କମୋଡ୍, ୟୁରିନାଲ୍ ଏବଂ ବାଥଟବ୍ ଆକାରର ବାସନରେ ପରଷାଯାଇଥାଏ। ପ୍ରଥମ ଥର ପାଇଁ ଆସୁଥିବା ଗ୍ରାହକମାନେ ଏହା ଦେଖି ଆଶ୍ଚର୍ଯ୍ୟ ହୋଇଯାଉଥିଲେ ମଧ୍ୟ ସେମାନଙ୍କୁ ଏହି ନିଆରା ଅନୁଭବ ଖୁବ୍ ପସନ୍ଦ ଆସୁଛି । ଏହି ଅଭିନବ ଚିନ୍ତାଧାରାର ଆରମ୍ଭ ୨୦୦୪ ମସିହାରେ ହୋଇଥିଲା, ଯେଉଁଠି ଏହାର ପ୍ରତିଷ୍ଠାତା ଜଣେ ଜାପାନୀ କମିକ୍ସରୁ ପ୍ରେରଣା ପାଇ ପ୍ରଥମେ ଏକ ଛୋଟ ଦୋକାନ ଖୋଲିଥିଲେ । ସେଠାରେ ଟଏଲେଟ୍ ଆକାରର ପାତ୍ରରେ ଆଇସକ୍ରିମ୍ ଓ ସ୍ନାକ୍ସ ସର୍ଭ କରୁଥିଲେ, ଯାହା ପରବର୍ତ୍ତୀ ସମୟରେ ଏହି ପ୍ରସିଦ୍ଧ ରେସ୍ତୋରାଁର ରୂପ ନେଇଛି ।



## ଅଜବ ପରମ୍ପରା

ସୂଚନା ଅନୁଯାୟୀ, ଆମାଜନ ଜଙ୍ଗଲରେ ବାସ କରୁଥିବା 'ସାଟେରେ-ମାୱା' ଜନଜାତିର ଏକ ଆଶ୍ଚର୍ଯ୍ୟଜନକ ଏବଂ ବିପଜ୍ଜନକ ପରମ୍ପରା ସାମ୍ନାକୁ ଆସିଛି । ଏଠାରେ ପୁଅମାନଙ୍କୁ ନିଜର ପୁରୁଷତ୍ୱ ଓ ବୟସ୍କ ହେବାର ପ୍ରମାଣ ଦେବା ପାଇଁ ବିଷାକ୍ତ ପିମ୍ପୁଡ଼ି ସହ ଏକ କଠିନ ପରୀକ୍ଷାର ସାମ୍ନା କରିବାକୁ ପଡ଼ିଥାଏ । ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସୁଥିବା ଏହି ଅଜବ ପରମ୍ପରାରେ, ଜନଜାତିର ପୁଅମାନଙ୍କୁ ପୁରୁଷ ଓ ବୟସ୍କ ଭାବେ ଗ୍ରହଣ କରିବା ପାଇଁ ଏକ ସ୍ୱତନ୍ତ୍ର ପରୀକ୍ଷା ଦେବାକୁ ହୁଏ । ଏଥିରେ ସଫଳ ନହେବା ପର୍ଯ୍ୟନ୍ତ ସେମାନଙ୍କର ବିବାହ ମଧ୍ୟ ହୋଇନଥାଏ । ଏହି କଠୋର ପରୀକ୍ଷା ପାଇଁ ସେମାନଙ୍କୁ 'ବୁଲେଟ୍ ଆଣ୍ଟ' ନାମକ ଅତ୍ୟନ୍ତ ବିପଜ୍ଜନକ ଓ ବିଷାକ୍ତ ପିମ୍ପୁଡ଼ିରେ ଭର୍ତ୍ତି ହୋଇଥିବା ଗ୍ଲୋଭ୍ସ ପିନ୍ଧିବାକୁ ଦିଆଯାଇଥାଏ । ଏହି ପିମ୍ପୁଡ଼ି କାମୁଡ଼ାର ଅସହ୍ୟ ଯନ୍ତ୍ରଣା ସତ୍ତ୍ୱେ ସେମାନଙ୍କୁ କାନ୍ଦିବା କିମ୍ବା କଷ୍ଟ ପ୍ରକାଶ କରିବା ମନା ହୋଇଥାଏ । କେବଳ ଏତିକି ନୁହେଁ ଏହି ଅବସ୍ଥାରେ ସେମାନଙ୍କୁ ନୃତ୍ୟ କରିବାକୁ ମଧ୍ୟ ପଡ଼ିଥାଏ । ଯେଉଁ ଯୁବକ ଏହି ଭୟଙ୍କର କଷ୍ଟକୁ ସହ୍ୟ କରି ନିଜକୁ ପ୍ରମାଣିତ କରିପାରେ, କେବଳ ସେହି ବ୍ୟକ୍ତି ହିଁ ନିଜର ପୌରଷତ୍ୱକୁ ପ୍ରମାଣିତ କରିଥାଏ । ତେବେ ସୋସିଆଲ ମିଡିଆରେ ଏଭଳି ପରମ୍ପରାକୁ ଲୋକମାନେ ବିରୋଧ କରୁଥିବା ଦେଖିବାକୁ ମିଳୁଛି ।



## କାହାଣୀଠୁ ଗୁରୁତ୍ୱପୂର୍ଣ୍ଣ ମାହୋଲ



ନିକଟରେ ଅଭିନେତା ଅରଶଦ ୱାର୍ସି ନିଜର ଆଗାମୀ ସିରିଜ୍ 'ପ୍ରୀତମ ଆଣ୍ଡ ପେଡ୍ରୋ'କୁ ନେଇ କ୍ୟାରିୟର, ଅଭିନୟ ଶୈଳୀ ଓ ନିର୍ଦ୍ଦେଶକ ରାଜକୁମାର ହିରାନୀଙ୍କ ସହ କାମ କରିବାର ଅଭିଜ୍ଞତା ଦର୍ଶକଙ୍କ ସହ ସେୟାର କରିଛନ୍ତି । ଅରଶଦ କହିଛନ୍ତି ଯେ ଏହି ସିରିଜର ମୁଖ୍ୟ ବିଷୟବସ୍ତୁ 'ସାଇବର କ୍ରାଇମ' ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରସଙ୍ଗ ଉପରେ ଆଧାରିତ । ତେବେ ଏହାର ଭାବପୂର୍ଣ୍ଣ କାହାଣୀ ଶୈଳୀ ଏବଂ 'ପେଡ୍ରୋ' ଚରିତ୍ରର ହାସ୍ୟରସ ତାଙ୍କୁ ଏହି ପ୍ରୋଜେକ୍ଟ ପାଇଁ ତୁରନ୍ତ ଆକର୍ଷିତ କରିଥିଲାବୋଲି ସେ ପ୍ରକାଶ କରିଛନ୍ତି । ସେ ସ୍ପଷ୍ଟ କରିଛନ୍ତି ଯେ ରାଜକୁମାର ହିରାନୀ ବାହାରକୁ ଗମ୍ଭୀର ଜଣାପଡୁଥିଲେ ମଧ୍ୟ ବାସ୍ତବରେ ସେ ଖୁବ୍ ମଜାଳିଆ ସ୍ୱଭାବର । କ୍ୟାରିୟରର ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ ସମୟ ସହିତ ସେ କେବଳ ଭଲ ସ୍କ୍ରିପ୍ଟ ନୁହେଁ, ବରଂ ଚାପମୁକ୍ତ ଓ ସକାରାତ୍ମକ ମାହୋଲରେ କାମ କରିବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଜଣେ କଳାକାର ଭାବେ କେବଳ ଡାଇଲଗ କହିବା ନୁହେଁ, ବରଂ ସିନକୁ ଅଧିକ ଜୀବନ୍ତ କରିବା ପାଇଁ ନିଜର ସୃଜନଶୀଳତା ଉପରେ ସେ ବିଶ୍ୱାସ ରଖନ୍ତି । ଶେଷରେ 'ପ୍ରୀତମ ଆଣ୍ଡ ପେଡ୍ରୋ'କୁ ଏକ ଇନୋଭେଟିଭ୍ ଓ ନିଆରା କମେଡି ବୋଲି ମତ ରଖିଛନ୍ତି । ଏହା ଦର୍ଶକଙ୍କ ହୃଦୟକୁ ନିଶ୍ଚୟ ଛୁଇଁବ ବୋଲି ସେ ଦୃଢ଼ ଆଶା ପ୍ରକଟ କରିଛନ୍ତି ।



**ମେଷ:** ସମ୍ମାନବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗୁରୁଜନେ ଦ୍ୱନ୍ଦ୍ୱ, ଲୋକସମ୍ପର୍କ ବୃଦ୍ଧି, ଉଚ୍ଚଆଶା ବିଫଳ, ଶରୀର ସୁସ୍ଥ, ଦୂରଯାତ୍ରା, ନୂତନ କାର୍ଯ୍ୟ ଆରମ୍ଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଲକ୍ଷ୍ମୀନାରାୟଣ ।

**ବୃଷ:** ଆୟରେ ଉନ୍ନତି, ପୁରାତନ ବିବାଦ, ବନ୍ଧୁଲାଭ, ଆଶା ସଫଳ, ଭୂସମ୍ପତ୍ତିଲାଭ, ସନ୍ତାନଖୁସି, ଗୃହଶତ୍ରୁ ସମସ୍ୟା, ନୂତନ କାର୍ଯ୍ୟରେ ଲାଭ, ପଦୋନ୍ନତି, ମାନସମ୍ମାନ ପ୍ରାପ୍ତି, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୧୦, ଆରାଧନା-ମହାଲକ୍ଷ୍ମୀ ।

**ମିଥୁନ:** ମନସ୍ତାପ, କାର୍ଯ୍ୟରେ ବିରୋଧ. ବ୍ୟବସାୟରେ ସ୍ୱଳ୍ପ ଲାଭ, ବିଦ୍ୟାରେ ସଫଳ, ସନ୍ତାନ ଚିନ୍ତା, ବନ୍ଧୁ ବିରୋଧ, ଗାଡ଼ିଚାଳନାରେ ସତର୍କ, ମୋକଦ୍ଦମାରେ କଷ୍ଟ, ଅର୍ଥକଷ୍ଟ, ଦେବକାର୍ଯ୍ୟରେ ଆଗ୍ରହ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା-ଶଙ୍କର ଭଗବାନ ।

**କର୍କଟ:** ପଦୋନ୍ନତି, ଶୁଭସମାଚାର, ବିଶିଷ୍ଟ କାର୍ଯ୍ୟରେ ଲାଭ, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଆଶା ସଫଳ, ଶରୀର ସୁସ୍ଥ, ପଦମର୍ଯ୍ୟାଦା ବୃଦ୍ଧି, ଅନୁଷ୍ଠାନରୁ ଲାଭ, ଦାମ୍ପତ୍ୟଖୁସି, ଶତ୍ରୁ ପରାଜିତ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା-ମା' ଗ୍ରାମଦେବତୀ ।

**ସିଂହ:** ଧନଲାଭ, କାର୍ଯ୍ୟକ୍ଷେତ୍ରେ ବିରୋଧ, ନୂତନ କର୍ମଲାଭ, ବନ୍ଧୁସାହାଯ୍ୟ, ସମସ୍ୟା ସମାଧାନ, ଉଚ୍ଚଆଶାରେ ବାଧା, ଶତ୍ରୁସମସ୍ୟା, ମୋକଦ୍ଦମାରେ ବିଜୟ, ଦାମ୍ପତ୍ୟଖୁସି, ପୂର୍ବାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୭, ଆରାଧନା-ପ୍ରଭୁ ଜଗନ୍ନାଥ ।

**କନ୍ୟା:** କର୍ମେ ସୁଖି , ବ୍ୟବସାୟରେ ଲାଭ, ଶତ୍ରୁପରାଜିତ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ଧନଲାଭ, ଶୁଭସମାଚାର, ଆଶାରେ କଷ୍ଟ, ନୂତନ କାର୍ଯ୍ୟ ଆରମ୍ଭ, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକଶି, ସଂଖ୍ୟା-୮, ଆରାଧନା-ପ୍ରଭୁ ହନୁମାନ ।

**ତୁଳା:** ଶତ୍ରୁସମସ୍ୟା, ମାନସିକ କଷ୍ଟ, ଅର୍ଥସମସ୍ୟା, ଦ୍ରବ୍ୟନଷ୍ଟ, ବନ୍ଧୁସହାୟତା, ସୁମିଷ୍ଟ ଭୋଜନପ୍ରାପ୍ତି, ଦେବକାର୍ଯ୍ୟପ୍ରତି ଆସକ୍ତ, ବିଦ୍ୟାରେ ଅସଫଳ, ପୁରାତନ ରୋଗ, ଦୂରଯାତ୍ରା, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୭, ଆରାଧନା-ଗାଈକୁ ଖାଦ୍ୟ ଦିଅନ୍ତୁ ।

**ବିଛା:** ଖୁସିଖବର, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଉଚ୍ଚଆଶା ସଫଳ, ଶତ୍ରୁସମସ୍ୟା, ବନ୍ଧୁଲାଭ, ଯାତ୍ରାରେ ସତର୍କ, ସ୍ୱଜନ ବିରୋଧ, ବ୍ୟବସାୟରେ ଲାଭ, ସନ୍ତାନଖୁସି, ଦାମ୍ପତ୍ୟକଳହ, ବ୍ୟକ୍ତିସହାୟତା, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ଭଗବାନ ବିଷ୍ଣୁ ।

**ଧନୁ:** ଦ୍ରବ୍ୟଲାଭ, ଦେବକାର୍ଯ୍ୟରେ ଆଗ୍ରହ, ଅନୁଷ୍ଠାନରୁ ଲାଭ, ଧନଲାଭ, କର୍ମକ୍ଷେତ୍ରେ ସମସ୍ୟା, ବନ୍ଧୁଲାଭ, ଶୁଭଖବର, ଶତ୍ରୁରେ ବିଜୟ, ଶରୀର ସୁସ୍ଥ, ପାରିବାରିକ ବିରୋଧ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ସନ୍ତାନସମସ୍ୟା, ଗୁପ୍ତଶତ୍ରୁ, ବ୍ୟବସାୟରେ ସ୍ୱଳ୍ପଲାଭ, ବନ୍ଧୁସାହାଯ୍ୟ, ସ୍ୱାସ୍ଥ୍ୟସମସ୍ୟା, ଦାମ୍ପତ୍ୟକଳହ, ମୋକଦ୍ଦମାରେ କଷ୍ଟ, ଶତ୍ରୁ ସମସ୍ୟା, ନୂତନ କାର୍ଯ୍ୟ ପ୍ରତି ଆଗ୍ରହ, ଦୂରଯାତ୍ରା, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୫, ଆରାଧନା-ମା' ଦକ୍ଷିଣକାଳୀ ।


**କୁମ୍ଭ:** ସମ୍ମାନଲାଭ, ବ୍ୟବସାୟରେ ଲାଭ, ଅଯଥା ଚିନ୍ତା, ଗୃହେ ସହଯୋଗ, ଦାମ୍ପତ୍ୟସୁଖ, ଶରୀର ଅସୁସ୍ଥ, ପଦମର୍ଯ୍ୟାଦା ଲାଭ, ସମ୍ପତ୍ତିସମସ୍ୟା, ନୂତନ ବନ୍ଧୁଲାଭ, ବିଦେଶଯାତ୍ରା, ସ୍ୱାଦିଷ୍ଟ ଭୋଜନପ୍ରାପ୍ତି, ଅର୍ଥଲାଭ, ପୂର୍ବାଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୯, ଆରାଧନା-ପ୍ରଭୁ ବାସୁଦେବ ।

**ମୀନ:** କର୍ମକ୍ଷେତ୍ରେ ସହଯୋଗ, ଲୋକସମ୍ପର୍କ, ଦେବକାର୍ଯ୍ୟରେ ଖୁସି, ସମସ୍ୟା ସମାଧାନ, ବନ୍ଧୁଲାଭ, ଅର୍ଥପ୍ରାପ୍ତି, ସମ୍ପତ୍ତିବିଦ୍ରୋହ, ଭ୍ରମଣଯୋଗ, ବିଶିଷ୍ଟ କାର୍ଯ୍ୟରେ ଲାଭ, ଗୁପ୍ତଶତ୍ରୁ, ପିଲାଙ୍କଖୁସି, ବିଦ୍ୟାରେ ସଫଳତା, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୧୦, ଆରାଧନା-ମା' ଶ୍ୟାମାକାଳୀ ।

**ଆଷାଢ଼ କୃଷ୍ଣପକ୍ଷ ପ୍ରତିପଦ**
**୧.୭.୨୦୨୬, ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮


Digital India
Power To Empower
ଡିଜିଟାଲ୍ ଇଣ୍ଡିଆର ୧୧ ବର୍ଷ
ଗାଁ ଏବଂ ସହରରେ ଜୀବନ ହୋଇଛି ସହଜ
ଡିବିଟି ମାଧ୍ୟମରେ ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଟ.51 ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ସ୍ଥାନାନ୍ତରିତ
ଦେଶବ୍ୟାପୀ 42 ଲକ୍ଷ ରୁଟ୍ କିଲୋମିଟର ଅପ୍ଟିକାଲ୍ ଫାଇବର ନେଟୱାର୍କ, ପ୍ରାୟ 2.2 ଲକ୍ଷ ଗ୍ରାମ ସଂଯୁକ୍ତ
ଭାରତରେ ହେଉଛି ବିଶ୍ୱର ପ୍ରତ୍ୟେକ ଦୁଇରୁ ଗୋଟିଏ ଡିଜିଟାଲ ନେଣଦେଣ
70+ କୋଟି ଡିଜିଲକର ବ୍ୟବହାରକାରୀ
ପୋଷଣ ଟ୍ରାକର ମାଧ୍ୟମରେ 8.9+ କୋଟି ମା' ଏବଂ ଶିଶୁଙ୍କ ରିୟଲ ଟାଇମ୍ ପୋଷଣ ଅନୁଧ୍ୟାନ
ଏବେ ମୋବାଇଲ୍ ଫୋନ୍‌ରେ ୨୫୦୦ ରୁ ଅଧିକ ସରକାରୀ ସେବା ଉପଲବ୍ଧ
ସୁଲଭ ଡାଟା ଏବଂ ୫ ଜି ସଂଯୋଗର ଦ୍ରୁତ ବିସ୍ତାର
ଷ୍ଟାର୍ଟଅପ୍ ଇଣ୍ଡିଆ ଏବଂ ଅଟଳ ଇନୋଭେସନ୍ ମିଶନ୍ ଡିପ୍ ଟେକ୍ ଅଭିବୃଦ୍ଧିକୁ ଆଗେଇ ନେଉଛି
୧୨ଟି ସେମିକଣ୍ଡକ୍ଟର ପ୍ଲାଣ୍ଟ ନିର୍ମାଣ ଜାରି
" ଡିଜିଟାଲ ଇଣ୍ଡିଆର ଅର୍ଥ ହେଉଛି ଆପଣଙ୍କ ଦ୍ୱାରରେ, ଆପଣଙ୍କ ମୋବାଇଲରେ ସରକାର । ଡିଜିଟାଲ ଇଣ୍ଡିଆର ଅର୍ଥ ହେଉଛି ଦୁର୍ନୀତି ରୋକିବା । ଡିଜିଟାଲ ଇଣ୍ଡିଆର ଅର୍ଥ ହେଉଛି ସବୁଠୁ ଗରିବ ଲୋକଙ୍କ ପାଖରେ ସେମାନଙ୍କର ଅଧିକାର ପହଞ୍ଚାଇବା ।
– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ "
CBC 06124/13/0003/2627

# ମାର୍କେଟ ବିଲ୍ଡିଂରେ ଅଗ୍ନିକାଣ୍ଡ, ଜଳିଗଲା ୧୦ ଲୁଗା ଦୋକାନ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀର ଦୁଇ ନମ୍ବର ମାର୍କେଟ ବିଲ୍ଡିଂରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି ୧୦ରୁ ଉର୍ଦ୍ଧ୍ୱ ଲୁଗା ଦୋକାନ ପୋଡି ପାଉଁଶ ହୋଇଯାଇଛି । ସୋମବାର ମାର୍କେଟ ବିଲ୍ଡିଂ ଛୁଟିଥିଲା । ମଙ୍ଗଳବାର ସକାଳୁ ଲୁଗା ଦୋକାନ ଗୁଡିକ ଖୋଲିଥିବା ବେଳେ ବର୍ଷା ହୋଇଥିଲା । ସେହି ବର୍ଷା ସମୟରେ କୌଣସି ଦୋକାନରୁ ନିଆଁ ଲାଗି ୧୦/୧୫ ଦୋକାନ ପର୍ଯ୍ୟନ୍ତ ବ୍ୟାପି ଯାଇଥିଲା । ଖବର ପାଇ ଅଗ୍ନିଶମ ବାହିନୀର ୫ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ ।



ଦୀର୍ଘ ସାଢେ ତିନିଘଣ୍ଟା ଅକ୍ଲାନ୍ତ ପରିଶ୍ରମ କରିବା ପରେ ନିଆଁ ଆୟତ୍ତ ହୋଇଥିଲା । ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା କୁହାଯାଉଥିବା ବେଳେ ବାସ୍ତବରେ ନିଆଁ କିପରି ଲାଗିଛି ତାହା ସ୍ପଷ୍ଟ ଜଣାପଡିନାହିଁ । ପ୍ରବଳ ବର୍ଷା ହେଉଥିଲେ ମଧ୍ୟ ଲୁଗା ଦୋକାନ ଯୋଗୁ ନିଆଁ ଥମିନଥିଲା । ନିଆଁ ଥମିବା ବେଳକୁ ୧୦ଟି ଦୋକାନ ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ଅନ୍ୟ ୫ଟି ଦୋକାନ ସାମାନ୍ୟ ନିଆଁ ଲାଗିଥିବା ଦେଖିବାକୁ ମିଳିଥିଲା ।

ଦୁଇ ନମ୍ବର ଓ ଏକ ନମ୍ବର ମାର୍କେଟରେ ବାରମ୍ବାର ଅଗ୍ନିକାଣ୍ଡକୁ ନେଇ ବିଏମ୍‌ସି ଓ ଅଗ୍ନିଶମ ବାହିନୀ ଦୋଷ ଲଦାଲଦି ହୋଇଛନ୍ତି । ବିଏମ୍‌ସି ମେୟର ଅଗ୍ନିଶମ ବାହିନୀକୁ ଦୋଷାରୋପ କରୁଥିବା ବେଳେ ଅଗ୍ନିଶମ ବାହିନୀ କମାଣ୍ଡୋ ବିଏମ୍‌ସିକୁ ଦୋଷ ଦେଉଛନ୍ତି । ଅଗ୍ନିଶମ ବାହିନୀ କମାଣ୍ଡୋଙ୍କ କହିବା କଥା ଠିକ୍ ବ୍ୟବସ୍ଥାରେ ଦୋକାନଗୁଡିକ ହୋଇ ନଥିବାରୁ ଅଗ୍ନିକାଣ୍ଡ ହେଲେ ନିଆଁକୁ ଆୟତ୍ତ କରିବା କଷ୍ଟ ହେଉଛି । ଯାହା ଫଳରେ ନିଆଁ ଦ୍ରୁତ ଗତିରେ ବ୍ୟାପି ଅଧିକ କ୍ଷତି ଘଟାଉଛି । ନିଆଁ କିପରି ଲାଗିଛି ସେଥିନେଇ ଦୋକାନୀମାନେ ବିଭିନ୍ନ ପ୍ରକାର ଚର୍ଚ୍ଚା କରୁଛନ୍ତି ।

## ୮ ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ, ଜଣେ ଗିରଫ

ଜଟଣୀ, (ସବ୍ୟୁ) : ଜଟଣୀ ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ମୁଣ୍ଡିଆସାହି ଅଞ୍ଚଳର ମଙ୍ଗଳା ମନ୍ଦିର ନିକଟରେ ବେଆଇନ ବ୍ରାଉନ ସୁଗାର ବିକ୍ରୀ ବାବଦରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅଧିକାରୀ ସୁଜିତ କୁମାର ମୁଦୁଲି ଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ଜଣେ ନିଶା ବେପାରୀକୁ ଗିରଫ କରାଯାଇ ତାଙ୍କ ନିକଟରୁ ୮ ଗ୍ରାମର ବ୍ରାଉନ ସୁଗାର ଜବତ କରାଯାଇଥିଲା, ଯାହାର ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଶ୍ରୀ ମୁଦୁଲି କହିଛନ୍ତି । ଅଭିଯୁକ୍ତ ଜଣଙ୍କ ହେଲେ ସ୍ଥାନୀୟ ଗଜପତି ନଗର ଅଞ୍ଚଳର ଗୀତିଃଶ୍ୱର ସେନାପତି (୨୧)କ୍ଷ ଏ ନେଇ ଅବକାରୀ ଥାନାରେ ୫୮/୨୬-୨୭ ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି କ୍ଷ ଏହି ଚଢ଼ାଉରେ ଏଏସଆଇ ଜିତେନ୍ଦ୍ର ବେହେରା ଓ ସୁମତି ମହାନ୍ତି, ଟିଟୁ ସାହୁ, ପ୍ରଣବ ବେହେରା, ସାନନ୍ଦ କାହଁର ଓ ଚିନ୍ମୟୀ ସେଠୀ ପ୍ରମୁଖ ସାମିଲ ଥିଲେ ।

# କଲାରାବାଙ୍କ କିମ୍ସ ଗ୍ରାମାଞ୍ଚଳ ହସ୍ପିଟାଲରେ ସଫଳ ସ୍ତନ କର୍କଟ ଅସ୍ତ୍ରୋପଚାର

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ନିକଟରେ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସର ପ୍ରତିବଦ୍ଧତା ପ୍ରମାଣିତ ହୋଇଛି । କଟକ ଜିଲ୍ଲାର କଲାରାବାଙ୍କସ୍ଥିତ କିମସ ଗ୍ରାମାଞ୍ଚଳ ହସ୍‌ପିଟାଲର ଡାକ୍ତରମାନେ ଜଣେ ମହିଳାଙ୍କଠାରେ ସଫଳତାର ସହ ସ୍ତନ କର୍କଟ ଅସ୍ତ୍ରୋପଚାର କରିଛନ୍ତି । ୫୫ ବର୍ଷୀୟା ଏହି ରୋଗୀଙ୍କଠାରେ ସ୍ତନ କର୍କଟ ରୋଗ ଲକ୍ଷଣ ପ୍ରକାଶ ପାଇବାରୁ ତାଙ୍କୁ କଲରାବାଙ୍କ ରୁରାଲ୍ ହସ୍‌ପିଟାଲରେ ଡାକ୍ତରଙ୍କ ସହ ପରାମର୍ଶ କରାଯାଇ ସେଠାରେ ଭର୍ତ୍ତି କରାଯାଇଥିଲା । ଗତ ୨୫ ତାରିଖରେ ତାଙ୍କ ଅସ୍ତ୍ରୋପଚାର କରାଯାଇଥିଲା । କିମ୍‌ସ ରୁରାଲ ହସ୍‌ପିଟାଲ୍ ଡାକ୍ତର ଭି. କେ. ସେନଗୁପ୍ତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଉକ୍ତ ରୋଗୀଙ୍କ ଅସ୍ତ୍ରୋପଚାର କରିଥିଲେ । ଅସ୍ତ୍ରୋପଚାର ପରେ ଏବେ ରୋଗୀ ସୁସ୍ଥ ଅଛନ୍ତି ଓ ସାଧାରଣ ଜୀବନଯାପନ କରୁଛନ୍ତି । ଡା ସେନଗୁପ୍ତ କହିଛନ୍ତି, ଏକ କିମ୍‌ସ ଗ୍ରାମାଞ୍ଚଳ ଡାକ୍ତରଖାନାରେ



ଉନ୍ନତ ଶଲ୍ୟ ଚିକିତ୍ସା ଉପକରଣ ଏବଂ ଭିତ୍ତିଭୂମି ଉପଲବ୍ଧ ହେଉଥିବା ଯୋଗୁଁ ଏହି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି । କଲରାବାଙ୍କଠାରେ ଏକ ଉନ୍ନତ ସ୍ୱାସ୍ଥ୍ୟସେବା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସେ କିଟ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ଓ ଆଭିମୁଖ୍ୟକୁ ସେ ଶ୍ରେୟ ଦେଇଛନ୍ତି । କଲରାବାଙ୍କ ଭଳି ରୁରାଲ୍ ହସ୍‌ପିଟାଲରେ ବହୁ କମ ମୂଲ୍ୟରେ ଏକ ଜଟିଳ କର୍କଟ ଅସ୍ତ୍ରୋପଚାର କରିବା ସହ ଗରିବ ଲୋକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଦିଗରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିମ୍‌ସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହା ସହ ଓଡ଼ିଶାର ଏକ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫଳ କର୍କଟ ଅସ୍ତ୍ରୋପଚାର ପ୍ରଥମ ଥର ପାଇଁ କରାଯାଇଥିବା ଡା ସେନଗୁପ୍ତ କହିଛନ୍ତି । ଗତବର୍ଷ ମଧ୍ୟ କଲରାବାଙ୍କ ରୁରାଲ୍ ହସ୍‌ପିଟାଲରେ ଏକ ସ୍ତନ କର୍କଟ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଥିଲା ଏବଂ ରୋଗୀ ମଧ୍ୟ ସୁସ୍ଥ ଅଛନ୍ତି । ଗତ ୨୫ ତାରିଖରେ ଅସ୍ତ୍ରୋପଚାର ହୋଇଥିବା ମହିଳାଙ୍କ ପରିବାର ଆବଶ୍ୟକ ଖର୍ଚ୍ଚ ତୁଲାଇବା ସମ୍ଭବ ନହେବାରୁ ସେ କଟକ କିମ୍ବା ଭୁବନେଶ୍ୱରର କୌଣସି ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇପାରି ନଥିବା ଡା ସେନ୍‌ଗୁପ୍ତ ପ୍ରକାଶ କରିଛନ୍ତି । ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି ଯେଉଁ ଲକ୍ଷ୍ୟ ନେଇ କଲରାବାଙ୍କରେ କିମ୍‌ସ ରୁରାଲ୍ ହସ୍‌ପିଟାଲ୍ ନିର୍ମାଣ କରାଯାଇଥିଲା, ସେହି ଲକ୍ଷ୍ୟ ପୂରଣ ହେଉଛି । ଏହା ଦ୍ୱାରା କଲରାବାଙ୍କ ତଥା ଏହା ଆଖପାଖ ଗ୍ରାମର ଲୋକମାନଙ୍କୁ ଚିକିତ୍ସା ପାଇଁ ଆଉ ଦୂର ଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ ।

## ଭାରତୀୟ ରେଳବାଇ ପକ୍ଷରୁ ଭକ୍ତଙ୍କ ସୁବିଧା ପାଇଁ

# ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ରଥଯାତ୍ରା ସ୍ପେଶାଲ ଟ୍ରେନ୍ ଚଳାଚଳ

ଭୁବନେଶ୍ୱର, (ସବ୍ୟୁ): ବାର୍ଷିକ ରଥଯାତ୍ରା ପର୍ବ ସମୟରେ ଭକ୍ତମାନଙ୍କ ଯାତ୍ରା ସୁବିଧା ଏବଂ ଯାତ୍ରୀମାନଙ୍କ ସମ୍ଭାବ୍ୟ ଭିଡ଼କୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ମହାରାଷ୍ଟ୍ରର ଗୋନ୍ଦିଆ ଜଙ୍କସନ ଏବଂ ପୁରୀ ମଧ୍ୟରେ ଏକ ଯୋଡ଼ା ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ ଟ୍ରେନ୍ ନିର୍ଦ୍ଦିଷ୍ଟ ତାରିଖଗୁଡ଼ିକରେ ଚଳାଚଳ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ସ୍ପେଶାଲ ଟ୍ରେନ୍ ସେବାର ବିବରଣୀ ନିମ୍ନରେ ପ୍ରଦାନ କରାଗଲା ଟ୍ରେନ୍ ନଂ ୦୮୮୦୧ ଗୋନ୍ଦିଆ ଜଙ୍କସନ–ପୁରୀ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ: ଏହି ଟ୍ରେନ୍ ଗୋନ୍ଦିଆ ଜଙ୍କସନରୁ ୦୨.୦୭.୨୦୨୬, ୦୯.୦୭.୨୦୨୬, ୧୬.୦୭.୨୦୨୬ ଏବଂ ୨୯.୦୭.୨୦୨୬ (୦୪ ଥର) ଦିନ ୧୩:୩୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୧୦:୦୦ ଘଟିକାରେ ପୁରୀରେ ପହଞ୍ଚିବ । ସେହିପରି, ଟ୍ରେନ୍ ନଂ ୦୮୮୦୨ ପୁରୀ–ଗୋନ୍ଦିଆ ଜଙ୍କସନ ରଥଯାତ୍ରା ସ୍ପେଶାଲ ଏକ୍ସପ୍ରେସ: ଏହି ଟ୍ରେନ୍ ପୁରୀରୁ ୦୩.୦୭.୨୦୨୬, ୧୦.୦୭.୨୦୨୬, ୧୭.୦୭.୨୦୨୬ ଏବଂ ୩୦.୦୭.୨୦୨୬ (୦୪ ଥର) ଦିନ ୧୩:୦୦ ଘଟିକାରେ ଛାଡ଼ିବ ଏବଂ ପରଦିନ ୦୭:୦୦ ଘଟିକାରେ ଗୋନ୍ଦିଆ ଜଙ୍କସନରେ ପହଞ୍ଚିବ । ଏହି ସ୍ପେଶାଲ ଟ୍ରେନ୍ ଉଭୟ ଦିଗରୁ ଡ଼ୋଙ୍ଗରଗଡ଼, ରାଜନନ୍ଦଗାଁ, ଦୁର୍ଗ, ରାୟପୁର, ଲାଖୋଲି, ଖରିଆର ରୋଡ଼, କଣ୍ଟାବାଞ୍ଜି, ଟିଟିଲାଗଡ଼, ବଲାଙ୍ଗୀର, ବରଗଡ଼ ରୋଡ଼, ସମ୍ବଲପୁର, ଅନୁଗୁଳ, ତାଳଚେର ରୋଡ଼, ଢେଙ୍କାନାଳ, କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ରୋଡ଼ ଷ୍ଟେସନରେ ରହଣି କରିବ । ଯାତ୍ରୀମାନଙ୍କୁ ସମୟସୂଚୀ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ । ଟ୍ରେନ୍ ସମ୍ବନ୍ଧୀୟ ଅତ୍ୟାଧୁନିକ ସୂଚନା ପାଇଁ ଯାତ୍ରା ଆରମ୍ଭ କରିବା ପୂର୍ବରୁ ଯାତ୍ରୀମାନେ ଜାତୀୟ ଟ୍ରେନ୍ ଅନୁସନ୍ଧାନ ବ୍ୟବସ୍ଥା କିମ୍ବା ରେଳବାଇର ଅଫିସିଆଲ୍ ସେବାଗୁଡ଼ିକୁ ଯାଞ୍ଚ କରିପାରିବେ ।

## ସୁନା କିଣିଦେବା ପ୍ରତିଶ୍ରୁତିରେ ୧.୯୦ଲକ୍ଷ ଠକେଇ

ଭୁବନେଶ୍ୱର, (ସବ୍ୟୁ) : ଜଣେ ମାଛ ବ୍ୟବସାୟୀ ମହିଳାଙ୍କୁ ଭଲ ସୁନା ଅଳଙ୍କାର କିଣିଦେବା ପ୍ରତିଶ୍ରୁତି ଦେଇ ୧.୯୦ଲକ୍ଷ ଟଙ୍କା ଠକିନେଇଥିବା ଅଭିଯୁକ୍ତ ଚିଣ୍ଟୁ ଓରଫ ସୁଶାନ୍ତ ବେହେରା (୨୬)କୁ ଗିରଫ କରିଛି ଭରତପୁର ଥାନା ପୋଲିସ । ଭରତପୁର ଥାନା ଅନ୍ତର୍ଗତ ଆୟୁର୍ବେଦିକ ହସ୍ପିଟାଲ ନିକଟରେ ଗୌରୀ ବେହେରା ନାମକ ମହିଳା ମାଛ ବ୍ୟବସାୟ କରନ୍ତି । ତାଙ୍କ ସହ ଅଭିଯୁକ୍ତ ଚିଣ୍ଟୁର ଭଲ ପରିଚୟ ଥିଲା । ଚିଣ୍ଟୁ ଆଗରେ ଅଭିଯୋଗକାରିଣୀ ଗୌରୀ ନାତୁଣୀ ବିବାହ କଥା କହିବାରୁ ସେ ତାଙ୍କୁ ସୁଲଭ ମୂଲ୍ୟରେ ଭଲ ସୁନା ଅଳଙ୍କାର କିଣି ଦେବାକୁ କହିଥିଲା । ଚିଣ୍ଟୁ କଥାକୁ ଅଭିଯୋଗକାରିଣୀ ଗୌରୀ ବିଶ୍ୱାସ କରି ନଗଦ ୬୦ ହଜାର ଟଙ୍କା ଏବଂ ଫୋନ୍ ପେ ମାଧ୍ୟମରେ ୧ଲକ୍ଷ ୩୦ ହଜାର ଟଙ୍କା ଦେଇଥିଲେ । ୧.୯୦ଲକ୍ଷ ଟଙ୍କା ନେବା ପରେ ଅଭିଯୁକ୍ତ ଚିଣ୍ଟୁ ସୁନା ଅଳଙ୍କାର ଦେଇନଥିଲା କିମ୍ବା ତାଙ୍କ ଟଙ୍କା ଫେରାଇ ନଥିଲା । ବାରମ୍ବାର ଫୋନ୍‌ରେ ଗୌରୀ ଟଙ୍କା ମାଗିବାରୁ ସେ ଫୋନ୍ ବନ୍ଦ କରିଦେଇଥିଲା । ଉପାୟଶୂନ୍ୟ ହୋଇ ଗୌରୀ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ଆଧାରରେ ପୋଲିସ ଜୋକଲଣ୍ଡି ପ୍ଲଟ୍-୧୬୪୫ରେ ରହୁଥିବା ଚିଣ୍ଟୁ ଓରଫ ସୁଶାନ୍ତ ବେହେରାକୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

## ବିଏମ୍‌ସିର କର୍ପୋରେସନ ବୈଠକ

# ବଡ଼ ବଡ଼ ଡ୍ରେନରେ ଲାଗିବ ସେନ୍ସର୍

ଭୁବନେଶ୍ୱର (ସବ୍ୟୁ): ସହରରେ ଥିବା ବଡବଡ ଡ୍ରେନରେ ଲାଗିବ ସେନ୍ସର । ଫଳରେ ସଠିକ୍ ଭାବେ ପଙ୍କୋଦ୍ଧାର ହୋଇଛି କି ନାହିଁ ତାହା ଜଣାପଡିବ । ଏଥିସହ ବିଏମ୍‌ସି ଅଞ୍ଚଳରେ ଆମିଷ ବର୍ଜ୍ୟ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଯୋଜନା କରାଯାଇଛି । ଏହି ପ୍ଲାଣ୍ଟ



ପ୍ରତିଷ୍ଠା ହେଲେ ପଡୋଶୀ ସ୍ୱାୟତ୍ତ ଶାସନ ସଂସ୍ଥା ଉପକୃତ ହେବେ । ଏଥିପାଇଁ ବିଏମ୍‌ସିକୁ କୌଣସି ଅର୍ଥ ବ୍ୟୟ କରିବାକୁ ପଡିବ ନାହିଁ । ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବିଭିନ୍ନ ସ୍ଥାନରେ ଡଗ୍ ସେଲଟର ଖୋଲାଯିବ ବୋଲି ବିଏମସି କମିଶନର ଚଞ୍ଚଳ ରାଣା କହିଛନ୍ତି ।

କର୍ପୋରେଟରମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଓ ଗ୍ରୁପ୍ ବୀମା ସଂପର୍କରେ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ମଧ୍ୟ ଆଲୋଚନା ହୋଇଛି । ବିଏମ୍‌ସି ଅଧିନରେ ଥିବା ସମସ୍ତ ମେଡିକାଲକୁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁଦାନ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି । ବର୍ଷା ଦିନ ଆସିଯାଇଥିବାରୁ ବିଭିନ୍ନ ଓ୍ୱାର୍ଡରୁ ଗଛ ଡାଳ କାଟିବା ପାଇଁ ଅଧିକ ଗାଡି ଓ ମାନବ ସମ୍ବଳ ଯୋଗାଇ ଦେବାକୁ ଆଲୋଚନା ହୋଇଛି । ଭୁବନେଶ୍ୱରର ଯେଉଁ ଯେଉଁ ଅଞ୍ଚଳରେ ରଥଯାତ୍ରା ହେଉଛି, ସେହି ଅଞ୍ଚଳରେ ଝୁଲିଥିବା ବିଦ୍ୟୁତ ତାର ସଜାଡିବା ପାଇଁ ଟିପିସିଡିଓଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି ।

■ ସ୍ୱାସ୍ଥ୍ୟ ବୀମା କର୍ପୋରେଟରଙ୍କ ଦାବି
■ ଆମିଷ ବର୍ଜ୍ୟ ପ୍ରକ୍ରିୟାକରଣ ଲାଗି ପ୍ଲାଣ୍ଟ
■ ବିଭିନ୍ନ ସ୍ଥାନରେ ଖୋଲିବ ଡଗ୍ ସେଲଟର

ସେହିଭଳି ଯେଉଁ ରାସ୍ତା ଦେଇ ରଥ ଯିବ, ଉଭୟ ଆର୍‌ଆଣ୍ଡବି ଏବଂ ବିଏମ୍‌ସି ତୁରନ୍ତ ସେହି ରାସ୍ତାଗୁଡ଼ିକର ମରାମତି କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ବିଭିନ୍ନ ବିଭାଗ ରାସ୍ତା ଖୋଳି କାମ ତୁରନ୍ତ କରୁନଥିବାରୁ କ୍ଷୋଭ ପ୍ରକାଶ କରିଛନ୍ତି ବିଏମସି ମେୟର ସୁଲୋଚନା ଦାସ । ବର୍ଷା ଆରମ୍ଭ ହୋଇଯାଇଥିବାରୁ ଆଉ କୌଣସି ବିଭାଗ ଏବେ ରାସ୍ତା ଖୋଳି କାମ ନକରିବା ପାଇଁ ତାଗିଦ କରିଛନ୍ତି । ଅନ୍ୟମାନେ ରାସ୍ତା ଖୋଳୁଛନ୍ତି, ମାତ୍ର ସାଧାରଣ ଲୋକେ ବିଏମ୍‌ସିରେ ଅଭିଯୋଗ କରୁଛନ୍ତି । ଫଳରେ ବିଏମ୍‌ସିକୁ ଲୋକମାନଙ୍କ ରୋଷର ଶିକାର ହେବାକୁ ପଡୁଛି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ସାନିଟେସନ ମଲଫି ଟାକ୍ସିଂ ଆସିଷ୍ଟାଣ୍ଡ ଦିନ ରାତି କାର୍ଯ୍ୟ କରୁଥିବାରୁ ସେମାନଙ୍କର ପାଉଣା ଚୁକ୍ତି ଅନୁଯାୟୀ ପ୍ରତିବର୍ଷ ୧୦ ପ୍ରତିଶତ ବୃଦ୍ଧି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗଛ ଡାଳ କାଟିବା ପାଇଁ ପଦକ୍ଷେପ ନେବାକୁ ଉପବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମସ୍ତ କାର୍ଯ୍ୟର ସଂଯୋଜନା କରିଥିଲେ ଅତିରିକ୍ତ କମିଶନର ଶୁଭେନ୍ଦୁ କୁମାର ସାହୁ ।

## ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମୁଖ୍ୟ ସଞ୍ଚାଳକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା

କଟକ, (ସବ୍ୟୁ): ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମୁଖ୍ୟ ସଂଚାଳକ ଦିଲ୍ଲୀପ କୁମାର ସିହ୍ନା ଦୀର୍ଘ ୩୭ ବର୍ଷ ସଫଳ ଚାକିରୀ ଜୀବନରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ପଢିଆରୀ ପାଠାଗାର ଓ ସୂଚନା କେନ୍ଦ୍ର ଠାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ଉପ ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ, ଶ୍ରୀ ଆଶୁତୋଷ ପାଇକରାୟ, ପ୍ରାକ୍ତନ କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ, ଶ୍ରୀ ଭବାନୀ ଶଙ୍କର ଭୂୟାଁ, ଶ୍ରୀ ଅଶୋକ କୁମାର ଷଡ଼ଙ୍ଗୀ ଏହି ସମ୍ବର୍ଦ୍ଧନା ସଭାରେ ଅତିଥି ଭାବେ ଯୋଗଦେଇ ତାଙ୍କ କାର୍ଯ୍ୟ ଦକ୍ଷତା ସମ୍ବନ୍ଧରେ ଆଲୋକପାତ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସ୍ୱାଗତିକା ବେହେରା , ସୋନାଲି କୁଣ୍ଡ, ଅଭିରାମ ଦାସ, ତାପସ କୁମାର ଓଝା, ଶୈଳେନ୍ଦ୍ର ପଣ୍ଡା, ଶୁଭ୍ରାଂଶୁ ମିଶ୍ର, ବନଲତା ବେହେରା ଓ ତନ୍ମୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ତାଙ୍କ ଅପୂର୍ବ ସେବା, କର୍ମନିଷ୍ଠା ପୂର୍ବକ ଦୀର୍ଘଦିନର ଚାକିରୀ କାଳୀନ ସମୟର ସ୍ମୃତିଚାରଣ କରିଥିଲେ । ୧୯୮୯ ମସିହାରୁ ରାଉରକେଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସହକାରୀ ସଂଚାଳକ ଭାବେ ଯୋଗଦାନ କରିଥିଲେ । ଏହାପରେ ସେ ୧୯୯୫ ମସିହା ରେ କେନ୍ଦୁଝର ଜିଲ୍ଲାର ଚମ୍ପୁଆ ଉପଖଣ୍ଡରେ ଯୋଗଦାନ କରିଥିଲେ । ୩ମଇ୨୦୧୭ ମସିହାଠାରୁ ଆଜି ପର୍ଯ୍ୟନ୍ତ କଟକରେ ତାଙ୍କର ଅବଧି ଅତ୍ୟନ୍ତ ସ୍ମରଣୀୟ ରହିଛି, ଯେଉଁଠାରେ ତାଙ୍କର ବହୁବର୍ଗର ବ୍ୟକ୍ତିଙ୍କ ସହ ସୁସମ୍ପର୍କ ମଧ୍ୟ ସ୍ଥାପନ ହୋଇପାରିଛି ।

## ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ପାଳିତ

# ସୁରକ୍ଷିତ ବିଦ୍ୟୁତ୍ ବ୍ୟବହାର ଉପରେ ସଚେତନତା

ଖୋର୍ଦ୍ଧା, (ସବ୍ୟୁ): ଜାତୀୟ ବିଦ୍ୟୁତ୍ ସୁରକ୍ଷା ସପ୍ତାହ ଅବସରରେ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟରେ ବିଦ୍ୟୁତ୍ ର ସୁରକ୍ଷିତ, ସଠିକ୍ ଓ ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ରେ ଛାତ୍ରଛାତ୍ରୀମାନେ ବିଭିନ୍ନ ସ୍ଲୋଗାନ ଓ ସଚେତନତାମୂଳକ ବାର୍ତ୍ତା ପ୍ରଦର୍ଶନ କରି ବିଦ୍ୟୁତ୍ ସୁରକ୍ଷାର ଗୁରୁତ୍ୱ ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିଥିଲେ । ଏହି ଅବସରରେ ବିଦ୍ୟୁତ୍ ସୁରକ୍ଷା ଓ ଶକ୍ତି



ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରାର୍ଥନା ସଭାରେ ବିଦ୍ୟୁତ୍ ର ସୁରକ୍ଷିତ ବ୍ୟବହାର ଓ ଶକ୍ତି ସଂରକ୍ଷଣ ସମ୍ପର୍କିତ ଶପଥ ପାଠ ମାଧ୍ୟମରେ ହୋଇଥିଲା । ପରେ ବିଦ୍ୟାଳୟ ପରିସର ଏବଂ ଏହାର ଆଖପାଖ ଅଂଚଳରେ ବିଦ୍ୟୁତ୍ ସୁରକ୍ଷା ବାର୍ତ୍ତା ପ୍ରଚାର ପାଇଁ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଶୋଭାଯାତ୍ରା ସଂରକ୍ଷଣକୁ ବିଷୟବସ୍ତୁ କରି ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ୮୩ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ନିଜର ସୃଜନଶୀଳତା ଓ ବିଦ୍ୟୁତ୍ ସୁରକ୍ଷା ପ୍ରତି ସଚେତନତାର ପରିଚୟ ଦେଇଥିଲେ ।

ଅପରାହ୍ନ ରେ ୧୪୩ ଜଣ ଅଭିଭାବକଙ୍କ ଉପସ୍ଥିତିରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୂ ପ୍ରସାଦ ସେନାପତି ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀ ପ୍ରିୟଙ୍କା ସାହୁ ଯୋଗଦେଇ ବିଦ୍ୟୁତଜନିତ ଦୁର୍ଘଟଣାର କାରଣ, ଏହାର ପ୍ରତିକାର ଏବଂ ଦୈନନ୍ଦିନ ଜୀବନରେ ଏହି ଦୁର୍ଘଟଣାକୁ କିପରି ଏଡ଼ାଇ ହେବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ । ପରେ ଅନୁଷ୍ଠିତ ପ୍ରଶ୍ନୋତ୍ତର ପର୍ବରେ ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ, ଯାହାର ସନ୍ତୋଷଜନକ ଉତ୍ତର ମୁଖ୍ୟଅତିଥି ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମ ଶେଷରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଶ୍ରେଷ୍ଠ ୧୦ଜଣ ପ୍ରତିଯୋଗୀଙ୍କୁ ସ୍ମାରକ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସମସ୍ତ ଅଭିଭାବକ ବିଦ୍ୟୁତ୍ ସଂରକ୍ଷଣ, ସୁରକ୍ଷିତ ବ୍ୟବହାର ଏବଂ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ରୋକିବା ପାଇଁ ସଚେତନ ରହିବାର ଶପଥ ଗ୍ରହଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟକ୍ର ପରିଚାଳନାରେ ସହଯୋଗ କରିଥିଲେ ।

# ବାଣପୁର ଯୁବକକୁ ପିଟିପିଟି ହତ୍ୟା ଘଟଣା : ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ବାଣପୁର ଥାନା ଅନ୍ତର୍ଗତ ଖଣତ ଗାଁ ରେ ଯୁବକ କୁ ଖୁଁଟ ରେ ବାନ୍ଧି ବାଡ଼େଇବା ଘଟଣା ରେ ଦୁଇ ଜଣ ଗିରଫ ହୋଇଛନ୍ତି । ଗିରଫ ଦ୍ୱୟ ହେଲେ ପବିତ୍ର ରାଉତ (୫୧) ଓ ଶରତ କୁମାର ସ୍ୱାଇଁ (୬୦) । ଅନ୍ୟ ଅଭିଯୁକ୍ତମାନଙ୍କୁ ଖୋର୍ଦ୍ଧା ଏସପି ଙ୍କ ନିର୍ଦ୍ଦେଶ ରେ ଏକ ଟିମ୍ ବିଭିନ୍ନ ସ୍ଥାନ ରେ ଚଢ଼ାଉ କରି ଖୋଜୁଛି । ମୃତ ତୋଫାନଙ୍କ ପତ୍ନୀ ସସ୍ମିତାଙ୍କ ଅଭିଯୋଗ କରିବା ପରେ ପୁଲିସ ବିଏନଏସ୍ ଧାରା ୨୯୬ (ମୃତ୍ୟୁ ଘଟାଇବା), ୧୦୩(୧) (ହତ୍ୟା), ୩(୫) (ଅପରାଧର ବହୁବିଧ ଦଣ୍ଡ), ଏବଂ ଏସସି/ଏସଟି (ପିଓଏ) ଅଧିନିୟମ ଧାରା ୩(୧)(ଆର)/(ଏସ) (ଅତ୍ୟାଚାର) ଓ ୩(୨)(ଭି-ଏ) (ସ୍ୱତନ୍ତ୍ର ଅପରାଧ) ଅନୁଯାୟୀ ୨୫୪/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଗତ ୨୮ ତାରିଖ ଦିନ ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗାଁ ର ତୋଫାନ ନାୟକ ଜଣେ ୩୨ବର୍ଷୀୟ ଯୁବକ ଖଣତ ଗାଁ କୁ ଯାଇ ଜଣେ ପୂର୍ବତନ ସରପଂଚ ଙ୍କ କବାଟ ବାଡେଇଥିଲା । ଚୋର ସନ୍ଦେହ ରେ ସେଇ ଗାଁ ର କିଛି ଲୋକ ତୋଫାନ କୁ ଖୁଁଟି ରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ । ଘଟଣା ସମ୍ପର୍କରେ ପୋଲିସ କୁ ଖବର ମିଳିଥିଲା । ପୋଲିସ ତୁରନ୍ତ ଘଟଣାସ୍ଥଳ ରେ ପହଁଚି ଆକ୍ରମଣକାରୀ ଙ୍କ କବଳ ରୁ ତୋଫାନ କୁ ଉଦ୍ଧାର କରି ଥାନା କୁ ଆଣିଥିଲା । ପୋଲିସ ଆହତ ଅବସ୍ଥା ରେ ତୋଫାନ କୁ ମେଡିକାଲ ନ ନେଇ ଥାନାରେ ରଖି ତାଙ୍କ ପରିବାର କୁ ଖବର ଦେଇଥିଲା । ପରିବାର ଲୋକ ପହଁଚି ତୋଫାନ କୁ ଘରକୁ ନେବା ସମୟ ରେ ବାଣପୁର ପୋଲିସ ପରିବାର ଲୋକଙ୍କ ଠାରୁ ସୁସ୍ଥ ଅବସ୍ଥାରେ ନେଉଛୁ ବୋଲି ଏକ ଲେଖା ରଖିଥିଲା । ଘରେ ତୋଫାନ ର ଦେହ ଖରାପ ହେବାରୁ ବାଣପୁର ମେଡିକାଲ ରେ ଚିକିତ୍ସା ପାଇଁ ପରିବାର ଲୋକ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାକୁ ଭୁବନେଶ୍ୱର ପଠାଇଥିଲେ ।

# ମୁଖ୍ୟ ସଚିବଙ୍କ ପ୍ରମୁଖ ବ୍ୟକ୍ତିଗତ ସଚିବ ସୁରେଶ ଚନ୍ଦ୍ର କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟ ଶାସନ ସଚିବଙ୍କ ପ୍ରମୁଖ ବ୍ୟକ୍ତିଗତ ସଚିବ ସୁରେଶ ଚନ୍ଦ୍ର କରଙ୍କୁ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ତରଫରୁ ଏକ ଅବସରକାଳୀନ ସମ୍ବର୍ଦ୍ଧନା ଲୋକସେବା ଭବନ ଦ୍ୱିତୀୟ ମହଲାସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ ପାଇଁ ଦୀର୍ଘ ୩୫ ବର୍ଷର ନିଷ୍ଠାପର ସେବା ଓ ଦାୟିତ୍ୱ ନିର୍ବାହ ପରେ ଶ୍ରୀ କର ମଙ୍ଗଳବାର ସରକାରୀ ସେବାରୁ ନିବୃତ୍ତି ନେଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅବସରକାଳୀନ ସମ୍ବର୍ଦ୍ଧନା ସଭାକୁ ମୁଖ୍ୟ ଶାସନ ସଚିବଙ୍କ ସ୍ୱତନ୍ତ୍ର ଭାରପ୍ରାପ୍ତ ଅଧିକାରୀ କଲ୍ୟାଣ କୁମାର ରଥ ଓ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟର ପରାମର୍ଶଦାତା ଦେବେନ୍ଦ୍ର କୁମାର ଜେନା ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ନିଜ ଉଦବୋଧନରେ ଶ୍ରୀ କରଙ୍କ ନିଷ୍ଠା, କର୍ମଦକ୍ଷତା ଏବଂ ସମର୍ପିତ ସେବାଭାବର ଉଚ୍ଚ ପ୍ରଶଂସା କରିଥିଲେ । ସେ କହିଥିଲେ ଯେ, ଶ୍ରୀ କର ନିଜର ଦୀର୍ଘ କର୍ମମୟ ଜୀବନରେ ବିଭିନ୍ନ ଦାୟିତ୍ୱକୁ ସଫଳତାର ସହ ନିର୍ବାହ କରି ସରକାରୀ



ପ୍ରଶାସନରେ ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି । ଏହା ସହିତ ମୁଖ୍ୟ ଶାସନ ସଚିବ ଶ୍ରୀ କରଙ୍କ ଅବସରକାଳୀନ ସୁସ୍ଥ ଓ ସୁଖମୟ ଜୀବନ କାମନା କରି ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ ବରିଷ୍ଠ ଅଧିକାରୀଗଣ, କର୍ମଚାରୀ ଓ ସହକର୍ମୀମାନେ ଉପସ୍ଥିତ ରହି ଶ୍ରୀ କରଙ୍କ ଦୀର୍ଘ ସେବାକାଳୀନ ଅବଦାନକୁ ସ୍ମରଣ କରିବା ସହ ତାଙ୍କୁ ଭାବବିହ୍ୱଳ ବିଦାୟ ଜଣାଇଥିଲେ । ଶେଷରେ ଶ୍ରୀ କର ନିଜ ବକ୍ତବ୍ୟରେ ମୁଖ୍ୟ ଶାସନ ସଚିବଙ୍କ ସହ ସମସ୍ତ ବରିଷ୍ଠ ଅଧିକାରୀ, ସହକର୍ମୀ ଏବଂ କର୍ମଚାରୀମାନଙ୍କ ନିକଟରୁ ପାଇଥିବା ସହଯୋଗ ଓ ସ୍ନେହ ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ।

## ଛୁଟିରେ ଯାଇ ଜେଲ୍‌କୁ ଫେରିନଥିବା ହତ୍ୟାକାରୀ ୯ବର୍ଷ ପରେ ପଞ୍ଜାବରୁ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜେଲ୍‌ରୁ ୧୪ଦିନ ପାଇଁ ପାରୋଲରେ (ଛୁଟିରେ) ଯାଇଥିବା ହତ୍ୟାକାରୀ ସାଜିଦ୍ ଖାନ୍‌କୁ ୯ ବର୍ଷ ପରେ ପଞ୍ଜାବ ଅମୃତସରରୁ ଗିରଫ କରିଛି କମିଶନରେଟ୍ ପୋଲିସ । ସାଜିଦ୍ ସମ୍ପର୍କରେ ପୋଲିସ କମିଶନର ଏସ୍.ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଥିଲେ ଯେ, ସେ ୨୦୧୭ ମସିହାରେ ଛୁଟିରେ ଯାଇ ଆଉ ଜେଲ୍‌କୁ ଫେରିନଥିଲା । ୨୦୨୫ ମସିହାରେ ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଏତଲା କରିବା ପରେ ପୋଲିସ ତଦନ୍ତ ଜାରି ରଖିଥିଲା । ଏକ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ପଞ୍ଜାବ ଅମୃତସର ଏକ ସ୍ୱତନ୍ତ୍ର ଟିମ୍ ଯାଇ ସାଜିଦକୁ ଗିରଫ କରି ଓଡ଼ିଶା ଆଣିଛି । ଜଗତପୁର ଅଞ୍ଚଳର ଏକ ହତ୍ୟାକାଣ୍ଡରେ ସାଜିଦ୍‌କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା । ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ହେବା ସହ କୋର୍ଟକୁ ସାକ୍ଷ୍ୟ ପ୍ରମାଣ ଯୋଗାଇ ଦିଆଯାଇଥିଲା । ସାକ୍ଷ୍ୟ ପ୍ରମାଣକୁ ଆଧାର କରି ସାଜିଦକୁ କୋର୍ଟ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ସେ ଚୌଦ୍ୱାର ଜେଲ୍‌ରେ ଥିଲା । ୨୦୧୭ ମସିହାରେ ପାରୋଲରେ ଯାଇ ଆଉ ଫେରିନଥିଲା ।

# ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ : ଜିଲ୍ଲାପାଳ

ପୁରୀ (ସବ୍ୟୁ): ଆସନ୍ତା ଜୁଲାଇ ୧୬ ରେ ଅନୁଷ୍ଠିତ ହେବାକୁ ଯାଉଥିବା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ପାଇଁ ସମସ୍ତ ବ୍ୟବସ୍ଥା ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଶ୍ରଦ୍ଧାଳୁ ମାନଙ୍କ ଶୃଙ୍ଖଳିତ ଓ ସୁରକ୍ଷିତ ଦର୍ଶନ ସହ ଅତ୍ୟାବଶ୍ୟକ ବ୍ୟବସ୍ଥା ପାଇଁ ସମସ୍ତ ବନ୍ଦୋବସ୍ତ କରାଯାଇଛି ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା । ସ୍ନାନଯାତ୍ରା ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମାପନ ହୋଇ ଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଜିଲ୍ଲାପାଳ ଶ୍ରୀ ପରିଡା ଆଗାମୀ ରଥଯାତ୍ରାକୁ ମହାପ୍ରଭୁଙ୍କ ଆଶୀର୍ବାଦ ରେ, ସମସ୍ତଙ୍କ ସହଯୋଗ ରେ ସୁନ୍ଦର ଭାବେ ପରିଚାଳନା ପାଇଁ ଅନୁରୋଧ କରିଛନ୍ତି । ରଥ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରାସ୍ତା ଘାଟ ମରାମତି, ଦର୍ଶନ ପାଇଁ ବ୍ୟାରିକେଡ ବ୍ୟବସ୍ଥା, ଖରା ହେଲେ ଜଳ ସିଞ୍ଚନ ବ୍ୟବସ୍ଥା, ଅଧିକ ବର୍ଷା ହେଲେ ଜଳ ନିଷ୍କାସନ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ପାଇଁ ଅଧିକ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର ସହ ଚିକିତ୍ସକ ଓ ପାରା ମେଡିକାଲ ଙ୍କ ବ୍ୟବସ୍ଥା, ଅଧିକ ଆମ୍ବୁଲାନ୍ସ ବ୍ୟବସ୍ଥା, ଆମ୍ବୁଲାନ୍ସ ଗମନାଗମନ



ପାଇଁ ବ୍ୟବସ୍ଥା, ଅଧିକ ସ୍ୱେଚ୍ଛାସେବୀ ନିୟୋଜନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନେ ବଣ୍ଟନ କରିବାକୁ ଥିବା ବିଭିନ୍ନ ସହାୟତା ପାଇଁ ସ୍ୱତନ୍ତ୍ର ସ୍ଥାନ ନିର୍ଦ୍ଧାରଣ, ପାନୀୟ ଜଳର ବ୍ୟାପକ ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା, ଅଧିକ ପାର୍କିଂ ସ୍ଥଳର ବ୍ୟବସ୍ଥା, ଟ୍ରାଫିକ ପରିଚାଳନା ସହ ଅଧିକ ସୁରକ୍ଷା କର୍ମୀ ନିୟୋଜନ, ସମସ୍ତ କାର୍ଯ୍ୟ କୁ ନିୟନ୍ତ୍ରଣ ପାଇଁ ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ, ଶ୍ରଦ୍ଧାଳୁ ମାନଙ୍କୁ ବିବିଧ ସୂଚନା ପ୍ରଦାନ ପାଇଁ ସୂଚନା କେନ୍ଦ୍ର ବ୍ୟବସ୍ଥା, ଏଲଇଡି ଟିଭିର ବ୍ୟବସ୍ଥା, ସହରକୁ ପରିଷ୍କାର ପରିଚ୍ଛନ୍ନତା ପାଇଁ ଅଧିକ ସଫେଇ କର୍ମଚାରୀ ନିୟୋଜନ, ବିଦ୍ୟୁତ ବ୍ୟବସ୍ଥା କୁ ଅଧିକ ସୁଦୃଢ ବ୍ୟବସ୍ଥା, ଗମନାଗମନ ପାଇଁ ଅଧିକ ଟ୍ରେନ, ବସ ଚଳାଚଳ ଇତ୍ୟାଦି ସମସ୍ତ ବ୍ୟବସ୍ଥାକୁ ଚୂଡାନ୍ତ କରାଯାଇଛି । ସର୍ବୋପରି ଶ୍ରଦ୍ଧାଳୁ ମାନେ ଯେମିତି ଏକ ସୁଖଦ ଓ ସୁନ୍ଦର ଅନୁଭବ ନେଇ ମହାପ୍ରଭୁଙ୍କ ଦର୍ଶନ ଭଲ ଭାବରେ କରି ଫେରିବେ ସେଥିପାଇଁ ସରକାର ଓ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛନ୍ତି ବୋଲି ଜିଲ୍ଲାପାଳ ଶ୍ରୀ ପରିଡା ସୂଚନା ଦେଇଛନ୍ତି ।

# ଯାତ୍ରୀବାହୀ ଅଟୋ ସହ ଟ୍ରକ ଧକ୍କା: ଗୋଟିଏ ପରିବାରର ୫ ଗୁରୁତର



ଧରାକୋଟ, (ସବ୍ୟ) : ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ରେଣ୍ଟୀ ଦାମୋଦରପଲ୍ଲୀ ନିକଟରେ ସୋମବାର ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଛି । ଏକ ଯାତ୍ରୀବାହୀ ଅଟୋ ସହ ବିପରୀତ ଦିଗରୁ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକର ମୁହାଁମୁହିଁ ଧକ୍କା ହେବାରୁ ଅଟୋରେ ଯାତ୍ରା କରୁଥିବା ଗୋଟିଏ ପରିବାରର ପାଞ୍ଚ ଜଣ ସଦସ୍ୟ ଗୁରୁତର ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ କିଛି ସମୟ ପାଇଁ ଉତ୍ତେଜନା ଓ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା । ଆହତମାନଙ୍କ ମଧ୍ୟରେ ୪୨ ବର୍ଷୀୟ ସୋମନାଥ ନାୟକ, ୧୮ ବର୍ଷୀୟା ସୁପ୍ରିୟା ପଟ୍ଟନାୟକ, ୪୫ ବର୍ଷୀୟା ଛବିତା ପଟ୍ଟନାୟକ, ୫୦ ବର୍ଷୀୟା ମାମାଲି ପଟ୍ଟନାୟକ ଏବଂ ୫୮ ବର୍ଷୀୟ ହରିହର ପଟ୍ଟନାୟକ ରହିଛନ୍ତି । ସେମାନେ ସମସ୍ତେ ବ୍ରହ୍ମପୁର ସହରର ଗୌତମନଗର ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଉକ୍ତ ପରିବାର ଏକ ଯାତ୍ରୀବାହୀ ଅଟୋରେ ବ୍ରହ୍ମପୁରରୁ ନୂଆଁଗଡ଼ ଅଭିମୁଖେ ଯାଉଥିଲେ । ସେହି ସମୟରେ ରେଣ୍ଟୀ ଦାମୋଦରପଲ୍ଲୀ ନିକଟରେ ବିପରୀତ ଦିଗରୁ ଦ୍ରୁତ ବେଗରେ ଆସୁଥିବା ଏକ ଟ୍ରକ ନିୟନ୍ତ୍ରଣ ହରାଇ ଅଟୋକୁ ସାମ୍ନାସାମ୍ନି ଧକ୍କା ଦେଇଥିଲା । ଧକ୍କା ଏତେ ପ୍ରଚଣ୍ଡ ଥିଲା ଯେ ଅଟୋଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଥିଲା ଏବଂ ତାହାରେ ଥିବା ସମସ୍ତ ଯାତ୍ରୀ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ପରେ ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ । ଅଟୋରେ ଫସି ରହିଥିବା ଆହତମାନଙ୍କୁ ବାହାର କରି ତୁରନ୍ତ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥିତ ଏମ୍.କେ.ସି.ଜି. ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ସେମାନଙ୍କର ଚିକିତ୍ସା ଜାରି ରହିଛି ।

ଖବର ପାଇ ଧରାକୋଟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି କ୍ଷତିଗ୍ରସ୍ତ ଯାନଗୁଡ଼ିକୁ ରାସ୍ତାରୁ ହଟାଇବା ସହ ଯାତାୟାତ ସ୍ୱାଭାବିକ କରିଥିଲେ । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଦୁର୍ଘଟଣାର ପ୍ରକୃତ କାରଣ ଅନୁସନ୍ଧାନ କରୁଛି । ପ୍ରାଥମିକ ତଦନ୍ତରୁ ଟ୍ରକର ଦ୍ରୁତ ଗତି ଏବଂ ବେପରୁଆ ଚାଳନା ଦୁର୍ଘଟଣାର ଏକ ପ୍ରମୁଖ କାରଣ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି । ତେବେ ସମ୍ପୂର୍ଣ୍ଣ ତଦନ୍ତ ପରେ ଦୁର୍ଘଟଣାର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ସୂଚନା ଦେଇଛି ।

ଏହି ଦୁର୍ଘଟଣା ପୁଣିଥରେ ରାଜପଥରେ ବେପରୁଆ ଗାଡ଼ି ଚାଳନା ଓ ଅତ୍ୟଧିକ ବେଗ ଯୋଗୁଁ ବଢୁଥିବା ସଡ଼କ ଦୁର୍ଘଟଣାକୁ ନେଇ ଚିନ୍ତା ବଢ଼ାଇଛି । ସଡ଼କ ସୁରକ୍ଷା ନିୟମକୁ କଡ଼ାକଡ଼ି ପାଳନ କରିବା ସହ ଦ୍ରୁତ ଗତିରେ ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା-୨୦୨୬ ପାଇଁ ପ୍ରସ୍ତୁତି ବୈଠକ




ବାରିପଦା, (ସବ୍ୟ) : ଚଳିତ ବର୍ଷ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ରଥଯାତ୍ରା-୨୦୨୬କୁ ଶାନ୍ତି, ଶୃଙ୍ଖଳା, ସୁରକ୍ଷା ଏବଂ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୁପରିଚାଳନା କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତ%ୀବଧାନରେ ବାରିପଦା ଦେବୋତ୍ତର ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ଓ ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ବିଧାୟକ ପ୍ରକାଶ ସୋରେନ, ବିଧାୟକ ଭାସ୍କର ମଢେଇ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲାପାଳ ହେମକାନ୍ତ ସୟ, ବାରିପଦା ପୌରପାଳିକା ଅଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଡୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ଚନ୍ଦ୍ର ନାଏକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଧର୍ମାନନ୍ଦ ବେହେରା, ବାରିପଦା ଉପ-ଜିଲ୍ଲାପାଳ କସ୍ତୁରୀ ପଣ୍ଡା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ । ବୈଠକରେ ରଥ ନିର୍ମାଣ, ନୀତିକାନ୍ତି ପାଳନ, ସୁରକ୍ଷା ବ୍ୟବସ୍ଥା, ବିଦ୍ୟୁତ ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ସ୍ୱଚ୍ଛତା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ, ସିସିଟିଭି ନଜରଦାରୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମ୍ପୃକ୍ତ ସମସ୍ତ ବିଭାଗ, ଦେବୋତ୍ତର ବିଭାଗ ଓ ସେବାୟତମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ସମସ୍ତ ପ୍ରସ୍ତୁତି କାର୍ଯ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପନ୍ନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବୈଠକରେ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ରଥଯାତ୍ରା ରାଜ୍ୟର ଏକ ପ୍ରମୁଖ ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରମ୍ପରା । ଏହି ପବିତ୍ର ଉତ୍ସବକୁ ମହାପ୍ରଭୁଙ୍କ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ ସୁରକ୍ଷିତ, ସୁବ୍ୟବସ୍ଥିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ସମସ୍ତ ବିଭାଗ, ସେବାୟତ ଓ ଜନସାଧାରଣଙ୍କ ସମନ୍ୱିତ ସହଯୋଗ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ଜିଲ୍ଲାପାଳ ହେମକାନ୍ତ ସୟ କହିଥିଲେ ଯେ, ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ରଥଯାତ୍ରାକୁ ସୁଚାରୁ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ଏବଂ ପ୍ରତ୍ୟେକ ବିଭାଗକୁ ସମୟବଦ୍ଧ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ରଥଯାତ୍ରାର କାର୍ଯ୍ୟନିର୍ଘଣ୍ଟ ଓ ପ୍ରସ୍ତୁତି ସମ୍ପର୍କିତ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା । ରଥଯାତ୍ରା ସମୟରେ ବଡଦାଣ୍ଡ ଏବଂ ସହରର ବିଭିନ୍ନ ସ୍ଥାନରେ ପର୍ଯ୍ୟାପ୍ତ ବିଦ୍ୟୁତ ଆଲୋକୀକରଣ, ଯଥେଷ୍ଟ ପୋଲିସ ମୁତୟନ, ଟ୍ରାଫିକ ପରିଚାଳନା, ସିସିଟିଭି ନଜରଦାରୀ ଓ ସ୍ୱେଚ୍ଛାସେବୀମାନଙ୍କୁ ସେବାମୂଳକ କାର୍ଯ୍ୟରେ ନିୟୋଜିତ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପାନୀୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା, ବଡଦାଣ୍ଡରେ ଆମିଷ ଖାଦ୍ୟ ପ୍ରସ୍ତୁତି ଓ ବିକ୍ରୟକୁ ସମ୍ପୂର୍ଣ୍ଣ ନିଷେଧ କରିବା, ମଦ ଦୋକାନଗୁଡ଼ିକୁ ବନ୍ଦ ରଖିବା ସହ ନିୟମିତ ଚଢ଼ାଉ କରିବା ପାଇଁ ସମ୍ପୃକ୍ତ ବିଭାଗମାନଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଦେବୋତ୍ତର ବିଭାଗର କର୍ମକର୍ତ୍ତା, ସେବାୟତ, ରଥ ମହାରଣା, ରଥ ମହାପାତ୍ର, ପରିଛା ଏବଂ ସହରର ବିଶିଷ୍ଟ ବ୍ୟକ୍ତିବିଶେଷମାନେ ଯୋଗଦେଇ ରଥଯାତ୍ରାର ସଫଳ ଆୟୋଜନ ନିମନ୍ତେ ନିଜ ନିଜର ସୁଚିନ୍ତିତ ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ ।

## ଡ୍ରିମ୍ସ ଓ କିଡସ୍ ଟେକ୍ନୋସୋଲ୍ସ ମଧ୍ୟରେ ବୁଝାମଣାପତ୍ର




କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଓ କିଡସ୍ ଟେକ୍ନୋସୋଲ୍ସ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ଏହା ଦ୍ୱାରା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ବୈଷୟିକ ତାଲିମ୍, ସଫଟ ସ୍କିଲ ବିକାଶ, ନିଯୁକ୍ତି ସୁଯୋଗ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ସହାୟତା ପାଇବା ସହିତ ଶିକ୍ଷା ଓ ଶିଳ୍ପ କ୍ଷେତ୍ରରେ ରହିଥିବା ଦୂରତା ହ୍ରାସ ପାଇବ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣ ପ୍ରସାଦ ପତି, ସହ ରେଜିଷ୍ଟ୍ରାର ଇଂ ଶିଶିର କୁମାର ସାହୁ, ସ୍କୁଲ ଅଫ ପ୍ରଫେସନାଲ ଷ୍ଟଡିଜ୍‌ର ଡିନ୍ ଡ. ବିଶ୍ୱରଂଜନ ଷଡଙ୍ଗୀ, ଡିନ୍ (ଗବେଷଣା) ପ୍ରଫେସର ବିଶ୍ୱ ରଂଜନ ମହାନ୍ତି ଏବଂ କିଡସ୍ ଟେକ୍ନୋସୋଲ୍ସ ପକ୍ଷରୁ ସିଇଓ ବିରଞ୍ଚି ନାରାୟଣ ସାହୁ, ମାର୍କେଟିଂ ବିଭାଗ ମୁଖ୍ୟ ରଜତ କୁମାର ମିଶ୍ର ପ୍ରମୁଖ ବୁଝାମଣା ପତ୍ର ସ୍ୱାକ୍ଷର ବେଳେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଏଭଳି ପଦକ୍ଷେପକୁ ସ୍ୱାଗତ କରିବା ସହ ଜ୍ଞାନର ଆଦାନପ୍ରଦାନ, ଦକ୍ଷତା ବିକାଶ, ଶିଳ୍ପ ଅଭିମୁଖୀ ତାଲିମ୍, କ୍ୟାରିୟର ବିକାଶ କ୍ଷେତ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟିହେବା ବୋଲି ମତ ପ୍ରକାଶ କରିଥିଲେ । ସୂଚନାଯୋଗ୍ୟ, କିଡସ୍ ଟେକ୍ନୋସୋଲ୍ସ ହେଉଛି ଏକ ବିଶ୍ୱସ୍ତରୀୟ ବୃତ୍ତିଗତ ସେବା ପ୍ରଦାନକାରୀ ସଂସ୍ଥା ଯାହାର ଟେକନୋଲୋଜି, ଆଇଟି ଏବଂ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଦୀର୍ଘ ବର୍ଷର ପ୍ରଭାବୀ ଭୂମିକା ରହିଛି ।

## ପାଟରା ସମାଜ, ମୟୁରଭଞ୍ଜର ସ୍ଥାପନା ଦିବସ

ବାରିପଦା, (ସବ୍ୟ) : କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ପାଟରା ସମାଜ, ମୟୁରଭଞ୍ଜର ସ୍ଥାପନା ଦିବସ ପାଳିତ ହୋଇଯାଇଛି । ଜୟନ୍ତ କୁମାର ସେନାପତି, ସମରେନ୍ଦ୍ର କୁମାର ବଶା, ମାନସ ରଞ୍ଜନ ମହାପାତ୍ର, ଚିତ୍ରରଞ୍ଜନ ସାହୁ, ସ୍ୱରୂପ କୁମାର ବଶା, ବୀରେନ୍ଦ୍ର ନାଥ ବଶା, କିଶୋର କୁମାର ବଶା, ଆଶିଷ କୁମାର ବଶା, ଅରୁଣ କୁମାର ମହାପାତ୍ର, ଜ୍ୟୋତି ପ୍ରକାଶ ବଶା, ସଞ୍ଜୟ କୁମାର ନାୟକ ଓ ଅନ୍ୟ ସଭ୍ୟମାନଙ୍କ ଉପସ୍ଥିତିରେ ସଂଗଠନର ପଞ୍ଜୀକରଣ କରାଯିବା ସହ ଉପବିଧି ପ୍ରସ୍ତୁତି ଏବଂ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ କମିଟି ଗଠନ, ସଂଗଠନର ପ୍ରତୀକ ସ୍ଥିରୀକୃତ କରିବା, ସଂଗଠନର ପ୍ରାଥମିକ ପାଣ୍ଠି ଗଠନ କରିବା ଓ ମୟୁରଭଞ୍ଜ ଜିଲ୍ଲା ଅଧୀନରେ ଥିବା ସମସ୍ତ ବ୍ଲକ ତଥା ଉପଖଣ୍ଡରେ ସଭା ମାଧ୍ୟମରେ ସଂଗଠନର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ପାଟରା ସମାଜ, ମୟୁରଭଞ୍ଜ ଗଠନର ମୂଳ ଉଦ୍ଦେଶ୍ୟ ହେଉଛି ମୟୁରଭଞ୍ଜ ଜିଲ୍ଲାର ସମସ୍ତ ପାଟରା ପରିବାରର ସଦସ୍ୟ ମାନଙ୍କ ଭିତରେ ସମନ୍ୱୟ ରକ୍ଷା କରିବା, ସହାୟତାର ହାତ ବଢେଇବା ଓ ସମାଜରେ କଲ୍ୟାଣ ମୂଳକ କାର୍ଯ୍ୟ କରିବା । ଏହି ସଂଗଠନକୁ ଏକ ବଳିଷ୍ଠ ଓ ପୂର୍ଣ୍ଣାଙ୍ଗ ରୂପରେ ପ୍ରତିଷ୍ଠା କରିବା ଆସନ୍ତା ଜୁଲାଇ ମାସ ୧୨ ତାରିଖ ବୈଠକରେ ଏହାର ରୂପରେଖ ପ୍ରସ୍ତୁତ କରାଯିବ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଛି ।

## ସିପିଆଇ(ଏମ୍-ଏଲ୍) ରେଡ୍ ଷ୍ଟାର ୪ର୍ଥ ଜିଲ୍ଲା ସମ୍ମିଳନୀ

ଆସିକା, (ସବ୍ୟ) : ସି.ପି.ଆଇ(ଏମ୍-ଏଲ୍) ରେଡ୍ ଷ୍ଟାର ୪ର୍ଥ ଗଞ୍ଜାମ ଜିଲ୍ଲା ସମ୍ମିଳନୀ ଆସିକା ଟାଉନ ହଲରେ ଆଜି ଅନୁଷ୍ଠିତ ହୋଇଛି । ଏହି ସମ୍ମିଳନୀରେ ୧୧ ଜଣ ଜିଲ୍ଲା କମିଟି ସଦସ୍ୟ ଏବଂ ପି.ପାର୍ବତୀ ଜିଲ୍ଲା ସଂପାଦିକା ନିର୍ବାଚିତ ହୋଇଛନ୍ତି । ବିଦାୟୀ ସଂପାଦକ ଶଙ୍କର ଇନକିଲାବ ଲାଲ୍ ପତକା ଉତ୍ତୋଳନ କରିଥିଲେ ଏବଂ ଶହୀଦ୍ ବେଦୀରେ ସମସ୍ତ ସାଥୀ ପୁଷ୍ପ ଅର୍ପଣ କରିଥିଲେ । ସିପିଆଇ (ଏମ୍-ଏଲ୍) ରେଡଷ୍ଟାରର ରାଜ୍ୟ ସଂପାଦିକା ଆନୁଷ୍ଠାନିକ ଭାବରେ ୪ର୍ଥ ଗଞ୍ଜାମ ଜିଲ୍ଲା ସମ୍ମିଳନୀକୁ ଉଦଘାଟନ କରି ଡବଲ ଇଞ୍ଜିନ ସରକାର ଡବଲ ବିନାଶକାରୀ ସରକାର ପାଲଟିଛି । ଏଥିପାଇଁ କମ୍ୟୁନିଷ୍ଟ ଆନ୍ଦୋଳନକୁ ତୀବ୍ରତର କରି ଜନସାଧାରଣଙ୍କ ଅଧିକାର ହାସଲ କରିବାକୁ ବୋଲି ବକ୍ତବ୍ୟରେ ରଖିଥିଲେ । ତତ୍ ସହିତ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରି ଆସିକା ମାଟିର ସ୍ୱତନ୍ତ୍ର ପରିଚୟ ଆଣିଦେଇଥିବା ମେଧାବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ୧୦ମ ସ୍ଥାନ ଦଖଲ କରିଥିବା ଇତିଶ୍ରୀ ଜେନାଙ୍କ ବାପା ପ୍ରକାଶ ଜେନା ଏବଂ ମାତା ଗାୟତ୍ରୀ ଜେନା, ୬୩ତମ ସ୍ଥାନ ହାସଲ କରିଥିବା ସ୍ନିଗ୍ଧା ସେନାପତିଙ୍କ ପିତା ତାରିଣୀ ସେନାପତି ମାନପତ୍ର ସହ ଉପଢୌକନ ରାଜ୍ୟ ସଂପାଦିକାଙ୍କ ହାତରୁ ଗ୍ରହଣ କରିଥିଲେ । ଏହାକୁ ଆଲୋଚନା କରି ଗୃହିତ କରାଯାଇଥିଲା । ୧୧ ଜଣ ପ୍ରତିନିଧି ଏବଂ ୪ ଜଣ ପର୍ଯ୍ୟବେକ୍ଷକ ଆସନ୍ତା ୨୮/୨୯ ଜୁଲାଇ ୨୦୨୬ ରେ ଲୋହିଆ ଏକାଡେମୀ ଠାରେ ଆୟୋଜିତ ହେବାକୁ ଥିବା ୮ମ ରାଜ୍ୟ ସମ୍ମୀଳନୀକୁ ନିର୍ବାଚିତ ହୋଇଛନ୍ତି । ଏହି ସମ୍ମିଳନୀରେ ୪ଟି ନିର୍ଦ୍ଧାରଣ ୪ ଶ୍ରମ ସଂହିତା ବାତିଲ କରିବା, କୃଷକମାନଙ୍କର ନ୍ୟାଯ୍ୟ ଦାବି, ବେକାରୀ ସମସ୍ୟା, ଦରଦାମ ବୃଦ୍ଧି, ସରକାରୀ ଯୋଜନାରେ ଦୁର୍ନୀତି ଏବଂ ସାଧାରଣ ଗରିବ ଶ୍ରେଣୀର ଲୋକଙ୍କ କଲ୍ୟାଣ, ଦେଶରେ ଗଣତନ୍ତ୍ର ଏବଂ ସାମ୍ବିଧାନିକ ମୂଲ୍ୟବୋଧ ଉପରେ ହେଉଥିବା ଆକ୍ରମଣ ବିରୋଧରେ ଗଣତାନ୍ତ୍ରିକ ଆନ୍ଦୋଳନକୁ ଜୋରଦାର କରିବା, ଆଦିବାସୀ, ଦଳିତ ଏବଂ ବିସ୍ଥାପିତ ଜନସାଧାରଣଙ୍କ ସୁରକ୍ଷା ଆଦି ଉପରେ ପ୍ରସ୍ତାବ ଗୃହୀତ ହୋଇଥିଲା ।

# ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ

ଜଗତସିଂହପୁର, (ସବ୍ୟୁ) : ମଙ୍ଗଳବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଓଡ଼ିଶା ରାଜ୍ୟ ମହିଳା କମିଶନଙ୍କ ଶିବିର ଅଦାଲତ ଅନୁଷ୍ଠିତ ହୋଇଯାଇଛି । କମିଶନ ଅଧ୍ୟକ୍ଷା ଶୋଭନା ମହାନ୍ତିଙ୍କ ଅଧ୍ୟକ୍ଷତା ରେ ଆୟୋଜିତ ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ, ଡି ଏସ ପି ଶ୍ରୀମତୀ ପ୍ରଜ୍ଞା ମିଶ୍ରଙ୍କ ସମେତ କମିଶନର ସଦସ୍ୟ ସଦସ୍ୟା ଶ୍ରୀମତୀ ପ୍ରତିଭା ଶତପଥୀ, ଶ୍ରୀମତୀ କଳ୍ପନା ମଲ୍ଲିକ, ପି ଓ ଜଗତସିଂହପୁର ସ୍ମିତାଞ୍ଜଳି ରାୟ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ କହିଲେ ଯେ ମହିଳା ମାନଙ୍କ ସ୍ୱାଭିମାନର ଲଢ଼ାଇରେ ମହିଳା କମିଶନର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଅଧ୍ୟକ୍ଷା ଶ୍ରୀମତୀ ଶୋଭନା ମହାନ୍ତି ମହିଳାମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କମିଶନ ସର୍ବଦା ତତ୍ପର ବୋଲି କହିଥିଲେ । ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ସେଠୀ ସ୍ୱାଗତଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଶିବିର ରେ ମୋଟ ୨୪ ଟି କେସ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ସେଥି ମଧ୍ୟରୁ ୧୬ ଟି କେସର ଆବେଦନକାରୀ ଉପସ୍ଥିତ ଥିଲେ । ସେଥିମଧ୍ୟରୁ ୫ ଟି କେସର ଆପୋଷ ବୁଝାମଣା ସହ ସମାଧାନ ହୋଇଥିଲା । ୨ ଟି କେସ ଆରକ୍ଷୀ ଅଧିକ୍ଷକଙ୍କ ନିକଟକୁ, ୧ ଟି ଉପ ଜିଲ୍ଲାପାଳଙ୍କ ନିକଟକୁ ଓ ୮ ଟି କେସର କେବଳ ଆବେଦନକାରୀ ଉପସ୍ଥିତ ଥିବାରୁ ପୁନଃ ହାଜିରା ପାଇଁ ନୋଟିସ ହୋଇଥିଲା । ଏତଦବ୍ୟତୀତ ୧ଟି ନୂତନ କେସ ଗ୍ରହଣ କରାଯାଇଥିଲା ।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ପ୍ରସୂତି ମହିଳାଙ୍କ ସମେତ ଶିଶୁର ମୃତ୍ୟୁ

## ହସ୍ପିଟାଲ ସମ୍ମୁଖରେ ଶବ ରଖି ଉତ୍ୟକ୍ତ ଜନତାଙ୍କ ରାସ୍ତାରୋକ

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ଆଜି ରାତିରେ କଟକ-ଚାନ୍ଦବାଲି ରାସ୍ତାର ବାହାବଳପୁର ଛକ ନିକଟରେ ମୃତା ପ୍ରସୂତି ମହିଳା ଓ ନବଜାତ ଶିଶୁର ଶବକୁ ରାସ୍ତା ଉପରେ ରଖି ଉତ୍ୟକ୍ତ ଜନତା ରାସ୍ତା ଅବରୋଧ କରିଛନ୍ତି । ଘଟଣାକୁ କେନ୍ଦ୍ରକରି ଉତେଜନା ପ୍ରକାଶ ପାଇଛି । କେନ୍ଦ୍ରାପଡା ଜିଲ୍ଲା ଗୁଲନଗର ଗ୍ରାମପଂଚାୟତ ଭ୍ରମରଦିଆପାଟଣା ଗ୍ରାମର ଚନ୍ଦ୍ରକାନ୍ତ ଦାସଙ୍କ ପନୀ ଉର୍ମିଳା ଦାସ (୩୨) ତାଙ୍କ ଦ୍ୱିତୀୟ ସନ୍ତାନ ପ୍ରସବ ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ଜିଗ୍ନିପୁର ଗ୍ରାମପଂଚାୟତ ବାହାବଳପୁର ଛକ ନିକଟରେ ଥିବା ଏକ ଘରୋଇ ହସପିଟାଲରେ ଭର୍ତି ହୋଇଥିଲେ । ତେବେ ତୃଟିପୂର୍ଣ୍ଣ ଅସ୍ତ୍ରୋପଚାର ଯୋଗୁ ନବଜାତ ଶିଶୁ ଏବଂ ମହିଳାଙ୍କର ମୃତ୍ୟୁ ହୋଇଥିବାର ତାଙ୍କ ପରିବାର ତରଫରୁ ଅଭିଯୋଗ କରାଯାଇଛି । କ୍ଷତିପୂରଣ ଦାବି ନେଇ ମହିଳାଙ୍କ ସମ୍ପର୍କୀୟମାନେ ପ୍ରାୟ ୧୦୦ରୁ ଉର୍ଦ୍ଧ ବ୍ୟକ୍ତି କଟକ-ଚାନ୍ଦବାଲି ରାସ୍ତା ଅବରୋଧ କରିଛନ୍ତି



। ରାସ୍ତା ଅବରୋଧ କାରଣରୁ ଗମନାଗମନ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି । ଅପରପକ୍ଷରେ ଆଜି ପଦ୍ମବନପୀଠ ନେମାଳ ଠାରେ ମହାପୁରୁଷ ଅଚ୍ୟୁତାନନ୍ଦଙ୍କର ସ୍ୱନକ୍ଷତ୍ର ଦିବସ ହୋଇଥିବାରୁ ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ସଂଖ୍ୟାରେ ଭକ୍ତମାନେ ମହାପୁରୁଷଙ୍କ ଦର୍ଶନ ନିମନ୍ତେ ଆସିଥିଲେ । ତେବେ ରାସ୍ତା ଅବରୋଧ କାରଣରୁ ଯାତ୍ରୀମାନେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହୋଇଥିଲେ । ଏଠାରେ ସୂଚନା ଥାଉକି ନିଶ୍ଚିନ୍ତକୋଇଲି ବ୍ଲକର ଅସୁରେଶ୍ୱର, କଟିକଟା, ନିଶ୍ଚିନ୍ତକୋଇଲି, ବାହାବଳପୁର ପ୍ରଭୃତି ସ୍ଥାନରେ ରହିଥିବା ଏକାଧିକ ଘରୋଇ ହସପିଟାଲରେ କେତେକ ଅନଭିଜ୍ଞ ଓ ଅଣତାଲିମପ୍ରାପ୍ତ କର୍ମଚାରୀମାନେ ମନମୁଖି ଭାବେ କାର୍ଯ୍ୟ କରୁଥିବା କାରଣରୁ ଦୈନନ୍ଦିନ ଏହି ଅଂଚଳରେ ମୃତ୍ୟୁସଂଖ୍ୟା ବଢିବାରେ ଲାଗିଛି । ତେବେ ଏଦିଗରେ କଟକ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୌଣସି କାଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି ।

# ହାଇୱା ଧକ୍କାରେ ସ୍କୁଟି ଆରୋହୀଙ୍କ ମୃତ୍ୟୁ

ପାଣିକୋଇଲି, (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ସିଂଗଡା ବ୍ରିଜ ନିକଟରେ ହାଇୱା ଧକ୍କାରେ ସ୍କୁଟି ଆରୋହୀର ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ଖମଣ ପଂଚାୟତ ଗୋଡିପାଟଣା ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ଜୟନ୍ତ (୪୦)। ସେମବାର ରାତିରେ ଜୟନ୍ତ ଏକ ସ୍କୁଟି ଯୋଗେ କୁଆଖିଆ ଭୋଟକାରୁ ବନ୍ଧୁ ଘରକୁ ଯାଇ ଘରକୁ ଫେରୁଥିଲେ। ଫେରିବା ସମୟରେ ଜାତୀୟ ରାଜପଥରେ କଟକ ପଟୁ ଏକ ଚିପ୍ସ ବୋଝେଇ ହାଇଓ୍ୱା (ଓଡି ୦୪ପି ୫୭୮୯) ଦ୍ରୁତଗତିରେ ବେପରୁଆ ଭାବେ ଆସି ଟିକର ପୋଲ ନିକଟରେ ସ୍କୁଟିକୁ ଧକ୍କା ଦେବା ସହ ତାଙ୍କ ଉପରେ ଚଢାଇ ଦେଇଥିଲା। ଫଳରେ ଘଟଣାସ୍ଥଳେ ଜୟନ୍ତର ମୃତ୍ୟୁ ହୋଇଥିଲା। ତାର ଶରୀରର ମାଂସ ଟୁକୁରା ଟୁକୁରା ହୋଇପଡିଥିବା ବେଳେ ହାଇୱା ଆଗ ଚକରେ ସ୍କୁଟିଟିକୁ ପ୍ରାୟ ଏକ କିଲୋମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା। ଖବର ପାଇ ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣ ଚନ୍ଦ୍ର ପଟ୍ଟାୟତ ସଦଳବଳେ ଘଟଣାସ୍ଥଳେ ପହଂଚିଥିଲେ। ସବଇନ୍ସପେକ୍ଟର ବିଶ୍ୱରଂଜନ ଦାସ ଗାଡିଟିକୁ ଗୋଡାଇ ଧରିବାରେ ସକ୍ଷମ ହୋଇଥିଲେ। ଜୟନ୍ତ୍ର ମରଶରୀରକୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିସାଳୟକୁ ପଠାଇଥିଲେ। ପୁଲିସ ହାଇଓ୍ୱା ସହ ସ୍କୁଟିକୁ ଜବତ କରିବା ସହ ଚାଳକକୁ ଧରି ଥାନାକୁ ଆଣିଥିଲେ। ଖବର ପାଇ ତାଙ୍କ ପରିବାର ଲୋକ ଥାନାରେ ପହଂଚି ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା ୨୫୬/୨୬ ରୁଜୁ କରାଯାଇ ଆଜି ସବଇନ୍ସପେକଟର ସୁମିତ କୁଜୁର ଯାଜପୁର ମୁଖ୍ୟ ଚିକିସାଳୟରେ ପହଂଚି ପଂଚନାମା କରାଇ ଶବ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନ୍ତର କରିଛନ୍ତି। ଅପରପକ୍ଷେ ହାଇଓ୍ୱା ଚାଳକ କେନ୍ଦ୍ରପଡାର ରବିନ୍ଦ୍ର ଝୁଂଟିଆିକୁ ପୁଲିସ ଥାନାରେ ଅଟକ ରଖି ତଦନ୍ତ ଜାରି ରହିଛି।

# ପୂର୍ବ ଚିହ୍ନିତ ସ୍ଥାନରେ ଜିପିଏଲଏଫ ଅଫିସ ବିଲ୍ଡିଂ ନିର୍ମାଣ ଦାବି

ରଘୁନାଥପୁର,(ସବ୍ୟୁ) :ରଘୁନାଥପୁର ବ୍ଲକ ଗୁଆଳିପୁର ପଞ୍ଚାୟତର ମଧ୍ୟବର୍ତ୍ତୀ ସ୍ଥାନ ରାଧାନଗର ଠାରେ ଜିପିଏଲଏଫ(ଗ୍ରାମ ପଞ୍ଚାୟତ ଲେବୁଲ ଫେଡେରେଶନ) ଅଫିସ ବିଲିଂଙ୍ଗ ନିର୍ମାଣ ପାଇଁ ଦାବି କରାଯାଇଛି ।ସୋମବାର ଉକ୍ତ ପଞ୍ଚାୟତ ୭ ଗୋଟି ରାଜସ୍ୱ ଗ୍ରାମର ୯୦ଟି ଏସଏଚଜିର ଦୁଇଶହରୁ ଉର୍ଦ୍ଧ୍ୱ ମହିଳା ବିଡିଓଙ୍କୁ ଭେଟି ଏ ସମ୍ପର୍କରେ ଦାବିପତ୍ର ପ୍ରଦାନ କରିବା ସହ ସମସ୍ତ ମହିଳା ଗ୍ରୁପ ସଦସ୍ୟାଙ୍କ ଯାତାୟାତକୁ ଦୃଷ୍ଟିରେ ରଖି ପଞ୍ଚାୟତର ମଧ୍ୟବର୍ତ୍ତୀ ସ୍ଥାନ ରାଧାନଗର ଠାରେ ଅଫିସ ବିଲଡିଂ ନିର୍ମାଣ ପାଇଁ ଆରଆଇଙ୍କ ପକ୍ଷରୁ ଜାଗା ଚିହ୍ନଟ କରାଯାଇଥିଲା ।୨୩ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯିବାକୁ ଥିବା କାର୍ଯ୍ୟର ଟେଣ୍ଡର ମଧ ସରିଥିଲା ।ମାତ୍ର ଗୋଟିଏ ନିର୍ଦ୍ଦିଷ୍ଟ ଗ୍ରାମର କିଛି ଏସଏଚଜି ମହିଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅଫିସ ବିଲଡିଂ କରିବା ପାଇଁ ଗତ ୨୩ ତାରିଖରେ ବିଡ଼ିଓଙ୍କୁ ଅଭିଯୋଗ କରିଥିଲେ ।ଯାହାଫଳରେ ସାମୁହିକ ସ୍ୱାର୍ଥକୁ ଅଣଦେଖା କରାଯାଇ ବ୍ଲକ ପ୍ରଶାସନ ପକ୍ଷରୁ ଉକ୍ତ କାର୍ଯ୍ୟକୁ ବନ୍ଦ କରାଯାଇଛି ।୧୨୦ ମହିଳା ଗ୍ରୁପରୁ ୯୦ ଟି ଗ୍ରୁପ ରାଧାନଗର ଗ୍ରାମରେ ଅଫିସ ବିଲଡିଂ ନିର୍ମାଣପାଇଁ ରାଜି ଥିବାବେଳେ କାହା ପ୍ରରୋଚନାରେ ଏପରି ବ୍ୟତିକ୍ରମ କରାଯାଉଛି ବୋଲି ସଭାନେତ୍ରୀ ନିହାରିକା ମାହାଳି ଦାବି ପତ୍ର ପ୍ରଦାନ କରିବା ସହ କହିଛନ୍ତି ।ପୂର୍ବ ଚିହ୍ନିତ ରାଧାନଗର ଠାରେ ଯଦି ଅଫିସ ବିଲିଂଙ୍ଗ କରାନଯାଏ ତାହାଲେ ରାଧାନଗର ସମେତ ବର୍ତ୍ତି ,କୁର୍ତ୍ତାଙ୍ଗ, କପାଳେସ୍ୱର, ଗୋରଦିଆ, ପାଟେଣିଗାଁ ଓ ଅରଙ୍ଗ ଗ୍ରାମର ଏସଏଚଜି ମା ମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ମହିଳା ସଂଘର ସମ୍ପାଦିକା ମନୋରମା ସ୍ୱାଇଁ ଓ ସଭାନେତ୍ରୀ ମାହାଳୀ ଚେତାବନୀ ଦେଇଛନ୍ତି ।ବିଡିଓ ବିରଞ୍ଚି ନାରାୟଣ ବେହେରା ମହିଳାଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ସେମାନଙ୍କୁ ବୁଝାଇସୁଝାଇ ବିଦା କରିଥିଲେ ।ଏଥିରେ ସୁଭଦ୍ରା ପାତ୍ର, ଲତିକା ମଲ୍ଲିକ, ମିନିଲତା ବେହେରା, ସବିତା ମଲ୍ଲିକ, ସୁଭଦ୍ରା ପଟ୍ଟନାୟକ, ସବିତା ପାତ୍ର, ଜ୍ୟୋତ୍ସ୍ନାରାଣୀ ପଟ୍ଟନାୟକ, ଛବି ଖଟୁଆ, କମଳା ପ୍ରଧାନଙ୍କ ସହ ବିଭିନ୍ନ ମହିଳା ଗୋଷ୍ଠୀର ସଭାନେତ୍ରୀ , ସମ୍ପାଦିକା ଓ ମହିଳା ସଦସ୍ୟା ମାନେ ସାମିଲ ଥିଲେ । ତେବେ ଏହି ଗୃହ ନିର୍ମାଣ ନେଇ ଦୁଇ ମହିଳା ଗୋଷ୍ଠୀ ଭିତରେ ଟଣାଓଟରା ନେଇ ବ୍ଲକ ପ୍ରଶାସନ ଏକ ଅଡୁଆ ସ୍ଥିତିରେ ପହଞ୍ଚିଥିବା ଦେଖାଯାଇଛି ।

## ଅନନ୍ତହରି କ୍ଷେତ୍ରରେ ସାଂସ୍କୃତିକ ମହୋତ୍ସବ

କୁଜଙ୍ଗ ,(ସବ୍ୟୁ): ମହ୍ଲାସାହିର ବଡ ମଠ ଅନନ୍ତ ହରି କ୍ଷେତ୍ର ଶ୍ରୀଜଗନ୍ନାଥ ଜୀଉଙ୍କ ପୀଠସ୍ଥଳୀରେ ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଓ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ଦେବସ୍ନାନ ମଣ୍ଡପରେ ବିଧିବିଧାନ ସହ କଳାଶ୍ରୀମୁଖ କାଳିଆ ସାଆନ୍ତଙ୍କୁ ବିଜେ କରାଯାଇଥିଲା । ନୈବେଦ୍ୟ ଅର୍ପଣ, ସୂର୍ଯ୍ୟପୂଜା, ଗୀତାପାଠ, ଘୃତ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ସ୍ନାନ ମଣ୍ଡପରେ ଶ୍ରୀ ଜୀଉଙ୍କ ମଧ୍ୟାହ୍ନ ଧୂପ, ଓ ଦିବ୍ୟ ଦର୍ଶନ ମଧ ଅନୁଷ୍ଠିତ ହୋଇଥିଲା । ଭକ୍ତ ମାନେ ମଣ୍ଡପ ରେ ପ୍ରଭୁ ଜଗନ୍ନାଥ ଙ୍କୁ ପ୍ରତ୍ୟକ୍ଷ ଦର୍ଶନ ର ସୁଯୋଗ ପାଇଥିଲେ । ଏହିଠାରେ ଗଜବେଶ ମଧ ଅନୁଷ୍ଠିତ ହୋଇଥିଲା । ଏହି ମହାନ ପାରମ୍ପରିକ ମହୋତ୍ସବରେ ରାଜ୍ୟ ଶିଳ୍ପ ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀଜଗନ୍ନାଥ ଙ୍କର ଦେବସ୍ନାନ ନୀତି ଓ ମହାପ୍ରଭୁ ଙ୍କ ଜନ୍ମ ଦିବସ ର ମହାନ ଭାବଗତ ଲୀଳା ସମ୍ପର୍କରେ ବର୍ଣ୍ଣନା କରିଥିଲେ । ସେ କହିଲେ ଆଜି ଗୋଟିଏ ଦିନ ପ୍ରଭୁ ଜଗନ୍ନାଥ ଙ୍କୁ ୧୦୮ ଗରା ଜଳରେ ସ୍ନାନ କରାଯିବା ପରେ ପ୍ରଭୁ ଜ୍ୱର ରେ ପୀଡିତ ହୋଇ ଅଣସର ଘରେ ରହିଥାନ୍ତି । ତାପରେ ବାହାରକୁ ଆସି ସର୍ବସାଧାରଣ ଦର୍ଶନ ପାଇଁ ରଥଯାତ୍ରାରେ ବିଜେ କରନ୍ତି । ପ୍ରଭୁ ଜଗନ୍ନାଥଙ୍କର ଏହା ମାନବୀୟ ଲୀଳା । ଅନନ୍ତ କ୍ଷେତ୍ର ଶ୍ରୀଜଗନ୍ନାଥ ମନ୍ଦିର



ପାଇଁ ବିଭିନ୍ନ ସହାୟତା ପ୍ରଦାନ କରାଯିବ ବୋଲି ସେ ଘୋଷଣା କରିଥିଲେ । ଏହା ସହ ପ୍ରଭୁ ଜଗନ୍ନାଥ ଙ୍କ ଦେବସ୍ନାନ ମଣ୍ଡପ ରେ ସେ ଦର୍ଶନ କରିଥିଲେ । ସାହିତ୍ୟିକ ଜୀବନାନନ୍ଦ ଅଧିକାରୀ, ଆଇନଜୀବୀ କିଶୋର କୁମାର ଶତପଥୀ, ସରପଞ୍ଚ ଧ୍ରୁବ ଚରଣ ନାୟକ, କିଶୋର କୃତିବାସ କର, ବିଶ୍ୱନାଥ ପାଣି, ଡ଼. କେଶବ ସ୍ୱାଇ, ଟ୍ରଷ୍ଟର ସଭାପତି ବଲ୍ଲଭ ଚରଣ ପାଣି ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଡ଼. ଅରୁଣ ପାଣି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଓ ଶିକ୍ଷାବି ସସ୍ମିତା ପାଣି, ଉତ୍ସବ ପରିଚାଳନା କରିଥିଲେ । କବିତା ପାଠୋତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା । କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ବିଳମ୍ବିତ ରାତ୍ରିରେ ପ୍ରଭୁ ଙ୍କୁ ଅଣସର ଘରକୁ ନିଆଯାଇଥିଲା । ବହୁ ସଂଖ୍ୟାରେ ଜନସମାଗମ ହୋଇଥିବା ବେଳେ ପ୍ରସାଦ ସେବନ କରାଯାଇଥିଲା । ସେହିପରି ବ୍ରହ୍ମ ଜଗନ୍ନାଥ ମିଶନ ଠାକୁରବାଟି ଠାରେ ବ୍ରହ୍ମ ଜଗନ୍ନାଥ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ପାଳିତ ହୋଇଥିଲା । ମିଶନ ର ପ୍ରତିଷ୍ଠାତା କ୍ୟାପଟେନ ସଞ୍ଜୀବ ମୁଦୁଲି ପ୍ରଭୁ ଜଗନ୍ନାଥଙ୍କ ସମସ୍ତ ଦେବକାର୍ଯ୍ୟ ତଦାରଖ କରିଥିଲେ । ବିଭିନ୍ନ ରୀତିନୀତି ଓ ଜଗନ୍ନାଥ ସଂସ୍କୃତି ର ପରମ୍ପରାରେ ପୂଜାପାଠ ସ୍ନାନ କରାଯାଇ ଦିବସବ୍ୟାପି ଦିବ୍ୟ ଦର୍ଶନ ଅନୁଷ୍ଠିତ ହୋଇଥିଲା । କମିଟି ସଦସ୍ୟ ମାନେ ଏଥିରେ ସହଯୋଗ କରିଥିଲେ । ବିଳମ୍ବିତ ରାତ୍ରି ରେ ପ୍ରଭୁ ଜଗନ୍ନାଥଙ୍କୁ ଅଣସର ଘରକୁ ନିଆଯାଇଥିଲା ।

# ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

କୁଆଖିଆ,(ସବ୍ୟୁ) : ରସୁଲପୁର ବ୍ଲକ ଅନର୍ଗତ ମଧୁବନ ଉଚ୍ଚ ମାଧମିକ ବିଦ୍ୟାଳୟ ମୁଖ୍ୟକିରାଣୀ ନରେନ୍ଦ୍ର କୁମାର ସାହୁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅଧକ୍ଷ ପ୍ରଶାନ୍ତ କୁମାର ଘଡ଼େଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ କିରାଣୀ ନରେନ୍ଦ୍ରଙ୍କ ସମ୍ପର୍କ ରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ନିମାଇଁ ଚରଣ କର, ସମ୍ମାନିତ ଅତିଥି ଭାବେ ପ୍ରାଧ । ପକ ଅର୍ଣ୍ଣଦା ଶଙ୍କର ଶତପଥୀ, ତନ୍ମୟ କୁମାର ବଳ, ବିରଞ୍ଚି ନାରାୟଣ ରାମ, ପ୍ରମୋଦିନୀ ଦିଦି, ଅବସରପ୍ରାପ୍ତ ଓଡ଼ିଆବିଭାଗ ଅଧ୍ୟାପକ ନିତ୍ୟାନନ୍ଦ ମହାନ୍ତି, ମାଧବ ବସନ୍ତିଆ ଯୋଗ ଦେଇ ନରେନ୍ଦ୍ର ବାବୁଙ୍କ ଦାୟିତ୍ୱ, ସେବା ସମ୍ପର୍କରେ କହିଥିଲେ । ସଭାକୁ ଅଧ ।ପକ ଦେବବ୍ରତ ମହାପାତ୍ର ସଂଯୋଜନା କରିଥିଲେ । ଅଧ୍ୟାପକ ବିକାଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଦୀପ୍ତି ମୟୀ ଦାସ, ପ୍ରଣତି ରାଉତ, ନମିତା ଗିରି ଏ ଅଧ୍ୟାପକ ଶୁଭେନ୍ଦୁ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପିକା ପ୍ରମୋଦିନୀ ଦାଶ, ଅଧ୍ୟାପକ - ଅଜୟ କୁମାର ଜେନା ଅଜୟ କୁମାର ଚନ୍ଦ, ଅଧ୍ୟାପକ ହିମାଂଶୁ ଶେଖର ଜେନା, ମନୋଜ ନାୟକ, ଅଧ୍ୟାପକ ଦେବବ୍ରତ ସାହୁ, ବିକାଶ ସାହୁ ,ଅଧ୍ୟାପକ ଚନ୍ଦନ, କବି, ଶ୍ରୀତମ କୁମାର ସାହୁ, ଶୁଭସ୍ମିତା ନାଥ, ନିରୋଦ ସିଂ , କାଶୀନାଥ ସାମଲ, ପ୍ରଶାନ୍ତ ରାଉତ, କୃଷ୍ଣ ଚରଣ ସାହୁ, ପ୍ରହ୍ଲାଦ ମଲିକ, ସୁଲୋଚନା ସାହୁ ସହଯୋଗ କରିଥିଲେ ।

## ତଳ କୋର୍ଟ ରାୟକୁ ଖାରଜ କଲେ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍

# ଜେଲରୁ ଖଲାସ ହେବ ବହୁ ଚର୍ଚ୍ଚିତ କାଶ୍ମୀର ସନ୍ଦିଗ୍ଧ ଯୁବକ ବୁଖାରୀ

ଚଣ୍ଡିଖୋଲ, (ସବ୍ୟୁ) :ଦେଶ ବିରୋଧୀ ଓ ବହୁ ଅପରାଧିକ ମାମଲା ସହିତ ଆତଙ୍କବାଦୀ ଲିଙ୍କ ଅଭିଯୋଗରେ ୨୦୨୩ ମସିହା ଡିସେମ୍ବର ମାସ ୧୫ ତାରିଖରେ ଏସଟିଏଫ କ୍ରାଇମବ୍ରାଞ୍ଚ ଦ୍ୱାରା ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ନେଉଳପୁର ମିଳନ ନଗରରୁ ଗିରଫ ହୋଇ ଜେଲରେ ଥିବା ଦେଶବ୍ୟାପୀ ବହୁ ଚର୍ଚ୍ଚିତ କାଶ୍ମୀରର ସନ୍ଦିଗ୍ଧ ଯୁବକ ସୟେଦ ଈଶାନ ବୁଖାରୀ ଜେଲ ଜୀବନରୁ ଛାଡ ପାଇଛନ୍ତି । ଚଣ୍ଡିଖୋଲ କୋର୍ଟର ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ କୋର୍ଟରେ ବିଚାର ଚାଲିଥିବା ତାର ମାମଲାର ରାୟ ମଙ୍ଗଳବାର ପ୍ରକାଶ ପାଇଛି । ବିଚାରପତି ଗୋପବନ୍ଧୁ ଗଡନାୟକ ତଳ କୋର୍ଟଙ୍କ ରାୟକୁ ଖାଳଜ କରି ବୁଖାରୀର ୫ ବର୍ଷର ସଜାକୁ ଏକ ବର୍ଷକୁ କମାଇ ଦେବା ଫଳରେ ସେ ଏବେ ଜେଲରୁ ମୁକୁଳିବ ବୋଲି ଜଣାପଡିଛି । ଗିରଫ ହେବା ପରେ ଈଶାନ ବୁଖାରୀ ପ୍ରଥମେ ଯାଜପୁର ରୋଡ଼ ସବଜେଲ ଓ ପରେ ଚୌଦ୍ୱାର ସର୍କଲ ଜେଲରେ ବିଚରାଧୀନ ବନ୍ଦୀ ଜୀବନ ବିତାଉଥିଲେ । ତଳ କୋର୍ଟଠାରୁ ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ସେ ଜାମିନ ଆବେଦନ କରିଥିଲେ ମଧ ତାଙ୍କୁ ଜାମିନ ମିଳି ନ ଥିଲା । ତେବେ ତଦନ୍ତରେ ଏସଟିଏଫ ତାଙ୍କର ଆତଙ୍କବାଦୀ କାର୍ଯ୍ୟକଳାପ ବା ଲିଙ୍କ ନେଇ କୌଣସି ପ୍ରଣାମ ପାଇ ନ ଥିଲା, କେବଳ ତାଙ୍କ ନାମରେ ନକଲି କାଗଜପତ୍ର ପ୍ରସ୍ତୁତ କରି ନିଜକୁ ଆର୍ମୀ ଡାକ୍ତର ବୋଲାଇ ତାହା ମାଧ୍ୟମରେ ବିଭିନ୍ନ ଲୋକଙ୍କୁ ଚଞ୍ଚକତା କରି



ଠକେଇ କରିବା ଏବଂ ଦେଶର ବିଭିନ୍ନ ଅଞ୍ଚଳରେ ୫ ଜଣଙ୍କୁ ବିବାହ କରିଥିବା ନେଇ ଆଇପିସିର ଧାରା ୪୧୯, ୪୨୦, ୪୬୫, ୪୬୭, ୪୬୮ ଓ ୪୭୧ ଏବଂ ଆଇଟି ଆଇନର ୬୬ (ସି) ଏବଂ (ଡ଼ି) ଧାରାରେ ଏସଟିଏଫ କୋର୍ଟରେ ଚାର୍ଜସିଟ ଦାଖଲ କରାଯାଇଥିଲା । ମାମଲାର ବିଚାର ସମୟରେ ମୋଟ ୧୮ ଜଣଙ୍କ ସାକ୍ଷ୍ୟ ଏବଂ ପ୍ରାୟ ୪୦ ଗୋଟି ପ୍ରାମାଣିକ ଦସ୍ତାବିଜକୁ ବିଚାରକୁ ନେଇ ଚଣ୍ଡିଖୋଲ କୋର୍ଟ ଜେଏମଏଫସି ଶ୍ରୀମୟୀ ନନ୍ଦ ଗତ ୨୦୨୫ ମସିହା ଜୁନ ୨୬ ତାରିଖ ଦିନ ଈଶାନ ବୁଖାରୀକୁ ୫ ଗୋଟି ଦଫାରେ ପ୍ରତ୍ୟେକ ଏକ ବର୍ଷ କରି ମୋଟ ୫ ବର୍ଷ ସଶ୍ରମ କାରା ଦଣ୍ଡାଦେଶ ଦେଇଥିଲେ । ଏହି ରାୟ ବିରୁଦ୍ଧରେ ବୁଖାରୀଙ୍କ ପକ୍ଷରୁ ଚଣ୍ଡିଖୋଲ ଅତିରିକ୍ତ ଜିଲ୍ଲା ଜଜଙ୍କ କୋର୍ଟରେ ଏକ ଅପିଲ ମାମଲା ଦାୟର କରାଯାଇଥିଲା । ଏହି ଅପିଲ ମାମଲାର ଶୁଣାଣି କରି ଶେଷରେ ବିଚାରପତି ଗୋପବନ୍ଧୁ ଗଡ଼ନାୟକ ତାଙ୍କ ରାୟ ଶୁଣାଇଛନ୍ତି । ରାୟ ଅନୁସାରେ ତଳ କୋର୍ଟରେ ଯେଉଁସବୁ ଦଫାରେ ମୋଟ ୫ବର୍ଷ ସଶ୍ରମ କାରା ଦଣ୍ଡାଦେଶ ମିଳିଥିଲା ସେଥିରୁ କେବଳ ଆଇପିସିର ଧାରା ୪୭୧ ରେ ହୋଇଥିବା ଏକ ବର୍ଷର କାରା ଦଣ୍ଡାଦେଶକୁ କାଏମ ରଖି ବାକି ଦଣ୍ଡାଦେଶକୁ ରଦ୍ଦ କରି ଦେଇଛନ୍ତି । ଯେହେତୁ ସୟେଦ ଈଶାନ ବୁଖାରୀ ଇତିମଧ୍ୟରେ ପାଖାପାଖି ୨ବର୍ଷ ୭ମାସ ଧରି ଜେଲ ଜୀବନ ବିତାଇ ସାରିଲେଣି, ତେଣୁ ଆଜିର ରାୟ ଫଳରେ ସେ ଚୌଦ୍ୱାର ଜେଲରୁ ମୁକୁଳିଥିବା ସୂଚନା ମିଳିଛି ।

# ୨୨ କିଲୋ ଗଞ୍ଜେଇ ଜବତ, ୩ ଗିରଫ

ନାଉଗାଁ,(ସବ୍ୟୁ) :ନାଉଗାଁ ଥାନା ପରିସରରେ ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀରେ ଏସଡିପିଓ ଦିବ୍ୟ ରଞ୍ଜନ ନାଥ, ଏସଆଇ ଜାକସନ ମାଝି, ଏସଆଇ ଏ. ରାଜେଶ ଉପସ୍ଥିତ ଥିଲେ । ଏସଡିପିଓଙ୍କ ସୂଚନା ମୁତାବକ ବିଶେଷ ସୂତ୍ରରୁ କଟକ ଆଡୁ ନାଉଗାଁ ଅଭିମୁଖେ ଏକ ଗାଡି ଆସୁଥିବା ବେଳେ ଏଥିରେ ଚୋରା ସାମଗ୍ରୀ ଥିବା ସୂଚନା ମିଳିଥିଲା । ଏସପିଙ୍କ ନିର୍ଦ୍ଦେଶକ୍ରମେ ନାଉଗାଁ ଥାନା ଅନ୍ତର୍ଗତ ବଛାଳୋ ନଦୀ ବନ୍ଧ ନିକଟରେ ସୋମବାର ଅପରାହ୍ନରେ ଏସଆଇ ଏସ. ରାଜେଶଙ୍କ ନେତୃତ୍ୱରେ ଏକ ଟିମ ଗଠନ କରାଯାଇ ଅତର୍କିତ ଭାବେ ଚଢାଉ କରାଯାଇଥିଲା । ଚଢାଉ ସମୟରେ ପରିବହନ ପାଇଁ ବ୍ୟବହୃତ ଧଳା ରଙ୍ଗର କାର, ଗୋଟିଏ ଲାପଟପ, ତିନୋଟି ସ୍ମାର୍ଟ ଫୋନ ସମେତ ୨୨ କି.ଗ୍ରା ୧୦୩ ଗ୍ରାମ ଗଂଜେଇ ଜବତ କରାଯାଇଛି । ଉକ୍ତ ଚୋରା ମାଦକ ଦ୍ରବ୍ୟ ଚେପାର କରୁଥିବା ୩ ଅଭିଯୁକ୍ତ ହେଲେ ଜଗତସିଂହପୁର ଜିଲା ରମ୍ଭାଦେଇପୁର ଜାଦିଲୋଗଡର ଚିନା ଓରଫ ଜୀବନ ରଂଜନ ରାୟ (୩୯), ଓଡିଶୋ ବଣିଆସାହି ଡିହର କାଳିଆ ଓରଫ ନିରଂଜନ ରାଉତ(୩୬), ଅନୁଗୁଳ ଜିଲା ଛେଣ୍ଡିପଦା ଥାନା ଅନ୍ତର୍ଗତ ନୂଆଗାଁର ହରେଶ ଓରଫ ସନ୍ଦୀପ କୁମାର ରାଉଳ (୨୯)କୁ ଗିରଫ କରାଯାଇଛି । ଅଭିଯୁକ୍ତମାନେ ଦୀର୍ଘ ଦିନ ହେବ ବିଭିନ୍ନ ପ୍ରକାର ସଙ୍ଗଠନ କରି ନେଟଓ୍ୱାର୍କ ମାଧ୍ୟମରେ ବେପାର ଜାରି ରଖିଥିଲେ । ସେମାନେ ବିଭିନ୍ନ ଉଠା ଦୋକାନୀ ଓ ଖୁଚୁରା ବ୍ୟବସାୟୀ ଭାବେ ଆସି ଗ୍ରାହକମାନଙ୍କୁ ଗଂଜେଇ ପ୍ରଦାନ କରୁଥିଲେ । ଏହି ଗଂଜେଇକୁ ସେମାନେ କନ୍ଧମାଳ ଜିଲାରୁ ଆଣୁଥିବା ତଦନ୍ତ ବେଳେ ଜଣାଯାଇଛି । ପୋଲିସର ସନ୍ଦେହ ଓ ନିୟମିତ କରାଯାଉଥିବା ଯାଂଚରୁ ବର୍ତିବା ପାଇଁ ସେମାନେ ଭୁବନେଶ୍ୱରରୁ ଭଡା ଗାଡି ବ୍ୟବାହର କରି ବିଭିନ୍ନ ସ୍ଥାନକୁ ଗଂଜେଇ ପଠାଉଥିଲେ । ଅଭିଯୁକ୍ତମାନେ ସେମାନଙ୍କ କାର୍ଯ୍ୟକଳାପକୁ ଲୁଚାଇବା ପାଇଁ ମୋବାଇଲ ଫୋନ ପରିବର୍ତେ ଲାପଟପ ସହିତ ନିଜ ସ୍ମାର୍ଟ ଫୋନକୁ ଓ୍ୱାଇ ଫାଇ ମାଧ୍ୟମରେ ସଂଯୋଗ କରି ବିଭିନ୍ନ ସୋସିଆଲ ମିଡିଆରେ ଆପ୍ଲିକେସନ ଜରିଆରେ ଯୋଗାଯୋଗ କରୁଥିବା ଜଣାଯାଇଛି । ଅଭିଯୁକ୍ତ ଜୀବନ ରାୟ ପୂର୍ବରୁ କେଶ ନଂ ୧୫୭ ତା ୧୦ ଜୁନ ୨୦୨୬ ରେ ଧରା ଯାଇଥିବା ଅଭିଯୁକ୍ତମାନଙ୍କୁ ଗଂଜେଇ ଯୋଗାଉଥିବା ଜଣାଯାଇଛି । ଅଧିକ ତଦନ୍ତ ପାଇଁ ଜୀବନକୁ ରିମାଣ୍ଡରେ ନିଆଯିବ ବୋଲି ସୂଚନା ପ୍ରଦାନ କରାଯାଇଛି । ଥାନା ପକ୍ଷରୁ ୧୭୨ / ୨୬ ରେ ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାଯାଇଛି ।

# ବିଭୂତି ଭୂଷଣଙ୍କ ସ୍ମୃତି ଉତ୍ସବ

ମାହାଙ୍ଗା,(ସବ୍ୟୁ) : ସୋମବାର ମାହାଙ୍ଗାସ୍ଥିତ ମାହେଶ୍ୱରୀ ମଣ୍ଡପଠାରେ ବିଭୂତି ଭୂଷଣ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍, କଳାକାର ତଥା ସମାଜସେବୀ ସ୍ୱର୍ଗତ ବିଭୂତି ଭୂଷଣ ଚାଟାର୍ଜୀଙ୍କ ଦଶମ ସ୍ମୃତି ଉତ୍ସବ ପାଳିତ ହେଇ ଯାଇଛି । ସଂସଦଠାରେ ଥିବା ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ପରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସ୍ମୃତି ପୁସ୍ତିକା ଲୋକାର୍ପଣ କରାଯାଇଥିଲା । ଡକ୍ଟର ଭୁବନାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ପ୍ରାକ୍ତନ ଅଧ୍ୟକ୍ଷ ଡକ୍ଟର ଜନାର୍ଦ୍ଦନ ରାଉତ ମୁଖ୍ୟ ଅତିଥି, ମୁଖ୍ୟବକ୍ତା ଭାବରେ ଗବେଷକ ଡକଟର ଏକାଦଶୀ ପ୍ରଧାନ ଯୋଗଦେଇ ପୂଜ୍ୟପୂଜାର ଏହି ଅନନ୍ୟ କାର୍ଯ୍ୟକ୍ରମ ଯୁବ ଓ ଛାତ୍ର ସମାଜ ପାଇଁ ପ୍ରେରଣାପ୍ରଦ ବୋଲି ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ



ବୈକୁଣ୍ଠନାଥ ପରିଡା, ଶିକ୍ଷକ ବିଦ୍ୟାଧର ଖଟୁଆ ଓ ରାମଚନ୍ଦ୍ର ପରିଡା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉତ୍ସବରେ ମୁରଲୀଧର ସ୍ୱାଇଁଙ୍କୁ ଶିକ୍ଷା ସମ୍ମାନ, ପୀତାମ୍ବର ଦାସଙ୍କୁ ସେବା ସମ୍ମାନ ଓ କିଶୋର ଚନ୍ଦ୍ର ଦାଶଙ୍କୁ କଳାସମ୍ମାନ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ମାହାଙ୍ଗା ମଣ୍ଡଳ ସ୍ତରରେ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ହଳଦିଆ ଉଚ୍ଚ ବିଦ୍ୟାଳୟର ଜନ୍ମେଜୟ ମହାନ୍ତି ଓ ଗାନ୍ଧୀ ଶିକ୍ଷାଶ୍ରମ, କଇଥାର ସୁଶ୍ରୀ ତେଜସ୍ୱିନୀ ଲେଙ୍କାଙ୍କୁ ଟ୍ରଫି, ପୁଷ୍ପଗୁଚ୍ଛ ଓ ଅର୍ଥରାଶି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଂସଦର ସଂପାଦକ ଭୂପେନ୍ ଚାଟାର୍ଜୀ ସଂପାଦକୀୟ ପାଠ କରିଥିଲା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅନ୍ତର୍ଯ୍ୟାମୀ ସାହୁ । ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ରବୀନ୍ଦ୍ରନାଥ ସିହ୍ନା, ଡାକ୍ତର ଦେବୀ ପ୍ରସାଦ ଚାଟାର୍ଜୀ ଓ କ୍ଷିତୀଶ କୁମାର ସାହୁ ପ୍ରମୁଖ । ଏଥିରେ ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ ।

# ଟାଟା ଷ୍ଟିଲ୍ କଳିଙ୍ଗନଗରରେ ଅଗ୍ନି ନିରାପତ୍ତା ପ୍ରସ୍ତୁତି ମକ୍‌ଡ୍ରିଲ୍

ବ୍ୟାସନଗର, (ଜି ପ୍ର) : ଅଗ୍ନିକାଣ୍ଡର ମୁକାବିଲା ଏବଂ ଏଥିପାଇଁ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମଙ୍ଗଳବାର ଦିନ ଟାଟାଷ୍ଟିଲ୍ କଳିଙ୍ଗନଗରର କୋଲ୍ଡ ରୋଲିଂ ମିଲ୍‌ଠାରେ ଏକ ପ୍ଲାଂଟ ସ୍ତରୀୟ "ହାଇଡ୍ରୋଜେନ୍ ନିର୍ଗମନ ଏବଂ ହାଇଡ୍ରୋଜେନ୍ ବଫର୍ ଭେସେଲ୍‌ରେ ଅଗ୍ନିକାଣ୍ଡ'ସଦୃଶ ସ୍ଥିତିକୁ ନେଇ ମକ୍‌ଡ୍ରିଲ୍ ଆୟୋଜିତ ହୋଇଯାଇଛି । ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର ନିର୍ଦ୍ଦେଶାଳୟ ଏବଂ ଯାଜପୁର ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଏହି ମକ୍ ଡ୍ରିଲ୍ ଆୟୋଜନ କରାଯାଇଥିଲା । ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜରୁରୀକାଳୀନ ପରିସ୍ଥିତିର ମୁକାବିଲା କରୁଥିବା ଦଳ ଏବଂ ସହଯୋଗୀ ଶିଳ୍ପସଂସ୍ଥା ସମେତ ସମସ୍ତ ପ୍ରମୁଖ ଷ୍ଟେକହୋଲଡେର ମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା । ମକ୍ ଡ୍ରିଲ୍‌ରେ ଇଞ୍ଜିନିୟର ଉମେଶ ଚନ୍ଦ୍ର ସୁତାର, କାରଖାନା ଓ ବଏଲର ନିର୍ଦ୍ଦେଶାଳୟର ଉପ-ନିର୍ଦ୍ଦେଶକ, ଯାଜପୁର ରୋଡ୍ ଡିଭିଜନ, ଇଞ୍ଜିନିୟର ଦେବାଶିଷ ନାୟକ, ସହକାରୀ ନିର୍ଦ୍ଦେଶକ, ଅଶୋକ ବେହେରା, ଯାଜପୁର ଜିଲ୍ଲା ଜରୁରୀକାଳୀନ ଅଧିକାରୀ, ତାପସ କୁମାର ମନ୍ତ୍ରୀ, ଅଗ୍ନିଶମ ଅଧିକାରୀ,




ଯାଜପୁର ରୋଡ୍, ରମେଶ ବେହେରା, ସବ୍-ଇନ୍ସପେକଟର, କଳିଙ୍ଗନଗର ଥାନା, ଶଙ୍କର ବିଶ୍ୱାସ, ମେକାନିକାଲ୍ ମେଂଟେନାନ୍ସ ଚିଫ୍, ପଙ୍କଜ ହରିଶ୍ଚନ୍ଦ୍ର ଭୁରେ, ଇଲେକଟ୍ରିକାଲ୍ ମେଂଟେନାନ୍ସ ଚିଫ୍, ଟାଟା ଷ୍ଟିଲ୍ କଳିଙ୍ଗନଗରର, କମଳା କାନ୍ତ, ଇଲେକଟ୍ରିକାଲ୍ ମେଂଟେନାନ୍ସ(ଷ୍ଟିଲ୍ ଆଣ୍ଡ ମିଲ୍ସ), ମତ୍ସ୍ୟେନ୍ଦ୍ର ନାଥ ଶୁକ୍ଲା, ଚିଫ୍ ମେକାନିକାଲ୍ ମେଂଟେନାନ୍ସ (ଷ୍ଟିଲ୍ ଆଣ୍ଡ ମିଲ୍ସ) ଚିଫ୍, ରବି ମାରିକ, କର୍ପୋରେଟ୍ ସର୍ଭିସେସ୍ ଚିଫ୍, ପ୍ରବେଶ ନାରଙ୍ଗ, କୋଲ୍ଡ ରୋଲିଂ ମିଲ୍ ଚିଫ୍ ଏବଂ ବିଳାସ ଗାୟକଓ୍ୱାଡ, ଚିଫ୍ ସେଫଟି, ଓଡ଼ିଶା, ପ୍ରମୁଖ ଉପସ୍ଥିତ ଥିଲେ । ଏହା ସହିତ ଟାଟା ଷ୍ଟିଲ୍ କଳିଙ୍ଗନଗର, ଜିନ୍ଦଲ ଷ୍ଟେନଲେସ୍, ନୀଳାଚଳ ଇସ୍ପାତ ନିଗମ ଏବଂ ଭିସା ଷ୍ଟିଲ୍‌ର ବରିଷ୍ଠ ଅଧିକାରୀମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ବୃହତ ମକ୍ ଡ୍ରିଲ୍‌ର ଲକ୍ଷ୍ୟ ଥିଲା କୋଲ୍ଡ ରୋଲିଂ ମିଲ୍‌ର ହାଇଡ୍ରୋଜେନ୍ ବଫର୍ ଭେସେଲ୍ ଅଂଚଳରେ ସମ୍ଭାବ୍ୟ ଅଗ୍ନିକାଣ୍ଡର ମୁକାବିଲା କରିବା ପାଇଁ ଦକ୍ଷତା ପରଖିବା । ପ୍ରକୃତରେ ସେଭଳି କୌଣସି ଦୁର୍ଘଟଣା ଘଟିନଥିଲେ ମଧ୍ୟ, ସୁରକ୍ଷା, ଅଗ୍ନିଶମ, ଚିକିତ୍ସା, ସୁରକ୍ଷା (ସିକ୍ୟୁରିଟି) ଏବଂ ଅପରେସନ୍ସ ଭଳି ବିଭିନ୍ନ ଦଳର ପ୍ରସ୍ତୁତି ଯାଂଚ କରିବା ପାଇଁ ଏକ କୃତ୍ରିମ ପରିବେଶ ସୃଷ୍ଟି କରାଯାଇଥିଲା । ମକ୍ ଡ୍ରିଲ୍ ସମୟରେ, ସମସ୍ତ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଘଟଣାସ୍ଥଳରେ ପହଁଚି, ସମ୍ପୃକ୍ତ ଅଂଚଳରୁ କର୍ମଚାରୀମାନଙ୍କୁ ସୁରକ୍ଷିତ ଭାବେ ବାହାର କରିବା, ଆବଶ୍ୟକୀୟ ଚିକିତ୍ସା ସେବା ଯୋଗାଇବା ଏବଂ କୃତ୍ରିମ ସଙ୍କଟକୁ ଠିକ୍ ସମୟରେ ନିୟନ୍ତ୍ରଣ କରିବା ସହ ବାସ୍ତବ ସ୍ଥିତିର ସାମ୍ନା କରିବା ପାଇଁ ଅଭିଜ୍ଞତା ହାସଲ କରିଥିଲେ ।

# ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା ,(ସବ୍ୟୁ) :ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ କଣିପାଟିଆ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରଭା ମିଶ୍ରଙ୍କ ଅବସର ଗ୍ରହଣ ଉତ୍ସବ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ଯୁଗଳ କିଶୋର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳିନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ସମାଜ ସେବୀ ମିନତୀ ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ମନୋରଞ୍ଜନ ମହାନ୍ତି, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମମିତା ମହାନ୍ତି, ବେଣୁଧର ଦାସ, ଆଂଚଳିକ ସାଧନା କେନ୍ଦ୍ର ସଂଯୋଜିକା ନିବେଦିତା ପରିଡା, ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ସ୍ୱାଇଁ, ସରପଂଚ ତ୍ରିଲୋଚନ ଜେନା, କମିଟିର ସଭାପତି ରୁଦ୍ରନାରାୟଣ ରାଉତ, ଶିକ୍ଷକ ପ୍ରସନ୍ନ ରାୟ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ମିଶ୍ରଙ୍କ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦାୟୀ ପ୍ରଦାନ ଶିକ୍ଷୟତ୍ରୀଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ସହ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭରେ ସ୍କୁଲର କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ଗୀତ ପ୍ରଦର୍ଶିତ କରାଯାଇଥିଲା। ସ୍କୁଲ କମିଟିର ସମ୍ପାଦକ ବ୍ରଜରାଜ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ନରେନ୍ଦ୍ର ବେହେରା ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବୀର କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଦାୟୀ ଶିକ୍ଷୟତ୍ରୀଙ୍କୁ ଏକ ଶୋଭାଯାତ୍ରାରେ ତାଙ୍କ ଘର ପର୍ଯ୍ୟନ୍ତ ନିଆଯାଇଥିଲା।

## ଜନସଚେତନତା ଦ୍ୱାରା ନିଶାଦ୍ରବ୍ୟର ଅବୈଧ ଚୋରା ଚାଲାଣ ରୋକି ହେବ

ଜଗତସିଂହପୁର, (ସବ୍ୟୁ) : ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଓ ଦୌରା ଜଜ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶ କ୍ରମେ ଜଗତସିଂହପୁର ଜିଲ୍ଲା ଅଳକା କଲେଜ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ ଚୋରା ଚାଲଣ ବିରୋଧୀ ଦିବସ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନା ନିଜର ଅଭିଭାଷଣରେ ନିଶାଦ୍ରବ୍ୟର ଅପବ୍ୟବହାର ଅବୈଧ ଚାଲଣ ହେବା ଦ୍ୱାରା ସମାଜରେ କିପରି ବିପଦଜନକ ସ୍ଥିତି ଉପୁଜୁଛି ଓ ତା ପାଇଁ ଥିବା ବିଭିନ୍ନ ଆଇନ କାନୁନ ଉପରେ ଆଲୋକପାତ କରିଥିଲେ । ଜନ ସଚେତନତା ଦ୍ୱାରା କିପରି ନିଶାଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ଚାଲଣ ରୋକାଯାଇପାରିବ ସେ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇଥିଲେ ଏବଂ ଏନ. ଡି. ପି.ସ. ଆକ୍ଟର କେତେକ ପ୍ରମୁଖ ଦଫା ଉପରେ ମଧ୍ୟ ଆଲୋଚନା କରିଥିଲେ ।ଅଳକା କଲେଜର ଶିକ୍ଷକ , ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧିକାରୀ ମିତ୍ର ପ୍ୟାନେଲ ଓକିଲ ଓ ଅଳକା କଲେଜର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ । ଶେଷରେ ପ୍ୟାନେଲ ଓକିଲ ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# କୁରୁଣ୍ଟି ଖଲର୍ଦା ପ୍ରକଳ୍ପରେ ବିଳମ୍ବକୁ ନେଇ ଉଠିଲା ବଡ଼ ପ୍ରଶ୍ନ

ଫୁଲନଖରା ,(ସବ୍ୟୁ) :କଟକ ଜିଲ୍ଲାର ନିଆଳି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାରଙ୍ଗ ବ୍ଲକର ୩୩ ନମ୍ବର ଜୋନର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କୁରୁଣ୍ଟିଖଲର୍ଦା ରାସ୍ତା ଆଜି ସାଧାରଣ ଜନତାଙ୍କ ପାଇଁ ଏକ ଅଭିଶାପରେ ପରିଣତ ହୋଇଛି । ପ୍ରାୟ ୧୩ କିଲୋମିଟର ଦଇର୍ଘ୍ୟ ବିଶିଷ୍ଟ ଏହି ରାସ୍ତା କୁରାଙ୍ଗ ପ୍ରଧାନ ପଞ୍ଚାୟତର କୁରୁଣ୍ଟି ଗ୍ରାମରୁ ଆରମ୍ଭ ହୋଇ ଖଲର୍ଦା ପଞ୍ଚାୟତ ଛକରେ ଶେଷ ହୋଇଛି । ଏକ ପଟେ ଜଗତସିଂହପୁର ଜିଲ୍ଲା ଏବଂ ଅନ୍ୟ ପଟେ କଟକ ସହର ସହ ସଂଯୋଗ ସ୍ଥାପନ କରୁଥିବା ଏହି ରାସ୍ତା ଉପରେ ଆଖପାଖର ୧୦ରୁ ୧୫ଟି ପଞ୍ଚାୟତର ହଜାର ହଜାର ଲୋକ ନିର୍ଭରଶୀଳ । ପ୍ରତିଦିନ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀ, ଚାଷୀ, ବ୍ୟବସାୟୀ, ଶ୍ରମିକ, ସରକାରୀ କର୍ମଚାରୀ ଓ ସାଧାରଣ ଯାତ୍ରୀମାନେ ଯାତାୟାତ କରୁଥିବା ବେଳେ ରାସ୍ତାର ଶୋଚନୀୟ ଅବସ୍ଥା ସେମାନଙ୍କ ଦୈନନ୍ଦିନ ଜୀବନକୁ ଦୁର୍ବିଷହ କରିପକାଇଛି । ବର୍ଷ ବର୍ଷ ଧରି ଏହି ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବେଳେ ଏହାର ଉନ୍ନତିକରଣ ନାମରେ ଯାହା ଚାଲିଛି ତାହା ଏବେ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷର କାରଣ ପାଲଟିଛି ।

ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିଲା । ପରବର୍ତ୍ତୀ ସମୟରେ ଏହାକୁ ଆର୍ ଆଣ୍ଡ ବି ଡିଭିଜନ୍ ଅଧୀନକୁ ହସ୍ତାନ୍ତର କରାଯାଇଥିଲା । ପୂର୍ବତନ ନିଆଳି ବିଧାୟକ ଡ଼ା. ପ୍ରମୋଦ କୁମାର ମଲ୍ଲିକଙ୍କ ଉଦ୍ୟମରେ ୨୦୨୩।୨୪ ମସିହାରେ ରାସ୍ତାର ଉନ୍ନତିକରଣ ପାଇଁ ଟେଣ୍ଡର ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା ଏବଂ ଜଣେ ଠିକାଦାରଙ୍କୁ କାର୍ଯ୍ୟ ଦାୟିତ୍ୱ ଦିଆଯାଇଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଯେ, ପ୍ରାୟ ତିନି ବର୍ଷ ବିତିଯାଇଥିଲେ ମଧ୍ୟ ରାସ୍ତା କାର୍ଯ୍ୟର ୫୦ ପ୍ରତିଶତ ମଧ୍ୟ ଶେଷ ହୋଇପାରିନାହିଁ ।

ବର୍ତ୍ତମାନ ରାସ୍ତାର ଅବସ୍ଥା ଏପରି ଯେ ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି । ବର୍ଷା ଦିନରେ ସେହି ଖାଲଗୁଡ଼ିକ ପାଣିରେ ପୂରି ଯାଉଥିବାରୁ ରାସ୍ତା ଓ ଖାଲ ଚିହ୍ନଟ କରିବା କଷ୍ଟକର ହୋଇପଡୁଛି । ଫଳରେ ପ୍ରତିଦିନ ଦୁର୍ଘଟଣାର ଆଶଙ୍କା ଲାଗି ରହୁଛି । ରାତି ସମୟରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଅନେକ ଲୋକ ଦୁର୍ଘଟଣାର ଶିକାର ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଯେଉଁ କାର୍ଯ୍ୟ ନିର୍ଦ୍ଦିଷ୍ଟ ସମୟ ସୀମା ଭିତରେ ଶେଷ ହେବା କଥା, ସେହି କାର୍ଯ୍ୟ ତିନି ବର୍ଷ ପରେ ବି କାହିଁକି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଛି? ସାଧାରଣ ଲୋକଙ୍କ ମନରେ ଏବେ ଏହି ପ୍ରଶ୍ନ ଉଠୁଛି ଯେ, ଠିକାଦାର ଓ ବିଭାଗୀୟ କିଛି ଅଧିକାରୀଙ୍କ ମଧ୍ୟରେ କୌଣସି ଅଘୋଷିତ ବୁଝାମଣା ରହିଛି କି, ଯାହା ପାଇଁ ଏତେ ବିଳମ୍ବ ସେ‰ କୌଣସ ଜବାବଦେହିତା ନିର୍ଦ୍ଧାରଣ ହେଉନାହିଁ? ବର୍ଷା ଆରମ୍ଭ ହେବା ପରେ ଠିକାଦାର କେବଳ ଖାଲଗୁଡ଼ିକରେ ଡଷ୍ଟ ପକାଇ ଦାୟିତ୍ୱ ସାରିଦେଇଥିବା ଅଭିଯୋଗ ହେଉଛି, ଯାହା ସମସ୍ୟାର ସ୍ଥାୟୀ ସମାଧାନ ନୁହେଁ ।

ଏହି ପ୍ରସଙ୍ଗରେ ଆର୍ ଆଣ୍ଡ ବି ବିଭାଗର ଜଣେ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ସେ କହିଛନ୍ତି ଯେ ରାସ୍ତାକୁ ପ୍ରଶସ୍ତ କରିବା ସହ ଗାର୍ଡ ଓ୍ୱାଲ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ବିଳମ୍ବ ହେଉଛି ଏବଂ ଆସନ୍ତା ଛଅ ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ । ସ୍ଥାନୀୟ ଜନସାଧାରଣଙ୍କ ମତରେ, ନିଆଳିର ଜନପ୍ରିୟ ଓ ବିକାଶମୁଖୀ ବିଧାୟକ ଇଂ. ଛବି ମଲ୍ଲିକ ସର୍ବଦା ଜନସମସ୍ୟା ପ୍ରତି ସମ୍ବେଦନଶୀଳ ରହିଆସିଛନ୍ତି । ଅଞ୍ଚଳର ବିକାଶ ପାଇଁ ତାଙ୍କର ସକ୍ରିୟ ଭୂମିକା ଏବଂ ଜନସାଧାରଣଙ୍କ ସହ ସିଧାସଳଖ ସମ୍ପର୍କ ତାଙ୍କୁ ସାଧାରଣ ଲୋକଙ୍କ ନିକଟତର କରିଛି । ତେଣୁ ଏହି ଗୁରୁତ୍ୱପୂର୍ଣ୍ଣ କୁରୁଣ୍ଟଖଲଦା ରାସ୍ତା ପ୍ରସଙ୍ଗରେ ମଧ ସେ ତୁରନ୍ତ ହସ୍ତକ୍ଷେପ କରି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସହ ଆଲୋଚନା କରିବେ ବୋଲି ଲୋକମାନେ ଆଶା ପ୍ରକାଶ କରିଛନ୍ତି ।

# ତାରିଣୀ ପାହଡ଼ ଜଙ୍ଗଲରେ ହାତୀ



କଣ୍ଟିଲୋ,(ସବ୍ୟୁ): କଣ୍ଟିଲୋ ତାରିଣୀ ପାହାଡ଼ ଅଞ୍ଚଳରେ ଏକ ହାତୀ ପଶି ଆସିଥିବା ଦେଖାଯାଇଛି । ମଙ୍ଗଳବାର ଭୋର ସମୟ ରେ କୁଞ୍ଜ ବିହାରୀ ହାଇସ୍କୁଲ ପାଖ ରାସ୍ତାରେ ତାରିଣୀ ପାହାଡ଼ରେ ପ୍ରବେଶ କରିଥିବା ଗ୍ରାମବାସୀ କହିଛନ୍ତି । ହାତୀ ପାଦ ଚିହ୍ନ ଦେଖିବା ପରେ ଗ୍ରାମବାସୀ ଖୋଜିବା ପରେ ନିକଟସ୍ଥ ମଇଁଷି ଗୋଠ ରାସ୍ତାରେ ହାତୀ ଦେଖିଥିଲେ ଓ ବନବିଭାଗକୁ ଖବର ଦେଇଥିଲେ ।

ଗ୍ରାମବାସୀ ଓ ବନବିଭାଗ କର୍ମଚାରୀ ହାତୀକୁ ଗ୍ରାମରୁ ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ । ଖଣ୍ଡପଡା ରେଞ୍ଜର ଦିଲ୍ଲୀପ ପଟ୍ଟନାୟକ, କଣ୍ଟିଲୋ ଫରେଷ୍ଟର ଜ୍ୟୋତି ରଞ୍ଜନ ମଲ୍ଲିକ ଓ କର୍ମଚାରୀ ଉପସ୍ଥିତ ରହିବା ସହ ହାତୀର ଗତିବିଧି ଉପରେ ନଜର ରଖିଥିବା କହିଛନ୍ତି । କଣ୍ଟିଲୋ ଅଞ୍ଚଳରେ ହାତୀ ଦେଖାଯିବାକୁ ନେଇ ଅଞ୍ଚଳବାସୀ ଆତଙ୍କିତ ହୋଇଛନ୍ତି ।

# ବେଆଇନ ବାଲି ଚାଲାଣ : ଆଖି ବୁଜିଛି ପ୍ରଶାସନ

କଣ୍ଟାପଡ଼ା, (ସବ୍ୟୁ): କଣ୍ଟାଟାପଡ଼ା ତହସିଲ ଅନ୍ତର୍ଗତ ଦେବୀନଦୀରୁ ବେଆଇନଭାବେ ବାଲି ଉତ୍ତୋଳନ ହୋଇ ବାହାରକୁ ଚାଲାଣ ହେଉଛି, ମାତ୍ର ଖଣି ବିଭାଗ, ପୁଲିସ କିମ୍ବା ରାଜସ୍ୱ ବିଭାଗ ଏଥି ପ୍ରତି ଆଖି ବୁଜିଦେଇଥିବା ଅଭିଯୋଗ ହେଉଛି । ଝାରପଡ଼ା, ତୀର୍ଥପଡ଼ା, ଅ,,ଇସାହି, କନ୍ଦଳ ଆଦି ଅଂଚଳରୁ ଦୈନିକ ଶହ ଶହ ଟ୍ରିପ ବାଲି ଲୁଟ ହେଉଥିଲେ ମଧ ଗୋଟିଏ ହେଲେ ଗାଡ଼ି ଜବତ ହେଉନାହିଁ । ସମସ୍ତ ଗାଡ଼ି ଫୁଲନଖରା-ନିଆଳି ରାସ୍ତା ରେ ବିଭିନ୍ନ ଗନ୍ତବ ସ୍ଥଳକୁ ଯାଉଛନ୍ତି ହେଲେ ଏହି ରାଜପଥ ପାର୍ଶ୍ୱର୍ରେ ଥିବା ଓଲଟପୁର ଥାନା କିମ୍ବା କଂଟାପଡ଼ା ତହସିଲ କାର୍ଯ୍ୟାଳୟ ନିରବ ଦ୍ରଷ୍ଟା ସାଜିଛନ୍ତି । ଏପରିକି ଗୋବିନ୍ଦପୁର ଥାନା ମଧ ଆଶ୍ଚର୍ଯ୍ୟଜନକଭାବେ ଚୁପ ରହିଛି । ଏହି ଥାନା ନିଶ ତଳେ ଦିନ ରାତି ସଂଖ୍ୟାଧିକ ଟ୍ରକ ବାଲି ଚୋରା ଚାଲାଣ କାର୍ଯରେ ଲାଗିଥିଲେ ମଧ ବାଲି ମାଫିଆଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ । ଅନ୍ୟପକ୍ଷରେ ପଡ଼ୋଶୀ ନିଆଳି ତହସିଲ ପକ୍ଷରୁ ସେ ଅଂଚଳରେ ଥିବା ବେଆଇନ ବାଲି ଘାଟ ଉପରେ ବାରମ୍ବାର ଚଢ଼ଉ ହେଉଥିବା ଦେଖାଯାଉଛି । ଏପରିକି ଫୁଲନଖରା-ନିଆଳି ରାସ୍ତାରେ ଯାଉଥିବା ସଂଖ୍ୟାଧିକ ବାଲି ବୋଝେଇ ହାଇଓ୍ୱା ଓ ଏହି କାର୍ଯରେ ନିୟୋଜିତ ମେସିନ ଜବତ ହେଉଛି । କିନ୍ତୁ କଣ୍ଟାପଡ଼ା ବ୍ଲକରେ ଦୁଇ ଦୁଇଟି ଥାନା ଥିଲେ ସୁଦ୍ଧା ବାଲି ମାଫିଆଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି ଜିଲା ଖଣି ବିଭାଗ ମଧ ଏ କ୍ଷେତ୍ରରେ ଚୁପ ରହିବା ଅନେକଙ୍କୁ ଚକିତ କରିଛି । ଉଭୟ ଥାନା ଓ ରାଜସ୍ୱ ବିଭାଗ ସମେତ ଖଣି ବିଭାଗର ଅଧିକାରୀଙ୍କ ମିଳିଭଗତରେ ଏହି ଚୋରା କାରବାର ନିର୍ବିଘ୍ନରେ ଚାଲିବା ନେଇ ହେଉଥିବା ସନ୍ଦେହ ଏବେ କ୍ରମଶଃ ଦୃଢ଼ୀଭୂତ ହେଉଛି । ସମ୍ପୃକ୍ତ ବିଭାଗଗୁଡ଼ିକର ଉଚ୍ଚ ପଦସ୍ଥ ଅଧିକାରୀଗଣ ଏହା ଉପରେ ଦୃଷ୍ଟି ନିବଦ୍ଧ ପୂର୍ବକ ରାତି ଅଧିଆ ଚଢ଼ଉ କରିବାକୁ ସାଧାରଣରେ ଦାବି ହେଉଛି ।

# ରେଳ ଧାରଣା ମଝିରୁ ଅଜ୍ଞାତ ମୃତଦେହ ଉଦ୍ଧାର

ନିରାକାରପୁର, (ସବ୍ୟୁ) : ଖୋର୍ଦ୍ଧାରୋଡ ରେଳବାଇ ପୋଲିସ ନିରାକାରପୁର ରେଳବାଇ ଫାଣ୍ଡି ଅନ୍ତର୍ଗତ ଅଧୀନରେ ଥିବା ଗଙ୍ଗାଧରପୁର ରେଳଷ୍ଟେସନ ନିକଟରୁ ମଙ୍ଗଳବାର ଦିନ ଏକ ଅଜ୍ଞାତ ମୃତଦେହ ଉଦ୍ଧାର କରାଯାଇଛି ।ଗଙ୍ଗାଧରପୁର ଷ୍ଟେସନର ଦୁଇଟି ରେଳ ଧାରଣା (ଟ୍ରାକ) ମଝିରେ ଏକ ପୁରୁଷଙ୍କ ଶବ ପଡ଼ିରହିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଏ ନେଇ ଖବର ପାଇବା ପରେ ନିରାକାରପୁର ଜିଆରପି ପୋଲିସ ଅଧିକାରୀ ଦିଲ୍ଲୀପ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଛି । ମୃତକଙ୍କ ପରିଚୟ ବର୍ତ୍ତମାନ ସୁଦ୍ଧା ମିଳିପାରି ନାହିଁ ।ଏହି ଘଟଣାରେ ଖୋର୍ଦ୍ଧାରୋଡ ଜିଆରପି ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଶବ ବ୍ୟବଚ୍ଛେଦ ପରେ ଚିହ୍ନଟ ପ୍ରକ୍ରିୟା ପାଇଁ ମୃତଦେହକୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲର ଶବ ସଂରକ୍ଷଣ ଗୃହ ରେ ସୁରକ୍ଷିତ ଭାବେ ରଖାଯାଇଛି ।

# ଲକ୍ଷ୍ମୀସାଗରରେ ପତିତପାବନଙ୍କ ସ୍ନାନଯାତ୍ରା



ବାଲିଅନ୍ତା ,(ସବ୍ୟୁ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମା ଅବସରରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଶ୍ରୀଶ୍ରୀ ପତିତପାବନ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ ହୋଇଛି । ବୈଦିକ ରୀତିନୀତି ଅନୁସାରେ ଅଗଣିତ ଶ୍ରଦ୍ଧାଳୁମାନଙ୍କ ଗହଣରେ ଶଙ୍ଖ, ଘଣ୍ଟ, ମର୍ଦ୍ଦଳ ଓ ହୁଳହୁଳି ନିଦାନରେ ରନି ସିଂହାସନରୁ ସ୍ନାନ ମଣ୍ଡପକୁ ଅଣାଯାଇ ଶ୍ରୀଶ୍ରୀ ପତିତପାବନ ମହାପ୍ରଭୁଙ୍କ ସ୍ନାନ ସମ୍ପନ୍ନ କରାଯାଇଛି । ସ୍ନାନ ପରେ ମହାପ୍ରଭୁ ଅଣସର ଘରେ ରହିବା ପର୍ଯ୍ୟ୍ୟନ୍ତ ମଲମ ଓ ଚିକିତ୍ସା ନିର୍ଦ୍ଧାରିତ ନର୍ଘଣ୍ଟ ଅନୁସାରେ କରାଯିବାର ବ୍ୟବସ୍ଥା ହୋଇଛି ।

ସୁସ୍ଥ ହୋଇ ମହାପ୍ରଭୁ ଶ୍ରୀ ଶ୍ରୀ ପତିତପାବନ ଦେବ ରନି ସିଂହାସନରେ ବିଜେ କରିବା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ମୁଖମଣ୍ଡଳ ଦର୍ଶନ କରିପାରିବେ ବୋଲି ଶ୍ରୀ ଶ୍ରୀ ପତିତପାବନ ମନ୍ଦିର ଟ୍ରଷ୍ଟ ବୋର୍ଡ଼ କମିଟିର ମୁଖ୍ୟ ପ୍ରଶାନ୍ତ କୁମାର ପରିଡ଼ା ଜଣାଇଛନ୍ତି ।

# ବଜ୍ରପାତରୁ ସଟ୍ ସର୍କିଟ ଜଣେ ମୃତ ,୧୦ ଆହତ

ଅସ୍ତରଙ୍ଗ,(ସବ୍ୟୁ): ମଙ୍ଗଳବାର ଦିନ ସକାଳ ୮ଟା ସମୟ ରେ ଅସ୍ତରଙ୍ଗ ବ୍ଲକ ଅଧୀନ ଛୁରିଆନା ପଞ୍ଚାୟତର ବଳଭଦ୍ରପୁର ଗ୍ରାମର ଆସିଆ ପରମିନ (୩୨)ନାମକ ଜଣେ ମୁସଲିମ ମହିଳା ତାଙ୍କ ଇନ ଭୋଟିକେଟରରୁ ବିଦୁତ ସଂଯୋଗ କାଟୁଥିବା ବେଳେ ବଜ୍ରପାତ ହୋଇଥିଲା । ଫଳରେ କି ବିଦୁତ ସଟ ସର୍କିଟ ର ଆଘାତ ଯୋଗୁଁ ସେ ସେହିଠାରେ ଘର ଭିତରେ ଟଳି ପଡ଼ିଥିଲେ । ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଅପର ପକ୍ଷରେ ଯାହାନିଆ ବେଳା ଭୂମି ଅଧୀନଅଣକଣା ଗ୍ରାମ ନିକଟ ସମୁଦ୍ର କୂଳରେ ନୂତନ ଝାଉଁ ଜଙ୍ଗଲ ସୃଷ୍ଟି କରିବା ପାଇଁ ବନ ବିଭାଗ ତରଫରୁ କିଛି ଶ୍ରମିକ କାର୍ଯ୍ୟ କରୁଥିବା ସମୟରେ ବଜ୍ରପାତ ୭ ଜଣ ଶ୍ରମିକ ଆହତ ହୋଇ ମେଡିକାଲ ଯାଇ ସୁସ୍ଥ ହୋଇ ଥିବା ବେଳେ, କେତେକ ତେଲୁଗୁ ସାମ୍ପ୍ରଦାୟ ପୁରୁଷ ଓ ମହିଳା ବର୍ଷା ଯୋଗୁଁ ତାଙ୍କ ଦୁଆର ମୁହଁରେ ଛିଡା ହୋଇଥିବା ବେଳେ, ସେହି ବଜ୍ରପାତ ରେ ୪ଜଣଙ୍କ ଭିତରୁ ୨ଜଣ ଗୁରୁତର ହୋଇ ଆଚେତ ହୋଇଯିବା ଦାରା ଅସ୍ତରଙ୍ଗ ମେଡିକାଲ ଯାଇ ଅପରାହ୍ନରେ ସୁସ୍ଥ ହୋଇ ଫେରିଥିବାର ଜଣାପଡିଛି ।

# ୨ ଦିନ ପରେ ଭଡ଼ାଘରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଭାପୁର ,(ସବ୍ୟୁ): ନୟାଗଡ଼ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପଥରଚକଡା ଗ୍ରାମର ଏକ ଭଡ଼ାଘର ଭିତରେ ପ୍ରାୟ ଦୁଇ ଦିନ ଧରି ପଡ଼ି ରହିଥିବା ମୃତଦେହକୁ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଫତେଗଡ଼ ଥାନା ପୋଲିସ ଉଦ୍ଧାର କରିଛି । ମୃତ ବ୍ୟକ୍ତି ଜଣଙ୍କ ସନ୍ତୋଷ ଦାଶ ବୋଲି ଚିହ୍ନଟ ହୋଇଛନ୍ତି ।ପୁଲିସ ପହଞ୍ଚି ଶବ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି ।ସେ ଭଡ଼ାରେ ରହୁଥିବା ସହିତ ତାଙ୍କର ଦୁଇଟି ସ୍ତ୍ରୀ ଥିବା ଜଣାପଡ଼ିଛି । ତାଙ୍କ ନିଜ ଘର କଟକ ଜିଲ୍ଲା ବୈଦେଶ୍ୱର ଥାନା ଅଧୀନ କାଳିପୋଇ ଗ୍ରାମ ବୋଲି ସୂଚନା ମିଳିଛି । ଘଟଣାସ୍ଥଳକୁ ଫତେଗଡ଼ ଥାନା ପୁଲିସ ପହଞ୍ଚି ଶବ ଉଦ୍ଧାର କରିବା ସହ ତଦନ୍ତ ଆରମ୍ଭ କରିଛି । ଆହୁରି ମଧ ଜଣାଯାଇଛି ଯେ ସନ୍ତୋଷଙ୍କର ଦ୍ୱିତୀୟ ସ୍ତ୍ରୀ ମୃତଦେହକୁ ପୋଡ଼ିବା ଲାଗି ପୁରୀ ଅଭିମୁଖେ ନେଉଥିବାର ସୂଚନା ପାଇ ପ୍ରଥମ ସ୍ତ୍ରୀ ଥାନାରେ ଅଭିଯୋଗ କରିଥିଲେ । ତେବେ ସନ୍ତୋଷଙ୍କର କିପରି ମୃତ୍ୟୁ ହେଲା, ତାହା ସ୍ପଷ୍ଟ ହୋଇନାହିଁ ।ତେବେ ଫତେଗଡ଼ ଥାନା ଅଧିକାରୀ ଅଜୟ ସାହୁ କହିଛନ୍ତି ଯେ ମୃତ ବ୍ୟକ୍ତି ଜଣଙ୍କ ବିଭିନ୍ନ ବ୍ୟକ୍ତିମାନଙ୍କାରୁ ଲକ୍ଷାଧିକ ଟଙ୍କା ଧାର କରଜ କରିଥିଲେ । ଏହି ଟଙ୍କା ଧାର କରଜ ଦେଇଥିବା ବ୍ୟକ୍ତିମାନେ ମାଗିବାରୁ ସେ ଦେଇ ନ ପାରି ଆତ୍ମହତ୍ୟା କରିଥିବା ସ୍ଥାନୀୟ ଲୋକମାନଙ୍କ ଠାରୁ ଶୁଣିବାକୁ ମିଳିଛି । ଏହି ଘଟଣାରେ ପତେଗଡ଼ ଥାନାରେୟୁଡ଼ି କେଶ ନଂ ୧୩/୨୬ରେ ଏକ ମାମଲା ରୁଜୁ କରାଯାଇ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି ।

# ନିମାପଡା ସାମ୍ବାଦିକ ସଂଘ କର୍ମକର୍ତ୍ତା ଚୟନ: ଅକ୍ଷୟ- ସଭାପତି , ଅଶୋକ- ସଂପାଦକ

ନିମାପଡା,(ସବ୍ୟୁ) : ନିମାପଡା ସାମ୍ବାଦିକ ସଂଘ ନାମରେ ଏକ ନୂତନ ସଂଘ ଗଠନ ହେବା ସହିତ ସଂଘର କର୍ମକର୍ତ୍ତା ଚୟନ ହୋଇଯାଇଛି। ମଙ୍ଗଳବାର ଦିନ ସ୍ଥାନୀୟ ଦିଘାଳୋ ମନସାକାନନ ଠାରେ ନିମାପଡା ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂତନ ଭାବେ ଗଢିଉଠିଥିବା ସଂଘର ଆଗାମୀ କାର୍ଯ୍ୟପନ୍ଥା, ସଂଘ ପକ୍ଷରୁ ବିଭିନ୍ନ ସାମାଜିକ, ସଚେତନଧର୍ମୀ କାର୍ଯ୍ୟକ୍ରମ, ନିମାପଡା ଅଂଚଳର ବିକାଶରେ ଭାଗୀଦାରୀ ହେବା ଭଳି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନିଆଯାଇଥିଲା।



ନିମାପଡା ସାମ୍ବାଦିକ ସଂଘର ନୂତନ ସଭାପତି ଭାବେ ଅକ୍ଷୟ କୁମାର ନାୟକ,ଉପସଭାପତି ଭାବେ ଅରୁଣ ମହାପାତ୍ର, ସାଧାରଣ ସଂପାଦକ ଅଶୋକ କୁମାର ବେହେରା, ଯୁଗ୍ମ ସହ-ସଂପାଦକ ଅଜିତ ରଂଜନ ସାହୁ, ଶିଶିର ସ୍ୱାଇଁ,କୋଷାଧକ୍ଷ ସାନ୍ତନୁ ମହାନ୍ତି,ସଂଗଠନ ସଂପାଦିକା ନିବେଦିତା ମିଶ୍ର ପ୍ରମୁଖ ମନୋନୀତ ହୋଇଥିଲେ। ସଂଘର ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ଚିତ୍ତରଂଜନ ମହାନ୍ତି,ସୁକାନ୍ତ କର,ରାଜ କିଶୋର ଦାଶ,ଡଃ.କେଦାର ନାଥ ସାହୁଙ୍କୁ ଚୟନ କରାଯାଇଥିଲା। ସାମ୍ବାଦିକ ବିଭୂତି ମହାପାତ୍ର, ରଂଜନ ଦାସ,ସତ୍ୟମ ଯୋସେଫ ଲେଙ୍କା, ବିବେକାନନ୍ଦ ସେଠୀ,ସୁରେଶ ଚନ୍ଦ୍ର ମହାନ୍ତି, ଜୟନ୍ତ ସେଠୀ,ଅଭୟ ସ୍ୱାଇଁ,ଦୁର୍ଗା ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କେବୁଲ ଚୋରକୁ ପୋଲିସ ଜିମା ଦେଲେ ଲୋକେ

ବାଲିପାଟଣା ,(ସବ୍ୟୁ): ମଙ୍ଗଳବାର ସକାଳୁ ସକାଳୁ ମେଘ ଅନ୍ଧାରର ସୁଯୋଗ ନେଇ ଦୁଇ ଦୃବୃତ୍ତ ଏକ ମୋବାଇଲ ଟାଓ୍ୱାର କେବୁଲ ତାର କାଟି ଚମ୍ପଟ ମାରିବାକୁ ଉଦ୍ୟମ କରୁଥିବା ସ୍ଥାନୀୟ ଲୋକେ ତାଙ୍କୁ କାବୁ କରି ପୁଲିସ ଜିମା ଦେଇଛନ୍ତି । ମଙ୍ଗଳବାର ଭୋରୁ ଅନ୍ଧାରରେ ଦୁର୍ବୃତ୍ତ ଚଣାହଟା ସ୍କୁଲ ନିକଟରେ ଥିବା ଏକ ମୋବାଇଲ ଟାଓ୍ୱାର କେବୁଲ କାଟି ଫେରାର ହୋଇଯିବାକୁ ଉଦ୍ୟମ କରୁଥିଲା । ହେଲେ ତାର ଗାଡି ଚାବିଟି ହଜି ଯାଇଥିଲା । ଚାବି ଖୋଜୁ ଖୋଜୁ ସକାଳ ହୋଇଯାଇଥିଲା ।ଫଳରେ ସ୍ଥାନୀୟ ଲୋକେ ସକାଳୁ ସକାଳୁ ନିକଟରେ ଥିବା ଦୋକାନକୁ ଚା, ପିଇବାକୁ ଆସିଥିଲେ । ଅଚିହ୍ନା ଲୋକଙ୍କୁ ଦେଖି ସନ୍ଦେହ ଜାତ ହୋଇ ଥିଲା ।ସେମାନଙ୍କୁ ଅଟକାଇ ପଚରା ଉଚରା କରିବା ସମୟରେ ସବୁ ସତ୍ୟ ସମ୍ମାନକୁ ଆସିଯାଇଥିଲା । ତା ଅଖା ପ୍ୟାକେଟରୁ ତିନି ସ୍ଥାନ କଟା କେବୁଲୁ ଓ ଚୋରିରେ ବ୍ୟବହୃତ ଯନ୍ତ୍ରାଂଶ,ଗୋଟିଏ ବାଇକି ଜବତ କରି ପୋଲିସକୁ ଖବର ଦେଇଥିଲେ । ଘଟଣା ସ୍ଥଳରେ ପି ସି ଆର୍ ପହଞ୍ଚି ତାକୁ ଥାନାକୁ ଆଣି ପଚରାଉଚରା କରୁଛି । ସେ ହେଲା ବାରିଲୋ ଅଞ୍ଚଳର ପ୍ରତାପ ପାତ୍ର ଓରଫ ପ୍ରତାପ ବୋଲି ଜଣାପଡ଼ିଛି ।, ଏହି ଘଟଣାରେ ସମ୍ପୃକ୍ତ ମୁଖ୍ୟ ଆସାମୀ ସେଠାରୁ ଫେରାର ହେବାରେ ସକ୍ଷମ ହୋଇଛି । ମଙ୍ଗଳବାର ଅପରାହ୍ନରେ ବାଲିପାଟଣା ପୋଲିସ କେଶ ନଂ ୨୯୩/୨୦୨୬ ବଳରେ ପ୍ରତାପ ପାତ୍ରକୁକୋର୍ଟ ଚାଲାଣ କରାଯାଇଛି ।

# ବିଜେପି ବିଜେଡ଼ି ଧାରଣା ପ୍ରତ୍ୟାହୃତ

ଦଶପଲ୍ଲା ,(ସବ୍ୟୁ): ସୋମବାର ଦିନ ଦଶପଲ୍ଲା ବ୍ଲକ ଗେଟ ସମୁଖରେ ଭିଜିଲାନ୍ସ ତଦନ୍ତ ଦାବିକରି ଧାରଣା ଦେଇଥିବା ବିଜେପି କର୍ମୀ ମାନେ ସେମାନଙ୍କ ଧାରଣା ପ୍ରତ୍ୟାହୃତ କରିଛନ୍ତି । ଗତ ଦଶ ବର୍ଷ ମଧ୍ୟରେ ଦଶପଲ୍ଲା ବ୍ଲକରେ ହୋଇଥିବା ବିଭନ୍ନ ବିକାଶ ମୂଳକ କାର୍ଯ୍ୟରେ ହୋଇଥିବା ଅନିୟମିତତାକୁ ନେଇ ଭିଜିଲାନ୍ସ ତଦନ୍ତ ଦାବି କରାଯାଇଥିଲା । ମଙ୍ଗଳବାର ଦିନ ସିଡିଓ ଲଗ୍ନଜିତ ରାଉତ ଆନ୍ଦୋଳନକାରୀମାନଙ୍କ ନିକଟରେ ପହଁଚି ତଦନ୍ତ ପାଇଁ ପ୍ରତିଶ୍ରୁତି ଦେବାପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଥିଲା । ଏହି ଧାରଣାରେ ସାଂସଦ ପ୍ରତିନିଧି କିଶୋର ଚନ୍ଦ୍ର ଦଳବେହେରା,ସରପଞ୍ଚ ସଂଜୀବ ପଟନାୟକ ,ପ୍ରଦୋଷ କୁମାର ଜେନା,ବାପୁଜି ସାହୁ ସହ ବହୁ ବିଜେପି କର୍ମୀ ଧାରଣା ଦେଇଥିଲେ ।

ସେହିପରି ବିଭିନ୍ନ ଦାବି ନେଇ ସୋମବାର ଠାରୁ ବ୍ଲକ ସମ୍ମୁଖରେ ଧାରଣା ଦେଇଥିବା ବିଜେଡି ସମର୍ଥିତ ପଞ୍ଚାୟତ ପ୍ରତିନିଧିମାନେ ଧାରଣା ପ୍ରତ୍ୟାହୃତ କରିଛନ୍ତି । ସିଡ଼ିଓ ତଥା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଲଗ୍ନଜିତ ରାଉତଙ୍କ ପ୍ରତିଶୃତି ପରେ ଏହି ଧାରଣା ପ୍ରତ୍ୟାହୃତ ହୋଇଛି । ଅଧକ୍ଷା ସୁନନ୍ଦା ସାହୁ ଙ୍କ ନେତୃତ୍ୱରେ ପଞ୍ଚାୟତ ପଞ୍ଚାୟତ ପ୍ରତିନିଧିମାନେ ବିଡ଼ିଓ ଙ୍କ ବିରୋଧ ରେ ଧାରଣା ଦେଇଥିଲେ । ଶେଷରେ ସିଡିଓ ଧାରଣା ରତ ପଞ୍ଚାୟତ ପ୍ରତିନିଧି ମାନଙ୍କ ନିକଟରେ ପହଞ୍ଚି ଆସନ୍ତା ୮ ତାରିଖ ଦିନ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେବ ବୋଲି ପ୍ରତିଶୃତି ଦେବାସହ ସମସ୍ତ ବିଲ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ପଞ୍ଚାୟତ ପ୍ରତିନିଧି ମାନେ ଧାରଣାରୁ ନିବୃତ ରହିଥିଲେ । ଏହି ଧାରଣାରେ ପଞ୍ଚାୟତ ସମିତିଅଧକ୍ଷା ଙ୍କ ସହ ଜିଲ୍ଲାପରିଷଦ ବସନ୍ତ ପ୍ରଧାନ,ହରିଶ୍ଚନ୍ଦ୍ର ଯାନୀ, ସତ୍ୟଭାମା ନାୟକ ଙ୍କ ସହ ପଞ୍ଚାୟତ ପ୍ରତିନିଧିମାନେ ସାମିଲ ହୋଇଥିଲେ ।

# ନାବାଳିକା ଝିଅାରୀକୁ ଦୁଷ୍କର୍ମ ବୃଦ୍ଧ ପିଇସା କୋର୍ଟ ଚାଲାଣ

ବାଲିପାଟଣା ,(ସବ୍ୟୁ): ନାବାଳିକା ଝିଅାରୀକୁ ଭୟ ଦେଖାଇ ବାରମ୍ବାର ଦୁଷ୍କର୍ମ କରିବା ଓ ଗର୍ଭବତୀ ହେବାପରେ ଗର୍ଭପାତ କରାଇବାର ଗୁରୁତର ଅଭିଯୋଗ ପରେ ପୋଲିସ ଅଟକ ରଖିଥିବା ପିଇସା ଆଲୋଇ ଗ୍ରାମର ଶ୍ରୀଧର ଓଝା ( ୬୨ )ଙ୍କୁ ମଙ୍ଗଳବାର ଦିନ କୋର୍ଟ ଚାଲାଣ କରିଛି ।ନିଜ ଶଶୁର ଘରେ ରହି ଏଭଳି ଲଜ୍ୟାଜନକ ଘଟଣା ଘଟାଇବାରେ ତାର ଶାଳୀର ପ୍ରଚ୍ଛନ୍ନ ସହଯୋଗ ରହିଥିବା କଥା ନାବାଳିକାଙ୍କ ପିତା ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଜଣାଇଛନ୍ତି । ଏହାକୁ ନେଇ ବାଲିପାଟଣା ପୋଲିସ କେସ ନଂ ୨୯୧ / ୨୬ ରେ ଏକ ମାମଲା ରୁଜୁ କରି ଶ୍ରୀଧରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଡାକ୍ତରଙ୍କ ଚିକିତ୍ସାରୁ ନାବାଳିକା ଜଣକ ଏଡ୍ସରେ ଆକ୍ରାନ୍ତ ହୋଇ ଥିବା ସନ୍ଦେହ କରାଯାଉଛି ।ବାଲିପାଟଣା ପୋଲିସ ଏତଲା ପାଇବାପରେ ସୋମବାର ଦିନ ଅଭିଯୁକ୍ତକୁ ଅଟକ ରଖି ପଚରାଉଚରା କରିବାପରେ ମଙ୍ଗଳବାରଦିନକୋର୍ଟ ରେ ହାଜର କରାଇଥିଲେ ।ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠାଇ ଦିଆଯାଇଛି ।

ପ୍ରାପ୍ତ ଖବରରୁ ଜଣାପଡିଛି ଶ୍ରୀଧରର ସ୍ତ୍ରୀ ର ଦେହାନ୍ତ ପରେ ତାର ଶଶୁର ଘରେ ଅସି ରହୁଥିଲା । ସେଠାରେ ସେ କାଠମିସ୍ତ୍ରୀ ଭାବରେ କାମ କରୁଥିଲା । କିନ୍ତୁ ସେଠାରେ ସେ ନାବାଳିକାଝିଅାରୀକୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ବାରମ୍ବାର ଶାରିରୀକ ସମ୍ପର୍କ ରଖିବାରୁ ନାବାଳିକା ଜଣକ ଗର୍ଭବୀ ହୋଇଥିଲେ । ଗର୍ଭ ନଷ୍ଟ କରିବା ପାଇଁ ବୃଦ୍ଧ ଜଣକ ତାକୁ ଔଷଧ ଖାଇବାକୁ ଦେବାରୁ ନାବାଳିକା ଜଣକ ଅସୁସ୍ଥ ହୋଇ କ୍ୟାପିଟାଲ ହସପିଟାଲରେ ରେ ଚିକିତ୍ସିତ ହେବା ବେଳେ ସେ ଏଡ୍ସ ରେ ପିଡିତ ବୋଲି ଜଣାପଡିଥିଲା । ଏ ସମ୍ପର୍କରେ ଝିଅ ବାପା ଦୋଷିକୁ କଠରୋ ଦଣ୍ଡ ଦେବାକୁ ନିବେଦନ କରିଛନ୍ତି । ଅପରପକ୍ଷେ ଯଦି ଶ୍ରୀଧରର ଶାଳୀକୁ ଗିରଫ କରା ନ ଯାଏ ତେବେ ଥାନା ଘେରାଉ କରାଯିବ ବୋଲି ଗ୍ରାମବାସୀ କହିଛନ୍ତି ।

# ମାଡ଼ିଗଲା ଟ୍ରକ ମହିଳା ମୃତ

ଦଶପଲ୍ଲା,(ସବ୍ୟୁ): ଦଶପଲ୍ଲା ବ୍ଲକ କଉଡା ଗ୍ରାମର ଜଣେ ମହିଳାଙ୍କ ଉପରେ ଟ୍ରକ ମାଡି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି । ମୃତ ମହିଳାଙ୍କ ନାମ ମିନତୀ ବିଶ୍ୱାଳ(୫୫) ବୋଲି ପୋଲିସ ସୂତ୍ରରୁ ଜଣାପ । ମିନତୀ ତାଙ୍କ ପୁଅ ସୋମନାଥ ବିଶ୍ୱାଳଙ୍କ ସହ ବାଇକରେ ତାଙ୍କ ଝିଅଘର ଖୁଣ୍ଟୁବନ୍ଧ ଯାଉଥିଲେ । ସୋରଡା ନିକଟରେ ଅନ୍ୟ ଏକ ବାଇକକୁ ଅତିକ୍ରମ କରୁଥିବା ବେଳେ ସେହି ବାଇକ ସହ ସାମାନ୍ୟ ଧକ୍କା ହୋଇଥିଲା । ଫଳରେ ବାଇକ ରେ ବସିଥିବା ମିନତୀ ରାସ୍ତା ମଝିରେ ଖସି ପଡ଼ିଥିଲେ । ଏହି ସମୟରେ ଅପରପାଶ୍ୱରୁ ଆସୁଥିବା ଟ୍ରକ ମିନତୀଙ୍କ ଉପରେ ଚଢ଼ି ଯିବାରୁ ଘଟଣା ସ୍ଥଳରେ ମିନତୀଙ୍କ ମୃତ୍ୟୁ ହୋଇଥିବା ବେଳେ ପୁଅ ସୋମନାଥର ଏକ ହାତ ଭାଙ୍ଗି ଯାଇଥିଲା । ଏହି ଘଟଣାରେ ନୂଆଗାଁ ପୋଲିସ ଏକ ମାମଲା ରୁଜୁକରି ଟ୍ରକ ସହ ଦୁଇ ବାଇକକୁ ଜବତ କରିଥିବା ବେଳେ ମୃତ ମିନତୀ ଙ୍କ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ବିଶିଷ୍ଟ ବ୍ୟବସାୟୀ ଅଶୋକ ଅଗ୍ରୱାଲଙ୍କ ଅକାଳ ବିୟୋଗ

ପିପିଲି,(ସବ୍ୟୁ): ପିପିଲିର ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଅଶୋକ କୁମାର ଅଗ୍ରୱାଲାଙ୍କ ଅକାଳ ବିୟୋଗରେ ସମଗ୍ର ପିପିଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ବିୟୋଗରେ ବ୍ୟବସାୟୀ, ସାମାଜିକ ଓ କ୍ରୀଡ଼ା ଜଗତରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଛି । ପିପିଲି ବଜାର ବ୍ୟବସାୟୀ ସଂଘର ପ୍ରାକ୍ତନ ସଭାପତି ଭାବେ ସେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ । ଏହା ସହ ମହାରାଜା କ୍ରିକେଟ କ୍ଲବର ସଭାପତି ଓ ପିପିଲି ଗଜଲକ୍ଷ୍ମୀ କ୍ଲବର ମୁଖ୍ୟ ଉପଦେଷ୍ଟା ଭାବରେ ମଧ ସେ ଜନସେବା ଓ ସଂଗଠନ ଗଠନରେ



ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।ଅଶୋକ କୁମାର ଅଗ୍ରୱାଲଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟୀ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି । ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗଠନ । ବିଜେଡି ନେତା ତଥା ପିପିଲି ର ପୂର୍ବତନ ବିଧାୟକ ରୁଦ୍ର ପ୍ରତାପ ମହାରଥୀ ତାଙ୍କ ବିୟୋଗରେ ଗଭୀର ସମବେଦନା ଜଣାଇ ଶୋକସନ୍ତପ୍ତ ପରିବାର ପ୍ରତି ସହାନୁଭୂତି ପ୍ରକାଶ କରିଛନ୍ତି ।

# ଶାଳେଶର ଯୁବକ ସଂଘର ବୃକ୍ଷରୋପଣ



ବଳଙ୍ଗା, (ସବ୍ୟୁ): ବଳଙ୍ଗା ନିକଟସ୍ଥ ଶାଳଜଙ୍ଗ ଗ୍ରାମର ଶାଳେଶର ଯୁବକ ସଂଘ ପକ୍ଷରୁ ନିମାପଡ଼ା - ପିପିଲି ରାସ୍ତାର ଶାଳଜଙ୍ଗ ଠାରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂର୍ବରୁ ଏହି ରାସ୍ତାର ହଜାର ହଜାର ଗଛ ବାଟୋଇ ମାନଙ୍କୁ ଛାଇ ପ୍ରଦାନ କରୁଥିଲା ବେଳେ ବର୍ତ୍ତମାନ ଏହି ରାସ୍ତାର ସଂପ୍ରସାରଣ କାର୍ଯ୍ୟ ପାଇଁ ଗଛ ଗୁଡ଼ିକୁ କାଟି ଦିଆଯାଇଛି ।

ରବିବାର ଦିନ ଯୁବକ ମାନେ ଏକାଠି ହୋଇ ଭାଣପୁର ଠାରୁ ଶାଳଜଙ୍ଗ ମଧ୍ୟରେ ରାସ୍ତାର ଉଭୟ ପାର୍ଶ୍ୱରେ ୨ଶହରୁ ଉର୍ଦ୍ଧ ଚାରା ରୋପଣ କରାଯାଇଥିଲା । ଯୁବକ ସଂଘର ବରିଷ୍ଠ ସଦସ୍ୟ ପ୍ରସନ୍ନ ପରିଡ଼ା, ସୁନିଲ ରଥ, ଲିପନ ଦତ୍ତ, ଗିରିଜା ପ୍ରସାଦ ରଥ, ଲମ୍ବୋଦର ପରିଡା, ଶ୍ରାବଣ ମହାପାତ୍ର , ଗୋପାଳ ନାୟକ ପ୍ରମୁଖ ଉପସ୍ଥିତ ରହି ବୃକ୍ଷ ରୋପଣ କରିଥିଲେ ।

# ବିଦ୍ୟୁତ ସମସ୍ୟା: ଦଶପଲ୍ଲା ବନ୍ଦ , ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ଦଶପଲ୍ଲା ,(ସବ୍ୟୁ) :ପୂର୍ବ କାର୍ଯ୍ୟସୂଚୀ ଅନୁଯାଇ ଦଶପଲ୍ଲା ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ୧୨ ଘଣ୍ଟିଆ ଦଶପଲ୍ଲା ବନ୍ଦ କରାଯାଇଥିଲା । ଅଘୋଷିତ ବିଦ୍ୟୁତ କାଟ , ଟାକେରା ଗ୍ରୀଡ଼ ଷ୍ଟେସନକୁ କାର୍ଯ୍ୟକ୍ଷମ କରିବା , ଲୋ - ଭୋଲେଟଜ କୁ ଦୁରାଇବା , ବିଭିନ୍ନ ସମୟ ରେ ଯୁବକ ମାନଙ୍କ ବିରୋଧ ରେ ଟି ପି ସିଓ ଡି ଏଲ କରିଥିବାମାମଲା ପ୍ରତ୍ୟାହାର ଆଦି ଦାବି ରେ ଏହି ବନ୍ଦ ଡାକରା ଦିଆଯାଇଥିଲା ।

ଏହି ବନ୍ଦ ସକାଳ ୬ ଘଣ୍ଟା ରୁ ୧୧ ଘଣ୍ଟା ପର୍ଯ୍ୟନ୍ତ ହୋଇଥିଲା ।ବାଣୀଗୋଛା,ଟାକେରା,ଲକ୍ଷ୍ମୀବଜାର,ତ୍ରିନାଥ ବଜାର,ଖମାର ସାହି,ଡିହଗାଁଓ ମଧ୍ୟଖଣ୍ଡ ଠାରେ ବିଦ୍ୟୁତ ଉପଭୋକ୍ତା ସହ ବନିକସଙ୍ଘ ମିଶି ଜାତୀୟ ରାଜପଥ ଓ ରାଜ୍ୟରାଜପଥକୁ ବନ୍ଦ କରିଥିଲେ ।ଫଳରେ ଗମନା ଗମନ ସମ୍ପୂର୍ଣ ବନ୍ଦ ହୋଇ ପଡ଼ିଥିବା ବେଳେ ରାଜପଥ ପାଶ୍ୱର୍ରେ ସହ ସହ ଗାଡି ମୋଟର ଅଟକି ରହିଥିଲା । ଏହାସହ ସମସ୍ତ ଦୋକାନବଜାର ବିଦ୍ୟାଳୟ ବନ୍ଦ ରହିଥିଲା । ବନ୍ଦ ପ୍ରଭାବ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଉପରେ ପଡିଥିଲା । ଆନ୍ଦୋଳନ କାରୀମାନେ ପିକେଟିଂ କରି ଏହି ବନ୍ଦ କରିଥିବା ବେଳେ ବିଚାରପତିଙ୍କୁ ଛାଡିନଥିଲେ । ପରେ ବୁଝାସୁଝା କରିବାପରେ ଆନ୍ଦୋଳନକାରୀ ବିଚାରପତିଙ୍କୁ କୋର୍ଟ କୁ ଯିବାକୁ ଦେଇଥିଲେ ।୫ଘଣ୍ଟା ଦଶପଲ୍ଲା ବନ୍ଦ ପରେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଆନ୍ଦୋଳନ ସ୍ଥଳରେ ପହଞ୍ଚି ଆନ୍ଦୋଳନ କାରୀଙ୍କୁ ବୁଝାସୁଝା କରିବା ସହ ଏନ ଏ ସି ସଭାଗୃହରେ ବିଦ୍ୟୁତ ଉପଭୋକ୍ତା ସଂଘ ସଭାପତି ପ୍ରଫୁଲ କୁମାର ମିଶ୍ର,କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ମହାଖୁଡ଼ ଓ କର୍ମକର୍ତାମାନଙ୍କ ସହ ଦାବି ଗୁଡିକ ଉପରେ ଅଲୋଚନା କରିଥିଲେ । ଆସନ୍ତା ଡିସେମ୍ବର ମାସ ସୁଦ୍ଧାଟାକେରା ଗ୍ରୀଡ଼ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳ ନିର୍ଭର ପ୍ରତିଶୃତି ଦେଇଥିଲେ । ଏହି ଆଲୋଚନା ସମୟ ରେ ଏନ ଏ ସି ଅଧକ୍ଷା ଙ୍କ ପୁନମ ପ୍ରିୟଦର୍ଶିନୀ,ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ସହସ୍ରଶେଖର ବାରିକ ସହ ଏସିପିଓ , ଓ ଆଇ ଆଇ ସି ବିନୟ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ । ପରେ ବିଦ୍ୟୁତ ଉପଭୋକ୍ତା ସଂଘ ପକ୍ଷରୁ ଦଶପଲ୍ଲା ବନ୍ଦ ଆନ୍ଦୋଳନକୁ ବନ୍ଦ କରାଗଲା ବୋଲି ସଭାପତି ପ୍ରଫୁଲ କୁମାର ମିଶ୍ର ଘୋଷଣା କରିଥିଲେ ।

ଏହି ଆନ୍ଦୋଳନ ରେ ଦଳମତ ନିର୍ବିଶେଷରେ ଓକିଲ ସଂଘ, ସାମ୍ବାଦିକ ସଂଘ, ଘରୋଇ ମୋଟର କର୍ମଚାରୀ ସଂଘ,ବସ ମଲିକ ସଂଘ,ମହାବୀର ବଣିକ ମହାସଂଘ ର ସହଯୋଗୀ ୧୨ ଗୋଟି ବଜାର ,ବରିଷ୍ଠ ନାଗରିକ ମଞ୍ଚ, ଅବସର ପ୍ରାପ୍ତ କର୍ମଚାରୀ ସଂଘ, ୨୫ଗୋଟି ଯୁବକ ସଂଘ,ଓଡିଶା ଡ୍ରାଇଭର ମହାସଂଘ,ଅଟୋ ରିକ୍ସା ସଂଘ, ସରପଞ୍ଚ ମହାସଂଘ, ପ୍ରମୁଖ ସାମିଲ ହୋଇଥିଲେ ।

# ସମ୍ପାଦକୀୟ

## କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ଚର୍ଚ୍ଚା !

କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ସରକାର ଇତିମଧ୍ୟରେ ବାର ବର୍ଷ ଅତିକ୍ରମ କରିବା ପରେ ଦଳୀୟ ଲୋକେ ବା ଭାରତୀୟ ଜନତା ପାର୍ଟିର ଲୋକେ କିଛିଟା ପରିବର୍ତ୍ତନ ଆଶା କରିବା ସ୍ୱାଭାବିକ । ଏ ନେଇ ସବୁବେଳେ କେବଳ ରାଜନୀତିକ ମହଲରେ ଚର୍ଚ୍ଚା ଚାଲେ ନାହିଁ, ସାଧାରଣ ଓ ଶିକ୍ଷିତ ଲୋକଙ୍କ ମଧ୍ୟରେ ମଧ୍ୟ ଚର୍ଚ୍ଚା ଚାଲିଥାଏ । ପ୍ରକୃତରେ ଏପରି ଚର୍ଚ୍ଚାରୁ କେନ୍ଦ୍ର ସରକାର ମଧ୍ୟ ବିଭିନ୍ନ ମହଲରେ ହେଉଥିବା ପ୍ରତିକ୍ରିୟା ଜାଣି ସେ ଅନୁଯାୟୀ କାର୍ଯ୍ୟକ୍ରମ ସ୍ଥିର କରିଥାନ୍ତି । ତାହା ସରକାର ଚଳାଇବା କାର୍ଯ୍ୟ କ୍ଷେତ୍ରରେ ସହାୟକ ମଧ୍ୟ ହୋଇଥାଏ ।

**କେନ୍ଦ୍ର ମନ୍ତ୍ରିମଣ୍ଡଳର ସଂପ୍ରସାରଣ ହେଉ ବା ବିଭାଗ ଅଦଳବଦଳ ହେଉ, ସେ ସଂପର୍କରେ ଚର୍ଚ୍ଚା କିଛି ନୂଆ କଥା ନୁହେଁ । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ଥାନିତ କରି ମୋଦିଜୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦେଇଛନ୍ତି । ମାତ୍ର କେବଳ ଅଶ୍ୱିନୀ ବୈଷ୍ଣବ, ତାଙ୍କୁ ଦିଆ ଯାଇଥିବା ବିଭାଗଗୁଡ଼ିକୁ ଭଲ ଭାବେ ଦକ୍ଷତାର ସହିତ ତୁଲାଇ ଆସୁଛନ୍ତି ବୋଲି କୁହା ଯାଉଥିଲାବେଳେ, ତାଙ୍କୁ ଦିଆଯାଇଥିବା ଭାରୀ ବିଭାଗଗୁଡ଼ିକ ମଧ୍ୟରୁ ଗୋଟିଏ ବିଭାଗକୁ କାଢ଼ି ଅନ୍ୟ କୌଣସ ମନ୍ତ୍ରୀଙ୍କୁ ଦିଆ ଯାଇପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ସେହିପରି ଅର୍ଥ ବିଭାଗରୁ ନିର୍ମଳା ସୀତାରମଣଙ୍କୁ ବାଦ ଦିଆଯିବା ଘଟଣା କେତେ ଦୂର ସତ, ତାହା ଜଣା ପଡୁନାହିଁ । ତାଙ୍କ ବଦଳରେ ଏବେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ଥିବା ଶକ୍ତିକାନ୍ତ ଦାସଙ୍କୁ କିମ୍ବା କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ନିଆଯାଇ ପାରେ ବୋଲି ମଧ୍ୟ ଆଲୋଚନା ଚାଲିଛି । ଏହା ସତ ହୋଇ ନପାରେ ବୋଲି ମଧ୍ୟ କୁହାଯାଉଛି ।**

ଭାରତର ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଜଣେ ଟାଣୁଆ ନେତା ଭାବରେ ନାମ କମାଇଛନ୍ତି । ଭାରତରେ ମଧ୍ୟ ସରକାର, ପ୍ରଶାସନ, ଦଳ ଓ ଜନସାଧାରଣଙ୍କ ମତାମତକୁ ଗୁରୁତ୍ୱ ଦେଇ ଓ ଭାବିଚିନ୍ତି ସେ ସବୁ କାମ କରିଥାନ୍ତି । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ମଧ୍ୟ ତାଙ୍କର କାର୍ଯ୍ୟଧାରାକୁ ପ୍ରଶଂସା କରି ଆସିଛି । ମାତ୍ର ମନ୍ତ୍ରିମଣ୍ଡଳର ସଂପ୍ରସାରଣ ହେଉ ବା ଅଦଳ ବଦଳ ହେଉ, ଏ କ୍ଷେତ୍ରରେ ସେ କୌଣସି ତରବରିଆ ନିଷ୍ପତ୍ତି ନେବେ ନାହିଁ ବୋଲି ଆଶା କରାଯାଉଛି ।

ଭାରତରେ ସମ୍ବାଦପତ୍ରଗୁଡ଼ିକ ମଧ୍ୟରୁ ମୁଦ୍ରଣ ଗଣମାଧ୍ୟମ ଆପଣାର ମର୍ଯ୍ୟାଦା ରଖି ଆସିଛନ୍ତି । ଏପରିକି ତଡିତ ଗଣମାଧ୍ୟମଗୁଡ଼ିକ ମଧ୍ୟ ଉଣାଧିକେ ସେମାନଙ୍କର ମର୍ଯ୍ୟାଦା ରଖି ଆସିଛନ୍ତି । ମାତ୍ର କେତେକ ୱେବ ଚାନେଲ ମୋବାଇଲ ଜରିଆରେ ଅନେକ ସମୟରେ ଅଧିକାଂଶ ଘଟଣାକୁ ଅତିରଞ୍ଜିତ କରି ଆସୁଛନ୍ତି । ଏପରିକି କେତେକ ଘରୋଇ ଓଡ଼ିଆ ଟିଭି ଚାନେଲ ଅଧିକାଂଶ ରାଜନୀତିକ ଘଟଣାକୁ ଅତିରଞ୍ଜିତ କରି ଆସୁଥିବା ପରି ମନେ ହୋଇଥାଏ । ପ୍ରକୃତ ଲୋକଙ୍କର ବାଇଟ୍ ନ ନେଇ ସେମାନେ ନିର୍ଦ୍ଦିଷ୍ଟ କେତେକ ଲୋକଙ୍କର ବାଇଟ ନିଅନ୍ତି । ଫଳରେ ସେଗୁଡ଼ିକରେ ପ୍ରଭାବ ନଥାଏ ବୋଲି ପରବର୍ତ୍ତୀ ଅବସ୍ଥାରେ ଜଣା ପଡ଼ିଥାଏ । ପୂର୍ବରୁ କେତେକ ମୁଦ୍ରଣ ଗଣମାଧ୍ୟମର ସମ୍ବାଦପତ୍ର ମଧ୍ୟ ସେପରି କରି ଆସୁଥିଲେ । ମାତ୍ର ପରବର୍ତ୍ତୀ କାଳରେ ପ୍ରମାଣ ହୋଇଥାଏ ଯେ ସେଗୁଡ଼ିକ ସତ୍ୟ ଆଧାରିତ ନୁହେଁ, କେବଳ ପରିକଳ୍ପନା ବା ଗୁଜବ ।

କେନ୍ଦ୍ର ମନ୍ତ୍ରିମଣ୍ଡଳର ସଂପ୍ରସାରଣ ହେଉ ବା ବିଭାଗ ଅଦଳବଦଳ ହେଉ, ସେ ସଂପର୍କରେ ଚର୍ଚ୍ଚା କିଛି ନୂଆ କଥା ନୁହେଁ । କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଓଡ଼ିଶାରୁ ଜୁଏଲ ଓରାମ, ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ଥାନିତ କରି ମୋଦିଜୀ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦେଇଛନ୍ତି । ମାତ୍ର କେବଳ ଅଶ୍ୱିନୀ ବୈଷ୍ଣବ, ତାଙ୍କୁ ଦିଆ ଯାଇଥିବା ବିଭାଗଗୁଡ଼ିକୁ ଭଲ ଭାବେ ଦକ୍ଷତାର ସହିତ ତୁଲାଇ ଆସୁଛନ୍ତି ବୋଲି କୁହା ଯାଉଥିଲାବେଳେ, ତାଙ୍କୁ ଦିଆଯାଇଥିବା ଭାରୀ ବିଭାଗଗୁଡ଼ିକ ମଧ୍ୟରୁ ଗୋଟିଏ ବିଭାଗକୁ କାଢ଼ି ଅନ୍ୟ କୌଣସ ମନ୍ତ୍ରୀଙ୍କୁ ଦିଆ ଯାଇପାରେ ବୋଲି ମଧ୍ୟ କଳ୍ପନାଜଳ୍ପନା ପ୍ରକାଶ ପାଇଛି । ସେହିପରି ଅର୍ଥ ବିଭାଗରୁ ନିର୍ମଳା ସୀତାରମଣଙ୍କୁ ବାଦ ଦିଆଯିବା ଘଟଣା କେତେ ଦୂର ସତ, ତାହା ଜଣା ପଡୁନାହିଁ । ତାଙ୍କ ବଦଳରେ ଏବେ ପ୍ରଧାନମନ୍ତ୍ରୀଙ୍କ ଦପ୍ତରରେ ଥିବା ଶକ୍ତିକାନ୍ତ ଦାସଙ୍କୁ କିମ୍ବା କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ନିଆଯାଇ ପାରେ ବୋଲି ମଧ୍ୟ ଆଲୋଚନା ଚାଲିଛି । ଏହା ସତ ହୋଇ ନପାରେ ବୋଲି ମଧ୍ୟ କୁହାଯାଉଛି ।

ଓଡ଼ିଶାରୁ ଅପରାଜିତା ଷଡଙ୍ଗୀ, ବୈଜୟନ୍ତ ପଣ୍ଡା, ସମ୍ବିତ ପାତ୍ର ପ୍ରଭୃତିଙ୍କ ନାମ କେନ୍ଦ୍ର ମନ୍ତ୍ରିମଣ୍ଡଳ ପାଇଁ ଚର୍ଚ୍ଚାକୁ ଆସୁଥିଲେ ମଧ୍ୟ ଏହା ସମ୍ଭବ ନୁହେଁ ବୋଲି ବିଜେପିର କେତେକ ଦଳୀୟ ଲୋକେ କହୁଥିବା ଦେଖାଯାଇଛି । ବେଳେ ବେଳେ କେନ୍ଦ୍ର ନେତାମାନେ ନିଜ ନିଜର ନାମକୁ ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାକୁ ଆଣିବାକୁ ଚେଷ୍ଟା କରନ୍ତି ବା ନିଜକୁ ନିଜେ ପ୍ରଚାର କରନ୍ତି ବୋଲି ମଧ୍ୟ କୁହାଯାଇଥାଏ । ସେ ଯାହା ହେଉ, ମଝିରେ ମଝିରେ ଏପରି ଚର୍ଚ୍ଚା ଯୋଗୁଁ ଉଭୟ ସରକାର ଓ ନେତା ବା ନେତ୍ରୀ ଲାଭବାନ ହୋଇଥା'ନ୍ତି, ଏଥିରେ ସନ୍ଦେହ ନାହିଁ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ବିଶ୍ୱ ଯେତେବେଳେ ସୁଶ୍ରୁତଙ୍କୁ ସମ୍ମାନ ଦେଉଛି



ମଧୁସୂଦନ ମିଶ୍ର

ଇତିହାସରେ କିଛି ମୁହୂର୍ତ୍ତ ଏପରି ଆସେ, ଯେତେବେଳେ ବିଶ୍ୱ ଗୋଟିଏ ଦେଶକୁ ତାହାର ନିଜସ୍ୱ ମହାନ ପରମ୍ପରାର ସ୍ମୃତି ମନେ ପକାଇ ଦିଏ । ସେହି ମୁହୂର୍ତ୍ତଗୁଡ଼ିକ କେବଳ ଗୌରବର ବିଷୟ ନୁହେଁ, ସେଗୁଡ଼ିକ ଆତ୍ମସମୀକ୍ଷା, ଆତ୍ମବିଶ୍ୱାସ ଓ ନୂତନ ସଙ୍କଳ୍ପର ଆହ୍ୱାନ ହୋଇଥାଏ । ସମ୍ପ୍ରତି 'ଏଡିନବର୍ଗର ରୟାଲ କଲେଜ୍ ଅଫ୍ ସର୍ଜନ୍ସ' ପକ୍ଷରୁ ମହର୍ଷି ସୁଶ୍ରୁତଙ୍କର ବ୍ରୋଞ୍ଜ ପ୍ରତିମୂର୍ତ୍ତି ସ୍ଥାପନର ନିଷ୍ପତ୍ତି ଏପରି ଏକ ଘଟଣା । ଏହା କେବଳ ଜଣେ ପ୍ରାଚୀନ ଚିକିତ୍ସକଙ୍କୁ ସମ୍ମାନ ନୁହେଁ ବରଂ ଏହା ଭାରତର ବୈଜ୍ଞାନିକ ଚିନ୍ତାଧାରା, ଗବେଷଣା ପରମ୍ପରା ଓ ମାନବ କଲ୍ୟାଣ ପ୍ରତି ଅବଦାନକୁ ବିଶ୍ୱ ସମ୍ମୁଖରେ ପୁନର୍ବାର ସ୍ୱୀକୃତି ପ୍ରଦାନ କରିଛି ।

ଏହି ସମ୍ମାନର ମହତ୍ତ୍ୱ କେବଳ ପ୍ରତୀକାତ୍ମକ ନୁହେଁ । ଦୀର୍ଘ ସମୟ ଧରି ପ୍ରାଚୀନ ଭାରତର ବୈଜ୍ଞାନିକ ସଫଳତା ସମ୍ବନ୍ଧୀୟ ଅନେକ ଆଲୋଚନାକୁ ଅତିରଞ୍ଜିତ କିମ୍ବା ଭାବପ୍ରବଣ ଜାତୀୟତାବାଦ ବୋଲି ଖାରଜ କରାଯାଉ ଥିଲା । କିନ୍ତୁ ଆଜି ବିଶ୍ୱର ସର୍ବପ୍ରାଚୀନ ଓ ସର୍ବାଧିକ ସମ୍ମାନିତ ଶଲ୍ୟଚିକିତ୍ସା ସଂସ୍ଥାଗୁଡ଼ିକ ମଧ୍ୟରୁ ଗୋଟିଏ ସଂସ୍ଥା ଦୀର୍ଘ ଐତିହାସିକ ଗବେଷଣା ଓ ପ୍ରମାଣଭିତ୍ତିକ ଅଧ୍ୟୟନ ପରେ ସୁଶ୍ରୁତଙ୍କୁ ସମ୍ମାନିତ କରିଛି । ଏହା ଭାବନାର ନୁହେଁ, ବରଂ ପ୍ରମାଣର ବିଜୟ ।

ପ୍ରାୟ ଅଢ଼େଇ ହଜାର ବର୍ଷ ପୂର୍ବେ ମହର୍ଷି ସୁଶ୍ରୁତ ରଚନା କରିଥିଲେ 'ସୁଶ୍ରୁତ ସଂହିତା', ଯାହା ମାନବ ସଭ୍ୟତାର ଅନ୍ୟତମ ଶ୍ରେଷ୍ଠ ଚିକିତ୍ସା ଗ୍ରନ୍ଥ ଭାବେ ପରିଗଣିତ । ଏଥିରେ ଶରୀର ବିଜ୍ଞାନ, ଶଲ୍ୟଚିକିତ୍ସା, ଅସ୍ଥିଚିକିତ୍ସା, ଚକ୍ଷୁ ଚିକିତ୍ସା, ପ୍ରସୂତି ବିଜ୍ଞାନ, ଆଘାତ ଚିକିତ୍ସା, କ୍ଷତ ପରିଚର୍ଯ୍ୟା ଏବଂ ଚିକିତ୍ସା ନୈତିକତା ସମ୍ବନ୍ଧରେ ଅଦ୍ଭୁତ ବର୍ଣ୍ଣନାମାନ ମିଳେ । ଏଥିରେ ୩୦୦ରୁ ଅଧିକ ଶଲ୍ୟ ପ୍ରକ୍ରିୟା ଓ ପ୍ରାୟ ୧୨୦ ପ୍ରକାରର ଶଲ୍ୟ ଉପକରଣର ବିସ୍ତୃତ ବିବରଣୀ ରହିଛି । ଭଗ୍ନାସ୍ଥି ଚିକିତ୍ସା, ମୋତିଆବିନ୍ଦୁ ଅସ୍ତ୍ରୋପଚାର, ଚର୍ମ ପ୍ରତିରୋପଣ ଏବଂ ନାକର ପୁନର୍ଗଠନ ପରି ଜଟିଳ ଶଲ୍ୟ ପ୍ରଣାଳୀ ସେତେବେଳେ ବିକଶିତ ହୋଇଥିଲା, ଯେତେବେଳେ ବିଶ୍ୱର ଅନେକ ସମାଜ ଏହି କ୍ଷେତ୍ରରେ ପ୍ରାରମ୍ଭିକ ଅବସ୍ଥାରେ ଥିଲେ ।

ଏହାଠାରୁ ମଧ୍ୟ ଅଧିକ ଚମତ୍କାର ଥିଲା ସୁଶ୍ରୁତଙ୍କର ଶିକ୍ଷା ପଦ୍ଧତି । ସେ କହିଥିଲେ– କେବଳ ପୁସ୍ତକ ପଢ଼ିଲେ ଜଣେ ଦକ୍ଷ ଚିକିତ୍ସକ ହୋଇପାରିବେ ନାହିଁ । ପ୍ରଥମେ ଫଳ, ପନିପରିବା, ଚମଡ଼ାର ଥଳି, ପଶୁ ଅଙ୍ଗପ୍ରତ୍ୟଙ୍ଗ ଓ କୃତ୍ରିମ ମଡେଲ ଉପରେ ଅଭ୍ୟାସ କରିବା ପରେ ହିଁ ରୋଗୀଙ୍କ ଉପରେ ଅସ୍ତ୍ରୋପଚାର କରିବା ଉଚିତ । ଆଜି ବିଶ୍ୱର ମେଡିକାଲ କଲେଜଗୁଡ଼ିକରେ ଯେଉଁ ସିମୁଲେସନ୍–ଆଧାରିତ ଶଲ୍ୟ ପ୍ରଶିକ୍ଷଣ ବ୍ୟବସ୍ଥା ଚାଲିଛି, ତାହାର ମୂଳ ଦର୍ଶନ ସୁଶ୍ରୁତଙ୍କ ଚିନ୍ତାଧାରା ସହିତ ଅଦ୍ଭୁତ ସାମ୍ୟ ରଖେ । ଏଥିରୁ ସ୍ପଷ୍ଟ ହୁଏ ଯେ ପ୍ରାଚୀନ ଭାରତୀୟ ଚିକିତ୍ସାବିଜ୍ଞାନ ଅନ୍ଧବିଶ୍ୱାସ ଉପରେ ନୁହେଁ, ବରଂ ପର୍ଯ୍ୟବେକ୍ଷଣ, ଅନୁଭବ, ଅଭ୍ୟାସ ଓ ପ୍ରମାଣ ଉପରେ ଆଧାରିତ ଥିଲା ।

ଆଧୁନିକ ଚିକିତ୍ସା କ୍ଷେତ୍ରରେ ସୁଶ୍ରୁତଙ୍କୁ ଶଲ୍ୟଚିକିତ୍ସାର ଜନକ ବୋଲି ସମ୍ମାନ ଦେଇଥାନ୍ତି । ବିଶେଷକରି ନାକର ପୁନର୍ଗଠନ ବାରାଇନୋପ୍ଲାଷ୍ଟି କ୍ଷେତ୍ରରେ ତାଙ୍କର ପ୍ରଣାଳୀ ପରବର୍ତ୍ତୀ ସମୟରେ ୟୁରୋପୀୟ ଶଲ୍ୟଚିକିତ୍ସାକୁ ପ୍ରଭାବିତ କରିଥିଲା । 'ଇଣ୍ଡିଆନ୍ ମେଥଡ୍ ଅଫ୍ ରାଇନୋପ୍ଲାଷ୍ଟି' ଆଜି ମଧ୍ୟ ଆଧୁନିକ ପ୍ଲାଷ୍ଟିକ ସର୍ଜରୀର ଇତିହାସରେ ଗୌରବର ସହିତ ସ୍ମରଣ କରାଯାଏ । ଏହା ପ୍ରମାଣ କରେ ଯେ ଜ୍ଞାନର କୌଣସି ସୀମା ନଥାଏ, ସତ୍ୟ ଓ ବିଜ୍ଞାନ ସମଗ୍ର ମାନବଜାତିର ସମ୍ପତ୍ତି ।

ସୁଶ୍ରୁତଙ୍କର ନୈତିକ ଦର୍ଶନ ମଧ୍ୟ ଆଜିର ଚିକିତ୍ସା ବିଜ୍ଞାନ ପାଇଁ ସମାନ ଭାବେ ପ୍ରାସଙ୍ଗିକ । ସେ କହିଥିଲେ–ଜ୍ଞାନ ବିନା ଅଭ୍ୟାସ ଅପୂର୍ଣ୍ଣ ଏବଂ ଅଭ୍ୟାସ ବିନା ଜ୍ଞାନ ବିପଜ୍ଜନକ । ସେ ପରିଷ୍କାର–ପରିଚ୍ଛନ୍ନତା, ଶୃଙ୍ଖଳା, ନିଖୁଣତା, ଧୈର୍ଯ୍ୟ, ସହାନୁଭୂତି ଏବଂ ରୋଗୀ ପ୍ରତି କରୁଣାକୁ ଜଣେ ଚିକିତ୍ସକଙ୍କର ସର୍ବୋଚ୍ଚ ଗୁଣ ବୋଲି ବର୍ଣ୍ଣନା କରିଥିଲେ । ଆଜିର ପ୍ରମାଣ ଆଧାରିତ ମେଡିସିନ୍ ମଧ୍ୟ ଏହି ମୂଲ୍ୟବୋଧ ଉପରେ ହିଁ ପ୍ରତିଷ୍ଠିତ ।

**ଏଡିନବର୍ଗରେ ସ୍ଥାପିତ ସୁଶ୍ରୁତଙ୍କର ପ୍ରତିମୂର୍ତ୍ତି କେବଳ ଜଣେ ମହାନ ଚିକିତ୍ସକଙ୍କର ସମ୍ମାନ ନୁହେଁ, ଏହା ସମଗ୍ର ମାନବ ସଭ୍ୟତାର ବୈଜ୍ଞାନିକ ଏକତାର ପ୍ରତୀକ । ମହାନ ଚିନ୍ତାଧାରା କୌଣସି ଏକ ଦେଶର ସମ୍ପତ୍ତି ନୁହେଁ ସେଗୁଡ଼ିକ ସମଗ୍ର ମାନବଜାତିର ଐତିହ୍ୟ । ତେଣୁ ଭାରତର କର୍ତ୍ତବ୍ୟ କେବଳ ଏହି ସମ୍ମାନକୁ ଉତ୍ସବ ପାଳନରେ ସୀମିତ ରଖିବା ନୁହେଁ ବରଂ ପ୍ରାଚୀନ ପାଣ୍ଡୁଲିପିର ସଂରକ୍ଷଣ, ଡିଜିଟାଇଜେସନ୍, ଅନୁବାଦ, ଆନ୍ତର୍ଜାତିକ ଗବେଷଣା ସହଯୋଗ ଓ ନୂତନ ପିଢ଼ିର ବୈଜ୍ଞାନିକମାନଙ୍କୁ ପ୍ରେରିତ କରିବା ।**

ସୁଶ୍ରୁତଙ୍କୁ ମିଳିଥିବା ଏହି ଆନ୍ତର୍ଜାତିକ ସମ୍ମାନ ଆଉ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି । ଆଜି ବିଶ୍ୱର ବିଭିନ୍ନ ଗବେଷକ ପ୍ରାଚୀନ ଭାରତର ଗଣିତ, ଜ୍ୟୋତିର୍ବିଜ୍ଞାନ, ଧାତୁବିଜ୍ଞାନ, ଭାଷାବିଜ୍ଞାନ, ଦର୍ଶନ, ପରିବେଶ ବିଜ୍ଞାନ ଓ ଚିକିତ୍ସା ପରମ୍ପରାକୁ ନୂତନ ଦୃଷ୍ଟିରେ ଅଧ୍ୟୟନ କରୁଛନ୍ତି । ଏହି ଅଧ୍ୟୟନ ଅନ୍ଧ ପ୍ରଶଂସା ନୁହେଁ, ପୁଣି ଅନ୍ଧ ସମାଲୋଚନା ମଧ୍ୟ ନୁହେଁ । ବରଂ ଏହା ପ୍ରମାଣ, ଗବେଷଣା ଓ ବୈଜ୍ଞାନିକ ପରୀକ୍ଷଣ ଉପରେ ଆଧାରିତ । ପ୍ରକୃତ ବିଜ୍ଞାନ ଏହି ସନ୍ତୁଳିତ ଦୃଷ୍ଟିଭଙ୍ଗୀକୁ ହିଁ ସମର୍ଥନ କରେ । ଭାରତ ପାଇଁ ଏହା ଗର୍ବର ମୁହୂର୍ତ୍ତ ସହିତ ଏକ ଐତିହାସିକ ସୁଯୋଗ ମଧ୍ୟ । ଆମ ବିଶ୍ୱବିଦ୍ୟାଳୟ, ଗବେଷଣା ସଂସ୍ଥା, ନୀତି ନିର୍ଦ୍ଧାରକ ଓ ବୈଜ୍ଞାନିକ ସମୁଦାୟ ଉଚିତ ପ୍ରାଚୀନ ବୈଜ୍ଞାନିକ ଗ୍ରନ୍ଥଗୁଡ଼ିକୁ କେବଳ ସାଂସ୍କୃତିକ ସ୍ମାରକ ଭାବେ ନୁହେଁ, ବରଂ ଗବେଷଣାର ଏକ ସମୃଦ୍ଧ ଉତ୍ସ ଭାବେ ଦେଖିବା । ସଂସ୍କୃତ ପଣ୍ଡିତ, ଚିକିତ୍ସକ, ଜୈବ ବୈଜ୍ଞାନିକ, ଫାର୍ମାକୋଲୋଜିଷ୍ଟ, ଇତିହାସବିତ୍, ପ୍ରତ୍ନତତ୍ତ୍ୱବିତ୍ ଓ ଜନସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଏକାଠି ହୋଇ ଏହି ଗ୍ରନ୍ଥଗୁଡ଼ିକର ବୈଜ୍ଞାନିକ ପୁନର୍ମୂଲ୍ୟାଙ୍କନ କରିପାରିବେ । ଏହା କେବଳ ଚିକିତ୍ସା ଇତିହାସକୁ ସମୃଦ୍ଧ କରିବ ନାହିଁ, ଭବିଷ୍ୟତର ସ୍ୱାସ୍ଥ୍ୟ ଗବେଷଣାକୁ ମଧ୍ୟ ନୂଆ ଦିଗ ଦେଇପାରିବ ।

ଜାତୀୟ ଶିକ୍ଷା ନୀତି–୨୦୨୦ଏହି ଦିଗରେ ଏକ ଉପଯୁକ୍ତ ମଞ୍ଚ ସୃଷ୍ଟି କରିଛି । ଏହା ଭାରତୀୟ ଜ୍ଞାନ ପରମ୍ପରା, ବହୁବିଷୟକ ଶିକ୍ଷା, ନବସୃଜନ ଓ ଗବେଷଣାକୁ ପ୍ରୋତ୍ସାହନ ଦେଇଛି । ଆମର ଛାତ୍ରଛାତ୍ରୀମାନେ କେବଳ ବିଶ୍ୱର ବୈଜ୍ଞାନିକ ଇତିହାସ ନୁହେଁ, ଭାରତର ବୈଜ୍ଞାନିକ ଐତିହ୍ୟ ସମ୍ପର୍କରେ ମଧ୍ୟ ପ୍ରମାଣଭିତ୍ତିକ ଜ୍ଞାନ ଅର୍ଜନ କରିବା ଉଚିତ । ଏହା ସେମାନଙ୍କ ମନରେ ଜାତୀୟ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହିତ ବୈଜ୍ଞାନିକ ଚିନ୍ତାଧାରାକୁ ମଧ୍ୟ ସୁଦୃଢ଼ କରିବ ।

ଏଠାରେ ଗୋଟିଏ କଥା ସ୍ପଷ୍ଟ ରହିବା ଆବଶ୍ୟକ । ସୁଶ୍ରୁତଙ୍କୁ ସମ୍ମାନ ଦେବାର ଅର୍ଥ ଆଧୁନିକ ଚିକିତ୍ସା ବିଜ୍ଞାନକୁ ଅସ୍ୱୀକାର କରିବା ନୁହେଁ । ଆଧୁନିକ ଚିକିତ୍ସା ପଦ୍ଧତି କ୍ଲିନିକାଲ୍ ପରୀକ୍ଷଣ, ସହକର୍ମୀ ସମୀକ୍ଷା, ବୈଜ୍ଞାନିକ ପ୍ରମାଣ ଓ ଉନ୍ନତ ପ୍ରଯୁକ୍ତି ଉପରେ ଆଧାରିତ । ପ୍ରାଚୀନ ଗ୍ରନ୍ଥଗୁଡ଼ିକୁ ନା ଅନ୍ଧବିଶ୍ୱାସର ସହିତ ଗ୍ରହଣ କରିବା ଉଚିତ, ନା ଅବହେଳା କରିବା ଉଚିତ । ବରଂ ସେଗୁଡ଼ିକୁ ବୈଜ୍ଞାନିକ ଗବେଷଣାର କଷ୍ଟିପଥରରେ ପରୀକ୍ଷା କରି ଯେଉଁଠି ପ୍ରମାଣ ମିଳିବ, ସେଠି ଆଧୁନିକ ବିଜ୍ଞାନ ସହ ସମନ୍ୱୟ କରିବା ଉଚିତ ।

ଏଡିନବର୍ଗରେ ସ୍ଥାପିତ ସୁଶ୍ରୁତଙ୍କର ପ୍ରତିମୂର୍ତ୍ତି କେବଳ ଜଣେ ମହାନ ଚିକିତ୍ସକଙ୍କର ସମ୍ମାନ ନୁହେଁ, ଏହା ସମଗ୍ର ମାନବ ସଭ୍ୟତାର ବୈଜ୍ଞାନିକ ଏକତାର ପ୍ରତୀକ । ମହାନ ଚିନ୍ତାଧାରା କୌଣସି ଏକ ଦେଶର ସମ୍ପତ୍ତି ନୁହେଁ ସେଗୁଡ଼ିକ ସମଗ୍ର ମାନବଜାତିର ଐତିହ୍ୟ । ତେଣୁ ଭାରତର କର୍ତ୍ତବ୍ୟ କେବଳ ଏହି ସମ୍ମାନକୁ ଉତ୍ସବ ପାଳନରେ ସୀମିତ ରଖିବା ନୁହେଁ ବରଂ ପ୍ରାଚୀନ ପାଣ୍ଡୁଲିପିର ସଂରକ୍ଷଣ, ଡିଜିଟାଇଜେସନ୍, ଅନୁବାଦ, ଆନ୍ତର୍ଜାତିକ ଗବେଷଣା ସହଯୋଗ ଓ ନୂତନ ପିଢ଼ିର ବୈଜ୍ଞାନିକମାନଙ୍କୁ ପ୍ରେରିତ କରିବା ।

ଆଜି ଭାରତ ସ୍ୱାସ୍ଥ୍ୟସେବା, ଜୈବପ୍ରଯୁକ୍ତି, କୃତ୍ରିମ ବୁଦ୍ଧିମତା, ଡିଜିଟାଲ୍ ଉଦ୍ଭାବନ ଓ ବିଶ୍ୱସ୍ତରୀୟ ଗବେଷଣାରେ ଅଗ୍ରଣୀ ରାଷ୍ଟ୍ର ହେବାର ସ୍ୱପ୍ନ ଦେଖୁଛି । କିନ୍ତୁ ଯେଉଁ ରାଷ୍ଟ୍ର ନିଜର ବୌଦ୍ଧିକ ମୂଲ୍ୟକୁ ଭୁଲିଯାଏ, ସେ ଦୀର୍ଘକାଳୀନ ନେତୃତ୍ୱ ହାସଲ କରିପାରେ ନାହିଁ । ପ୍ରାଚୀନ ଜ୍ଞାନର ଆତ୍ମା ଓ ଆଧୁନିକ ବିଜ୍ଞାନର ପ୍ରମାଣ–ଏହି ଦୁଇର ସମନ୍ୱୟ ହିଁ ବିକଶିତ ଭାରତର ସବୁଠାରୁ ଦୃଢ଼ ଭିତ୍ତି ହୋଇପାରିବ ।

ବିଶ୍ୱ ଆଜି ମହର୍ଷି ସୁଶ୍ରୁତଙ୍କୁ ପୁନର୍ବାର ଆବିଷ୍କାର କରୁଛି । ପ୍ରଶ୍ନ ହେଉଛି–ଭାରତ କି କେବଳ ତାଳି ବଜାଇବ, ନା ଏହି ସୁଯୋଗକୁ ଗବେଷଣା, ଶିକ୍ଷା, ନବସୃଜନ ଓ ବୈଜ୍ଞାନିକ ପୁନର୍ଜାଗରଣର ଜାତୀୟ ଆନ୍ଦୋଳନରେ ପରିଣତ କରିବ ? ଏହାର ଉତ୍ତର ନିର୍ଣ୍ଣୟ କରିବ ଯେ ଆମେ କେବଳ ଅତୀତକୁ ସ୍ମରଣ କରିବୁ, ନା ତାହାର ପ୍ରେରଣାରେ ଭବିଷ୍ୟତକୁ ନିର୍ମାଣ କରିବୁ ।

ବିଶ୍ୱ ମହର୍ଷି ସୁଶ୍ରୁତଙ୍କୁ ସମ୍ମାନ ଜଣାଇଛି, ଏବେ ଭାରତର ପାଳି । ଗର୍ବରେ ନୁହେଁ, ଗବେଷଣାରେ, ସ୍ଲୋଗାନରେ ନୁହେଁ, ବୈଜ୍ଞାନିକ ପ୍ରମାଣରେ, ସ୍ମୃତିରେ ନୁହେଁ, ସୃଜନଶୀଳ କାର୍ଯ୍ୟରେ ଆମେ ସୁଶ୍ରୁତଙ୍କ ଉତ୍ତରାଧିକାରକୁ ଜୀବନ୍ତ ରଖିବା । ଯେଉଁ ସଭ୍ୟତା ନିଜର ପ୍ରାଚୀନ ଜ୍ଞାନକୁ ସମ୍ମାନ କରି ଆଧୁନିକ ବିଜ୍ଞାନକୁ ଆଲିଙ୍ଗନ କରେ, ସେହି ସଭ୍ୟତା କେବଳ ନିଜର ଇତିହାସ ଲେଖେ ନାହିଁ–ସମଗ୍ର ମାନବଜାତିର ଭବିଷ୍ୟତକୁ ମଧ୍ୟ ଆଲୋକିତ କରେ ।

ମହର୍ଷି ସୁଶ୍ରୁତଙ୍କୁ ବିଶ୍ୱସ୍ତରରେ ମିଳିଥିବା ସମ୍ମାନ କେବଳ ଜଣେ ମହାନ ଶଲ୍ୟଚିକିତ୍ସକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ନୁହେଁ ଏହା ଭାରତର ସହସ୍ରାବ୍ଦୀ ପୁରୁଣା ବୈଜ୍ଞାନିକ ପରମ୍ପରାର ଏକ ଐତିହାସିକ ସ୍ୱୀକୃତି । ଏହି ଘଟଣା ଆମକୁ ସ୍ମରଣ କରାଏ ଯେ, ଜାତିର ପ୍ରକୃତ ଶକ୍ତି କେବଳ ତାହାର ଅର୍ଥନୀତି କିମ୍ବା ପ୍ରଯୁକ୍ତିଗତ ଅଗ୍ରଗତିରେ ନୁହେଁ, ବରଂ ତାହାର ଜ୍ଞାନ ପରମ୍ପରାକୁ ବୈଜ୍ଞାନିକ ଦୃଷ୍ଟିରେ ପୁନର୍ମୂଲ୍ୟାଙ୍କନ କରି ଭବିଷ୍ୟତର ନବସୃଜନ ସହିତ ସଂଯୋଗ କରିବାର କ୍ଷମତାରେ ନିହିତ । ଅତୀତକୁ କେବଳ ଗୌରବଗାନ କରିବା ନୁହେଁ, ବରଂ ତାହାକୁ ଗବେଷଣା, ପ୍ରମାଣ, ଉଦ୍ଭାବନ ଓ ବିଶ୍ୱସ୍ତରୀୟ ଶିକ୍ଷା ସହିତ ଯୋଡ଼ିବା ହିଁ ଆମର ପ୍ରକୃତ ଦାୟିତ୍ୱ । ପ୍ରାଚୀନ ଜ୍ଞାନ ଓ ଆଧୁନିକ ବିଜ୍ଞାନର ସମନ୍ୱୟ ମାଧ୍ୟମରେ ଭାରତ କେବଳ ନିଜର ସମୃଦ୍ଧ ଐତିହ୍ୟକୁ ପୁନର୍ଜୀବିତ କରିବ ନାହିଁ, ବରଂ ମାନବ କଲ୍ୟାଣ, ସ୍ୱାସ୍ଥ୍ୟବିଜ୍ଞାନ ଓ ବିଶ୍ୱ ଜ୍ଞାନଭଣ୍ଡାରକୁ ମଧ୍ୟ ନୂତନ ଦିଗ ଦେଇପାରିବ । ବିଶ୍ୱ ଆଜି ସୁଶ୍ରୁତଙ୍କ ମହାନତାକୁ ସ୍ୱୀକାର କରିଛି । ଏବେ ସମୟ ଆସିଛି ଭାରତ ତାଙ୍କ ଉତ୍ତରାଧିକାରମାନଙ୍କୁ ଗବେଷଣା, ଶିକ୍ଷା, ନବସୃଜନ ଓ ପ୍ରମାଣଭିତ୍ତିକ ବୈଜ୍ଞାନିକ ଚିନ୍ତାଧାରା ମାଧ୍ୟମରେ ବିଶ୍ୱର ଭବିଷ୍ୟତ ସହିତ ଯୋଡ଼ି ଦେବା ।

ଆସନ୍ତୁ, ଆମେ କେବଳ ଅତୀତର ଗୌରବରେ ଆତ୍ମବିଭୋର ନହୋଇ, ସେହି ଐତିହ୍ୟକୁ ଆଗାମୀ ପିଢ଼ିର ଜ୍ଞାନ, ଗବେଷଣା ଓ ନବସୃଜନର ପ୍ରେରଣାରେ ପରିଣତ କରିବା । କାରଣ ଯେଉଁ ସଭ୍ୟତା ନିଜର ଜ୍ଞାନ–ପରମ୍ପରାକୁ ସମ୍ମାନ କରି ବୈଜ୍ଞାନିକ ସତ୍ୟର ଆଲୋକରେ ତାହାକୁ ଆଗେଇ ନିଏ, ସେହି ସଭ୍ୟତା ହିଁ ବିଶ୍ୱକୁ ଦିଗ୍‌ଦର୍ଶନ ଦେବାର ନୈତିକ ଓ ବୌଦ୍ଧିକ ନେତୃତ୍ୱ ଅର୍ଜନ କରିପାରେ ।

**(ଶ୍ରୀ ମିଶ୍ର ଭାରତୀୟ ପ୍ରଶାସନିକ ସେବାର ଜଣେ ଅଭିଜ୍ଞ ଅବସରପ୍ରାପ୍ତ ଅଧିକାରୀ ଓ ଲେଖକ)**

# ବିଶୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ସଜାଡ଼ିବା କିପରି ?



ଶିବବ୍ରତ ଘୋଷ

ସମ୍ପ୍ରତି ଶିକ୍ଷିତ ଯୁବପିଢ଼ି ସେମାନଙ୍କର ଉଚ୍ଚ ଶିକ୍ଷାଲାଭ ନିମନ୍ତେ ବା ଅର୍ଥ ଉପାର୍ଜନ ନିମନ୍ତେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ସହରାଭିମୁଖୀ ହେଉଥିବା ପରିଲକ୍ଷିତ ହେଉଛି । ପିଲାମାନଙ୍କ ଇଚ୍ଛା ସହରକୁ ବିଶେଷକରି ସ୍ୱତନ୍ତ୍ର ଭାବେ ରାଜଧାନୀ ଭୁବନେଶ୍ୱର ଆସି ବିଭିନ୍ନ ଉଚ୍ଚ ଘରୋଇ ବା ସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ସହ ପାଖାପାଖି କୌଣସି ହଷ୍ଟେଲ ବା ମେସରେ ମୁଣ୍ଡ ଗୁଞ୍ଜି ନିଜ ନିଜର ଆଶା ପୂରଣରେ ଲାଗି ପଡନ୍ତି । ଉକ୍ତ ପିଲାମାନଙ୍କ ପିତାମାତା ବା ଅଭିଭାବକମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିଲେ ମଧ୍ୟ କୌଣସି ମତେ ନିଜ ନିଜର ଉପାର୍ଜନ ଧନରୁ ପିଲାଙ୍କ ଉଚ୍ଚଶିକ୍ଷା ନିମନ୍ତେ ଖର୍ଚ୍ଚ କରିବାକୁ ମନ ବଳାଇଥାନ୍ତି । କାରଣ ତାଙ୍କର ସ୍ୱପ୍ନ ହେଲା ନିଜ ପିଲା କିପରି ଉଚ୍ଚ ଶିକ୍ଷିତ ବା ଶିକ୍ଷିତା ହେବେ ଏବଂ ସେମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବ ।

ଆମେ ରାଜଧାନୀ ବାସିନ୍ଦା ତଥା ବୁଦ୍ଧିଜୀବି ଭାବରେ ଦେଖି ଆସୁଛୁ ଯେ ଉକ୍ତ ପିଲାମାନେ ତାଙ୍କର ପ୍ରଥମ ଅବସ୍ଥାରେ ବହୁ କଷ୍ଟ କରି ବଡ ସହରରେ ସ୍ଥାନୀୟ ହଷ୍ଟେଲ ବା ମେସରେ ସ୍ୱଳ୍ପ ଖର୍ଚ୍ଚରେ କିଛିଦିନ କଟାଇଥାନ୍ତି । ମାତ୍ର ତା'ପରେ ଯେତେବେଳେ ରାଜଧାନୀର ଚଳଣି ଏବଂ ଚାକଚକ୍ୟ ଦେଖନ୍ତି ଓ ଏଠାକାର ଅନ୍ୟ ପିଲାମାନଙ୍କ ଚାଲିଚଳନ ଢ଼ଙ୍ଗଢ଼ାଙ୍ଗ ଦେଖି ସହରର ଆଧୁନିକ ପରିବେଶ ପ୍ରତି ଆକୃଷ୍ଟ ହୋଇ ନିଜକୁ ସେଥିରେ ସାମିଲ ହେବାକୁ ଚେଷ୍ଟିତ ହୁଅନ୍ତି । ଫଳରେ କିଛି ପିଲା ବିପଥଗାମୀ ହୋଇଥାନ୍ତି । ସେମାନେ କମ୍ ବୟସରେ ହଠାତ ଭଲ ମନ୍ଦ ଜାଣିବାରେ ବା ବିଚାରିବାରେ ଅସମର୍ଥ ହୋଇଥାନ୍ତି । ଏବେ ରାଜଧାନୀ ଭୁବନେଶ୍ୱରର କଳେବର ସାଙ୍ଗକୁ ଜନସଂଖ୍ୟା ବୃଦ୍ଧି ପାଇବା ସହିତ ରାସ୍ତାଘାଟ ଘର ବଜାର ଇତ୍ୟାଦିର କାୟା ମଧ୍ୟ ବଢ଼ିଚାଲିଛି । ତେବେ ଦେଶର ଅନ୍ୟାନ୍ୟ ବଡ ବଡ ସହର ଯଥା କୋଲକୋତା, ଦିଲ୍ଲୀ, ଚେନାଇ, ବାଙ୍ଗାଲୋର ଏବଂ ମୁମ୍ବାଇ ଇତ୍ୟାଦିକୁ ତାଳ ଦେଇ ଭୁବନେଶ୍ୱରର ଆଧୁନିକ ପରିବେଶ ମଧ୍ୟ ବୃଦ୍ଧି ପାଇଛି । ସ୍ୱତନ୍ତ୍ର ଭାବେ ଆଲୋଚନା କଲେ ବା ଦୃଷ୍ଟିଗୋଚର କଲେ ଏଠାରେ ଯୁବକମାନଙ୍କ ଅପେକ୍ଷା ଯୁବତୀମାନଙ୍କ ଚାଲିଚଳନ, ଆଚାର ବ୍ୟବହାର, ପୋଷାକ ପରିଧାନ ଇତ୍ୟାଦି ଉପରେ ନଜର ପକାଇଲେ ଏକ ଅଭୁତପୂର୍ବ ପରିବେଶ ସୃଷ୍ଟି ହୋଇଥିବା ଦୃଷ୍ଟିଗୋଚର ହେଉଛି, ଯାହାକୁ ସାଧାରଣଭାବେ ଦେଖିଲେ ନିଜର ଆଖି କ'ଣ ଦେଖୁଛି ବୋଲି ଭାବିପାରିବା ନାହିଁ । ତେବେ ଏହି ସବୁ କଥା ତାଙ୍କର ବ୍ୟକ୍ତିଗତ ଚିନ୍ତାଧାରା ହୋଇପାରେ କିନ୍ତୁ ଟିକେ ପାରିପାର୍ଶ୍ୱିକ ସ୍ଥିତିକୁ ନଜର କଲେ ଭଲ ହୁଅନ୍ତା ।

ଏଥିରେ କାହାକୁ ବ୍ୟକ୍ତିଗତ ଭାବେ ବା ନିର୍ଦ୍ଦିଷ୍ଟ କୌଣସି ଗୋଷ୍ଠୀକୁ ଆକ୍ଷେପ କରି କୁହାଯାଉନାହିଁ ବା କୌଣସି ଉଦ୍ଦେଶ୍ୟ ରଖି ବ୍ୟାଖ୍ୟା କରାଯାଉନାହିଁ । କେବଳ ସମାଜର ପ୍ରତିଫଳନକୁ ଚିନ୍ତା କରାଯାଉଅଛି । **ପିଲାମାନଙ୍କ ଅଭିଭାବକମାନେ ସେହି ନିପଟ ଗ୍ରାମରେ ବହୁ କଷ୍ଟରେ ମୁଣ୍ଡରେ ଝାଳ ତୁଣ୍ଡରେ ମାରି ଅର୍ଥ ଉପାର୍ଜନ କରି ସହରରେ ଥିବା ପିଲାମାନଙ୍କୁ ମାସକୁ ମାସ ସେହି କଷ୍ଟାର୍ଜିତ ଟଙ୍କା ପଠାଇଥାନ୍ତି,ଏପଟେ ପିଲା କିନ୍ତୁ ସହରର ଚାକଚକ୍ୟ ପରିବେଶରେ ନିଜକୁ ହଜେଇ ଦେଇ ସଙ୍ଗଦୋଷରେ ହେଉ ବା କୌଣସି ଅସାମାଜିକ ପରିବେଶରେ ସାମିଲ ହୋଇ ଏକ ନିର୍ଦ୍ଦିଷ୍ଟ ସମୟର ଖୁସିକୁ ଉପଭୋଗ କରିବା ନିମନ୍ତେ ବିଭିନ୍ନ ପ୍ରକାର ନିଶା ସେବନରେ ସାମିଲ ହେଉଥିବା ଦେଖାଯାଉଛି ।** ଏଥିରେ ଯେ ସବୁବର୍ଗର ପିଲା ଆକୃଷ୍ଟ ବା ସାମିଲ ହୁଅନ୍ତି ତାହା ନୁହେଁ, ବହୁତ ମେଧାବୀ ଛାତ୍ର ବା ଭଲ ଚିନ୍ତାଧାରାର ପିଲା ଯେଉଁମାନଙ୍କର ପରିବାରର ପିତାମାତାଙ୍କ ବାସ୍ତବ କଷ୍ଟ ବାବଦରେ ଚିନ୍ତା କରିବାର କ୍ଷମତା ଥିବ, ସେମାନେ କେବେହେଲେ ଏହାକୁ ଆଦରି ନେବେ ନାହିଁ । କିନ୍ତୁ ଦୁଃଖର ବିଷୟ ଯେ ବହୁ ଅଧିକ ସଂଖ୍ୟାରେ ଯୁବତୀମାନେ ସହରରେ ବିନା ପାଠୁଆ ବା ଅଧା ପାଠୁଆ ଯୁବକମାନଙ୍କ ଚେହେରା, ଚାକଚକ୍ୟ ପୋଷାକ ଏବଂ ଦୁଇ ବା ଚାରି ଚକିଆ ଯାନ ମୋହରେ ଆକୃଷ୍ଟ ହୋଇ ଆଗପଛ ବିଚାର ମଧ୍ୟ କରୁନାହାନ୍ତି । ଉକ୍ତ ଯୁବକମାନଙ୍କ ସହ ମୋବାଇଲ ଫୋନ୍ ଦ୍ୱାରା ସମ୍ପର୍କ ସ୍ଥାପନ କରି ସେମାନେ ବିପଥଗାମୀ ହେଉଥିବା ଦେଖିବାକୁ ମିଳୁଛି । କିଛି ଅସୁବିଧା ହେଲେ 'ନେଡି ଗୁଡ କହୁଣୀକି ଗଡିବା ସଦୃଶ' ସ୍ଥିତି ମଧ୍ୟ ଉପୁଜୁଛି । ଏପରିକି ସମ୍ପୃକ୍ତ ଯୁବକ କିମ୍ବା ଯୁବତୀ ଘଟଣାଚକ୍ରରେ ପଡ଼ି ହତ୍ୟା କିମ୍ବା ଆତ୍ମହତ୍ୟାର ମଧ୍ୟ ଶିକାର ହେବା ଘଟଣାର ବହୁ ନଜିର ଅଛି । ପିଲାମାନେ ଯେଉଁ ହଷ୍ଟେଲ ବା ମେସରେ ବା ବ୍ୟକ୍ତିଗତ ଏକାକୀ ଭଡାସୂତ୍ରରେ ରହୁଛନ୍ତି, ତାଙ୍କର ପରିବାର ସେ ସମ୍ପର୍କରେ ଠିକ ସୂଚନା ଜାଣିବା ଉଚିତ । ଏଥିସହିତ ଭଡ଼ା ଘରର ମାଲିକମାନଙ୍କ ସହ ମଧ୍ୟ ଯୋଗସୂତ୍ର ରକ୍ଷା କରିବା ଆବଶ୍ୟକ । ଉଲ୍ଲେଖଯୋଗ୍ୟ ଯେ ଦୁଇ ତିନି ବର୍ଷ ତଳେ ପୋଲିସ ପ୍ରଶାସନ ତରଫରୁ ଏହି ସମ୍ବନ୍ଧରେ ବିଶେଷ ସୂଚନା ଦିଆଯାଇଥିଲା । ତଦନୁଯାୟୀ ସ୍ଥାନୀୟ ପୋଲିସ ଚାହିଁଲେ ବି କାହା ବିଷୟରେ କିଛି ତଥ୍ୟ ସୁବିଧାରେ ଓ ସହଜରେ ପାଇ ପାରିବେ । ଏଠାରେ ପିଲାମାନଙ୍କ ଅଭିଭାବକ ତଥା ପିତାମାତାମାନେ ନିୟମିତ ଭାବେ ତାଙ୍କ ପିଲାଙ୍କ ଚାଲିଚଳନ ଓ ଗତିବିଧିକୁ ଅନୁସରଣ କରିବା ମଧ୍ୟ ନିହାତି ଆବଶ୍ୟକ, ଯେଉଁଥିରେ ଅଭାବ ପରିଲକ୍ଷିତ ହେଉଛି । ମେସ୍ ବା ହଷ୍ଟେଲର ମାଲିକମାନେ ମଧ୍ୟ ଏସବୁ କ୍ଷେତ୍ରରେ ନିୟମିତ ନଜର ରଖିବା ସହ ଯାଞ୍ଚ କରିବା ଆବଶ୍ୟକ । ପିଲାମାନେ କେତେବେଳେ ଯାଉଛନ୍ତି ବା ଆସୁଛନ୍ତି, ସେ ନେଇ ସମୟ ନିର୍ଘଣ୍ଟ ଆବଶ୍ୟକ । ଏଠାରେ ପ୍ରଶ୍ନ ଉଠିପାରେ ଯେ ପିଲାମାନେ ପାଠ ପଢ଼ିବାକୁ ବିଭିନ୍ନ କୋଚିଂ ସେଣ୍ଟର ଯାଉଛନ୍ତି, ସେ କ୍ଷେତ୍ରରେ ସମୟ କିପରି ସ୍ଥିର କରାଯିବ, କିନ୍ତୁ ସବୁ କୋଚିଂ ସେଣ୍ଟରର ଏକ ନିର୍ଦ୍ଦିଷ୍ଟ ସମୟ ଅଛି ତାହା ସକାଳ ହେଉ ବା ରାତ୍ରିରେ ହେଉ, ତେବେ ଅନେକ ସ୍ଥଳେ ଦେଖାଯାଉଛି ଯେ ସହରରେ ରହି ପାଠ ପଢୁଥିବା କେତେକ ଯୁବତୀ ନିଶା ସେବନରେ ଲିପ୍ତ ରହୁଛନ୍ତି । ତାହା ମଧ୍ୟ ଲୁଚାଛପାରେ ନୁହଁ । ଏପରିକି ଖୁଲମ୍ ଖୋଲା ରାସ୍ତକଡ କଲଭର୍ଟ ହେଉ, ପାର୍କ ହେଉ ବା ଗଳିକନ୍ଦି ରାସ୍ତା ହେଉ ଏଭଳି ଅନେକ ଘଟଣା ଏବେ ସହରରେ ଦେଖିବାକୁ ମିଳୁଛି । ପୁରୁଷ ପିଲା ସିଗାରେଟ୍ ଟାଣି ଧୂଆଁ ଛାଡ଼ିଲା ବେଳେ ଟିକେ ସଂଯମତା ଦେଖାଇଥାଏ ।

କାଳେ କାହା ଉପରେ ବାଧା ଦେବ ବୋଲି, କିନ୍ତୁ ଯୁବତୀମାନେ ଏଥିରେ ପୁରା ବିନ୍ଦାସରେ ହାଇଫାଇ ଷ୍ଟାଇଲ ସହ କାହାକୁ ଖାତିର ନଥିବା ଭଳି ପ୍ରଦର୍ଶନ କରୁଛନ୍ତି । ବିଭିନ୍ନ କଲେଜରେ ପାଠ ପଢୁଥିବା ପିଲାଙ୍କ ଉପରେ ଆଲୋକପାତ କଲେ କିଛି କିଛି ଛାତ୍ର ବା ଛାତ୍ରୀମାନେ ନିଜ ନିଜ ଘରୁ ବା ହଷ୍ଟେଲ କି ମେସରୁ ଠିକ୍ ଟାଇମରେ ବାହାରି ଆସନ୍ତି, କିନ୍ତୁ କଲେଜରେ ଗୋଟେ କିମ୍ବା ଦୁଇଟା କ୍ଲାସ ଆଟେଣ୍ଡ କରି ଛାତ୍ରଟି ଝିଅ ବନ୍ଧୁ ସହିତ କିମ୍ବା ଛାତ୍ରୀଟି ପୁଅ ବନ୍ଧୁ ସହିତ ସମୟ ବିତାନ୍ତି । କିଛି ଛାତ୍ରୀ ମୋବାଇଲ ଦ୍ୱାରା ଯୋଗାଯୋଗ କରି ତାଙ୍କର ପୁରୁଷ ବନ୍ଧୁଙ୍କ ସହିତ କଲେଜ ପୋଷାକ ପରିବର୍ତ୍ତନ କରି ବ୍ୟାଗରେ ଆଣିଥିବା ସାଧାରଣ ପୋଷାକ ବଦଳ କରି କଲେଜର ଆଖପାଖ ଗଳିରାସ୍ତାରେ ହେଉ କିମ୍ବା ନିକଟବର୍ତ୍ତୀ କୌଣସି ପାର୍କ ନତୁବା ରେସ୍ତୋରାଁରେ ଅଶୋଭନୀୟ ଭାବେ ହାତରେ ସିଗାରେଟ୍ ଧରି ଆଳାପରେ ବ୍ୟସ୍ତ, ପାଖଦେଇ ଅନ୍ୟ କିଏ ଗଲେ ବା ଆସିଲେ ସେଥିପ୍ରତି ସେମାନଙ୍କର ଭ୍ରୂକ୍ଷେପ ନଥାଏ । ଏହାର କାରଣ ହେଲା ଅଭିଭାବକମାନେ ତାଙ୍କ ପିଲାଙ୍କ କଲେଜ ଯିବା ଆସିବା ଓ ସେଠାରେ କେତେ ସମୟ ଅତିବାହିତ କରନ୍ତି ସେହି ଅବଧିର ଚାଲିଚଳଣକୁ ଠିକ ଭାବେ ଜାଣିପାରୁ ନାହାନ୍ତି କି କଲେଜ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ରଖୁନାହାନ୍ତି । ପିଲା କଲେଜରେ ରହୁଛି ନା ଅନ୍ୟ କୁଆଡ଼େ କାହା ସାଙ୍ଗରେ ବାହାରକୁ ଯାଉଛି, ଏହାର ନିୟମିତ ଯାଞ୍ଚ କରିବା ନିତାନ୍ତ ଆବଶ୍ୟକ । କିଛି ବୁଦ୍ଧିଜୀବୀ ବା ସମାଜସେବୀ ସେ ମହିଳା ହୁଅନ୍ତୁ ବା ପୁରୁଷ ହୁଅନ୍ତୁ, ଯଦି କିଛି ଏପରି ଆଚରଣରେ ଲିପ୍ତ ଥିବା ପିଲାଙ୍କୁ ନଜର କରନ୍ତି, ତାହାହେଲେ ତାଗିଦ୍ କରିବା ଇଚ୍ଛା ଥିଲେ ବି, ପରିସ୍ଥିତିର ଦାସ ହୋଇ ଆତ୍ମସମ୍ମାନକୁ ଜଗିବାକୁ ବାଧ୍ୟ ହୁଅନ୍ତି । ଏପରିକି ଏସବୁ ଦେଖି ନ ଦେଖିଲା ଭଳି ସେଠାରୁ ଚାଲିଯାଆନ୍ତି । ତେବେ ଏ ସମସ୍ତ ଦିଗରୁ ଏହାର ପରିବର୍ତ୍ତନ ଏବେ ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି । ଏହି ପରିପ୍ରେକ୍ଷୀରେ ଉଦାହରଣ ସ୍ୱରୂପ ଭୁବନେଶ୍ୱର ସ୍ମାର୍ଟ ସହରର ଜନଗହଳି ସ୍ଥାନ ସହିଦନଗରକୁ ଏହାର ଏକ ଦୃଷ୍ଟାନ୍ତ ଆକାରରେ ନେଲେ,ବହୁ ତଥ୍ୟ ପଦାକୁ ଆସିବ । କିଛି ସ୍ଥାନୀୟ ବ୍ୟକ୍ତିଙ୍କ ଘର ସାମନାରେ ସନ୍ଧ୍ୟାବେଳେ କିଛି ଯୁବକ ଯୁବତୀ କଲଭର୍ଟରେ ବସି ମଦ୍ୟପାନରେ ବ୍ୟସ୍ତଥିବା ବେଳେ ସେହି ଘରର ମାଲିକମାନେ ଯଦି ପ୍ରତିବାଦ କରନ୍ତି, ତାହାହେଲେ ମଦ୍ୟ ପାନ କରୁଥିବା ଝିଅଟି ଉତ୍ତର ଦିଏ, ଆମେ ପିଇବୁ ଆପଣଙ୍କ କ'ଣ ଅସୁବିଧା ହେଉଛି କି ? ତେଣୁ ଏପରି ସ୍ଥଳେ ଏହିଭଳି ଅନେକ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ । କିନ୍ତୁ ସ୍ଥାନୀୟ ଜନସାଧାରଣ ଏଥିପ୍ରତି ନାଚାର ରହୁଥିବା ଦେଖିବାକୁ ମିଳିଥାଏ । ନିୟମିତ ଭାବେ ସନ୍ଧ୍ୟାବେଳେ ବିଭିନ୍ନ ଅଞ୍ଚଳକୁ ପି.ସି.ଆର୍ ଗାଡ଼ି ଆସେ କିନ୍ତୁ ଗାଡ଼ିରେ ଥିବା ଷ୍ଟାଫମାନେ ନିଜ ନିଜ ମୋବାଇରେ ବ୍ୟସ୍ତ ଥିବାର ଦେଖାଯାଏ ।

ଟିକେ ଗାଡ଼ି ବିଭିନ୍ନ ସ୍ଥାନରେ ଅଟକାଇ କ'ଣ ପାଇଁ ଅନ୍ଧାରରେ ବସିଛ ବା କ'ଣ କରୁଛ ବୋଲି ପଚାରିଲେ ନିଶ୍ଚିତଭାବେ କିଛି ପ୍ରଭାବ ପଡନ୍ତା ଓ ଏଥିରେ ମଧ୍ୟ ପରିବର୍ତ୍ତନ ହୋଇପାରନ୍ତା । ସାମ୍ପ୍ରତିକ ସ୍ଥିତିରେ ସ୍ଥାନୀୟ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକମାନେ ରାଜ୍ୟ ସରକାରଙ୍କ ଠାରେ ତଥା ପୋଲିସ ପ୍ରଶାସନ ପାଖରେ ଉକ୍ତ ସମସ୍ୟାର ଆଶୁ ସମାଧାନ ଦିଗରେ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରୁଛନ୍ତି । ଫଳରେ ସମାଜ ଉପରେ ନିଶ୍ଚିତଭାବେ ଏହାର ଏକ ସକାରାତ୍ମକ ପ୍ରଭାବ ପଡିପାରନ୍ତା ଏବଂ ଏ କ୍ଷେତ୍ରରେ ମଧ୍ୟ ଏକ ସୁସ୍ଥ ପରିବେଶ ସୃଷ୍ଟି ହୋଇପାରନ୍ତା ।

**ସହିଦ ନଗର, ଭୁବନେଶ୍ୱର**
**ମୋ–୯୮୬୧୧୫୮୪୦୪**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଗରମ...

୭୫.୨ ମିମି, ବିଜାତଳାରେ ୭୫ ମିମି, ଆନନ୍ଦପୁରରେ ୭୧.୮ ମିମି, ଯାଜପୁର ଜିଲ୍ଲାର ସୁକିନ୍ଦାରେ ୮୯ ମିମି, ଜେନାପୁରରେ ୮୪.୪ ମିମି, ଦାନଗଦିରେ ୮୨.୨ ମିମି, କଟକର ବାଙ୍କୀରେ ୭୦ ମିମି, ଦେବଗଡ଼ର ରିଆମାଳରେ ୬୮ ମିମି ବର୍ଷା ରେକର୍ଡ଼ କରାଯାଇଛି । ସେହିପରି ଭୁବନେଶ୍ୱରରେ ଭୋର ୫ଟାରୁ ଦିନ ୧୨ଟା ପର୍ଯ୍ୟନ୍ତ ୨୨ ମିମି ବର୍ଷା ରେକର୍ଡ଼ କରାଯାଇଛି । ଆସନ୍ତାକାଲି (ବୁଧବାର)ଠାରୁ ପ୍ରବଳ ବର୍ଷା ନେଇ ସତର୍କତା ଜାରି କରାଯାଇଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହାସହ ରାୟଗଡ଼ା, କୋରାପୁଟ, ମାଲିକାନଗିରି ଓ ଗଜପତି ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ସମ୍ବଲପୁର, ଯାଜପୁର, ଢେଙ୍କାନାଳ, ବରଗଡ଼ ଓ ଅନୁଗୋଳ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ଏହିସବୁ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ସେହିଭଳି ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ରାୟଗଡ଼ା, କୋରାପୁଟ, ମାଲକାନଗିରି, ଗଜପତି, ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ଅନୁଗୋଳ, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା, ସୋନପୁର ଆଦି ଜିଲ୍ଲାଗୁଡ଼ିକ ପାଇଁ ପ୍ରବଳ ବର୍ଷା ନେଇ ସତର୍କତା ଜାରି ହୋଇଛି । ବର୍ଷା ହେବା ଫଳରେ ଗରମ ଓ ଗୁଳୁଗୁଳିରୁ ତ୍ରାହି ମିଳିଛି ।

## ଅଲାରନାଥ...

ଶ୍ରୀଅଲାରନାଥଙ୍କୁ ଦର୍ଶନ କରି ପୁଣ୍ୟ ଅର୍ଜନ କରିଥାନ୍ତି । ଶ୍ରୀମନ୍ଦିର ରତ୍ନସିଂହାସନରେ ଶ୍ରୀଜିଉଙ୍କୁ ଦର୍ଶନ କରିବାରେ ଯେତିକି ପୂଣ୍ୟ ମିଳେ ଅଣସର ସମୟରେ ଶ୍ରୀଅଲାରନାଥଙ୍କୁ ଦର୍ଶନ କଲେ ସେତିକି ପୂଣ୍ୟ ମିଳେ ବୋଲି ପ୍ରବାଦ ରହିଛି । ଏଥିପାଇଁ ଅଣସର ସମୟରେ ଅଲାରନାଥ ମନ୍ଦିରରେ ଭକ୍ତମାନଙ୍କ ପ୍ରବଳ ଭିଡ ଲାଗି ରହିଥାଏ ।

ପୌରାଣିକ କଥା ଅନୁସାରେ,"ଯେଉଁ ପର୍ବତ ଉପରେ ବ୍ରହ୍ମା ତପସ୍ୟା କରିଥିଲେ ସେହି ସ୍ଥାନଟି ପରବର୍ତ୍ତୀ କାଳରେ ବ୍ରହ୍ମଗିରି ନାମରେ ବିଖ୍ୟାତ ହେଲା । ପରବର୍ତ୍ତୀ ସମୟରେ ସେହି ଅଞ୍ଚଳକୁ ବ୍ରହ୍ମଗିରି ବୋଲି କୁହାଗଲା ।" ସେହିପରି ଅନ୍ୟ ଏକ ଜନଶୃତି ରହିଛି," ଦକ୍ଷିଣ ଭାରତରୁ ଆଲବନ୍ଦାଚାର୍ଯ୍ୟ ନାମକ ଜଣେ ଭକ୍ତ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିଲେ । ସେତେବେଳେ ମହାପ୍ରଭୁଙ୍କ ଅନବସର ନୀତି ଚାଲିଥିଲା । ଭକ୍ତ ଆଲବନ୍ଦାଚାର୍ଯ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇ ପାରିନଥିଲେ । ସେ ଏଥିରେ ଦୁଃଖିତ ହୋଇ ନିଜ ଜୀବନ ହାରିବାକୁ ସମୁଦ୍ରକୁ ଯାଇଥିଲେ । ହେଲେ ପ୍ରଭୁ ହନୁମାନ ତାଙ୍କ ପଥ ଓଗାଳିଥିଲେ । ଏହିଭଳି ଭାବେ ଭକ୍ତ ଆଲବନ୍ଦାଚାର୍ଯ୍ୟ ଚିଲିକା ପାଖରେ ପହଞ୍ଚିଥିଲେ । ପରେ ଦେହରେ ନିଆଁ ଲଗାଇ ଜୀବନ ହାରିବାକୁ ଚେଷ୍ଟା କରୁଥିବା ବେଳେ ମହାପ୍ରଭୁ ପ୍ରକଟ ହୋଇ ଦର୍ଶନ ଦେଇଥିଲେ । ତେବେ ତାଙ୍କ ଅନୁରୋଧ ପୂର୍ବକ ମହାପ୍ରଭୁ ସେଠାରେ ଭକ୍ତ ଆଲବନ୍ଦାଚାର୍ଯ୍ୟଙ୍କ ନାମରେ ପୂଜା ପାଇଥିଲେ । ପରେ ଏହି ନାଁ ବଦଳି ଜନଶୃତିରେ ଅଲାରନାଥ ହୋଇଥିବା କୁହାଯାଏ । ସେହିପରି ପ୍ରଭୁ ଅଲାରନାଥଙ୍କୁ ନେଇ ଏକ ସୁନ୍ଦର କଥାବସ୍ତୁ ରହିଛି । ପ୍ରଭୁ ଅଲାରନାଥ ଖିରୀ ଖାଇବାକୁ ବେଶ ଭଲ ପାଆନ୍ତି । ଦିନେ ତାଙ୍କର ପୂଜକ ନିଜ କାର୍ଯ୍ୟରେ ବାହାରକୁ ଯାଇଥିଲେ । ତାଙ୍କ ଛୋଟ ପୁଅଟି ପ୍ରଭୁ ଅଲାରନାଥଙ୍କୁ ଖିରୀ ଭୋଗ ଦେବା ବେଳେ ପ୍ରଭୁ ଏହା ଖାଇବାକୁ କୁନି ବାଳକଟି ଅନୁରୋଧ କରିଥିଲା । ପ୍ରଭୁ ବାଳକର ଅନୁରୋଧ ରକ୍ଷା କରି ପ୍ରକଟ ହୋଇ ଖିରୀ ଖାଇଥିଲେ । ହେଲେ ଖିରୀ ଗରମ ଥିବାରୁ ପ୍ରଭୁ ଅଲାରନାଥଙ୍କ ଶ୍ରୀଅଙ୍ଗରେ ଫୋଟକା ହୋଇଯାଇଥିଲା । ଏହି ଚିହ୍ନ ଆଜିବି ଅଲାରନାଥଙ୍କ ମୂର୍ତ୍ତିରେ ଦେଖିବାକୁ ମିଳିଥାଏ । ଏହି ସ୍ମୃତିରେ ଅନବସରରେ ଭକ୍ତମାନେ ପ୍ରଭୁ ଅଲାରନାଥଙ୍କୁ ଦର୍ଶନ କରି ଖିରୀ ଭୋଗ କରିଥାନ୍ତି ।

## ମାମୁଁ...

ବିଦ୍ୟାନଗରରେ ରହୁଥିଲା । ପ୍ରକାଶ ଯେ, ପ୍ରତିମା ଦିଗାଲଙ୍କୁ ତାଙ୍କ ସ୍ୱାମୀଙ୍କ ସହ ଭୁବନେଶ୍ୱର ରେ ରହୁଥିଲେ । ପରେ ତାଙ୍କୁ ତାଙ୍କ ସ୍ୱାମୀ ଅନ୍ୟ ଏକ ମହିଳାଙ୍କୁ ବାହା ହୋଇ ଅନ୍ୟତ୍ର ଚାଲିଯାଇଥିଲେ । ପରେ ସେ ବ୍ରହ୍ମପୁର ଚାଲି ଆସି ଗୋଇଲୁଣ୍ଡି ଅଞ୍ଚଳରେ ରହୁଥିଲେ । ତାଙ୍କ ଭାଇ ଉପରୋକ୍ତ ଅଭିଯୁକ୍ତ ପାର୍ଲରରେ ଆସି ତାଙ୍କ ଘରେ ରହୁଥିଲେ । ୨୦୨୨ ଏପ୍ରିଲ ୨୫ ତାରିଖ ରାତ୍ର ପ୍ରତିମା ନିଜ ପୁଅକୁ ଧରି ଅନ୍ୟତ୍ର ଏକ ରୁମରେ ଶୋଇଥିଲେ । ଅନ୍ୟ ଏକ ରୁମ ରେ ୭ମ ଶ୍ରେଣୀରେ ପଢୁଥିବା ତାଙ୍କ ଝିଅ ମସାରି ଟାଙ୍ଗି ଶୋଇଥିଲେ । ରାତ୍ର ପ୍ରାୟ ୧୦ ଟା'ବେଳେ ଘର ଭିତରେ ଚିତ୍କାର ଶୁଣି ସଡ଼ ଉଠି ଦେଖିବା ବେଳେ ତାଙ୍କ ଝିଅ ଜଳୁଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକଲରେ ଭର୍ତ୍ତି କରିଥିଲେ । ସେଠାରେ ପୋଲିସ ମୃତ୍ୟୁ ସହ ସଂଗ୍ରାମ କରୁଥିବା ନାବାଳିକାଙ୍କ ମୃତ୍ୟୁ କାଳୀନ ଜମାନବନ୍ଦୀ ରେକର୍ଡ କରିଥିଲା । ସେ ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୋଲିସ ୧୧୭/୨୨ ରେ ଏକ ବଳାତ୍କାର ଓ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ବୈଦ୍ୟନାଥପୁର ପୋଲିସ ଅଭିଯୁକ୍ତ ସିପିରିଆନ ଦିଗାଲକୁ ଗିରଫ କରି ମାମଲା ନଂ ୧୧୭/୨୨ ରେ ତାଙ୍କୁ କୋର୍ଟ ଚାଲାଣ କରିଥିଲା । ଗିରଫ ପରଠାରୁ ସେ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରଧୀନ ବନ୍ଦୀ ଭାବେ ଥିଲେ । ମାମଲାର ବିଚାରଣା ବେଳେ ୧୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ମଙ୍ଗଳବାର ରାୟ ପ୍ରକାଶ ବେଳେ ଉକ୍ତ ଅଭିଯୁକ୍ତଙ୍କୁ କଡା ସୁରକ୍ଷା ବଳୟରେ ଜେଲରୁ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା । ସାକ୍ଷୀମାନଙ୍କ ବୟାନ ଓ ପୋଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ ଆଧାରରେ ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଡ଼.ଶିବ ପ୍ରସାଦ ମିଶ୍ର ମକଦ୍ଦମା ପରିଚାଳନା କରିଥିଲେ ।

## ୩ ଯାଏଁ...

୫୨ ଚାଷୀଙ୍କ ଠାରୁ ୧୮ ଲକ୍ଷ ୭୯ ହଜାର ୯୧୯ ଟନ୍ ଧାନ କିଣା ସରିଛି । ଚଳିତବର୍ଷ ସରକାର ୨୦ ଲକ୍ଷ ଟନ୍ ଧାନ ସଗ୍ରହ ଲାଗି ରକ୍ଷ ରଖିଥିଲେ ଯାହା ୩ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ।

## ପେଟ୍ରୋଲରେ...

ଲୋକଙ୍କ ମଧ୍ୟରେ ଏକ ଭୟର ବାତାବରଣ ମଧ୍ୟ ସୃଷ୍ଟି ହୋଇଥିଲା । ଗାଡ଼ିଗୁଡ଼ିକର ଇଞ୍ଜିନକୁ ଏହା ଖରାପ କରୁଛି ବୋଲି ଆଶଙ୍କା ପ୍ରକାଶ ପାଇଥିଲା । ସୁପ୍ରିମ୍‌କୋର୍ଟ ଆଜି ବିପିସିଏଲ୍‌ର ଏକ ମାମଲାର ଶୁଣାଣି କରିଥିଲେ । କର୍ଣ୍ଣାଟକ ହାଇକୋର୍ଟ ଇଥାନଲ ବଣ୍ଟନ ନେଇ ଚିନ୍ତା ପ୍ରକଟ କରିବା ସହ ୨୦୨୫-୨୬ରେ କେତେ ଯୋଗାଣ ହୋଇଛି ତାହା ଜାଣିବାକୁ ଚାହିଁଥିଲେ । ଜୁନ୍ ୩ରେ ହାଇକୋର୍ଟ କହିଥିଲେ ଯେ ସମସ୍ତ ତୈଳ ବିତରଣ କମ୍ପାନୀଗୁଡ଼ିକ ଟେଣ୍ଡର ପ୍ରକ୍ରିୟା ଚୂଡାନ୍ତ ନ ହେବା ପୂର୍ବରୁ ଡିଷ୍ଟିଲାରୀ ଇଥାନଲ ଆବଣ୍ଟନରେ ବୃଦ୍ଧି ପାଇଁ କରାଯାଇଥିବା ଅନୁରୋଧ ଉପରେ ବିଚାର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ବିପିସିଏଲ୍ କୋର୍ଟକୁ କହିଥିଲା ଯେ ଏହି ନିର୍ଦ୍ଦେଶ ଇଥାନଲ ମିଶ୍ରଣ ଉପରେ ସରକାରଙ୍କ ଲକ୍ଷ୍ୟ ଉପରେ ପ୍ରଭାବ ପକାଇବ । ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣୀ କହିଥିଲେ ଯେ ଇଥାନଲ ଆବଣ୍ଟନ ପ୍ରକ୍ରିୟା ୨୦୨୫ ଅକ୍ଟୋବରରୁ ଚୂଡାନ୍ତ ହୋଇଛି । ତେବେ ବ୍ୟକ୍ତିଗତ ଆବଣ୍ଟନକୁ ପୁନଃ ଖୋଲିବା ଦ୍ୱାରା ଜାତୀୟ କାର୍ଯ୍ୟକ୍ରମ ବ୍ୟାହତ ହୋଇପାରେ । ଭେଙ୍କଟରମଣୀ କହିଥିଲେ ଯେ ଯୋଗାଣକାରୀଙ୍କ ଆବଣ୍ଟନ ପରିବର୍ତ୍ତନ କରିବା ଦ୍ୱାରା ଅନ୍ୟମାନେ ମଧ୍ୟ ସମାନ ଦାବି କରିପାରନ୍ତି । ଯାହା ଏକାଧିକ ମୋକଦମର ସୂତ୍ରପାତ କରିବ । ଏଭଳି ଆବେଦନ ଅନେକ ହାଇକୋର୍ଟରେ ବିଚାରାଧୀନ ରହିଛି । ଗଣମାଧ୍ୟମକୁ ଆଟର୍ଣ୍ଣି ଜେନେରାଲ କହିଥିଲେ ଯେ ୨୦% ଇଥାନଲ ମିଶ୍ରଣ ଏକ ନୀତିଗତ ନିଷ୍ପତ୍ତି । ଯାହାର ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ସରକାର ଏହାକୁ ଏକ ପରୀକ୍ଷଣ କରୁଛନ୍ତି ।

## ଡବଲ...

ପରାମର୍ଶ ଦେଇଥିଲେ । ୨୦/୨୫ଦିନ ତଳେ କୃଷ୍ଣଙ୍କୁ ଦୁଇ ଅଭିଯୁକ୍ତ ଛାତ୍ର ଖଣ୍ଡଗିରି ଖାରବେଳ ପାର୍କକୁ ଡାକିଥିଲେ ବୁଝାମଣା ପାଇଁ । ସେଠାରେ ଉଭୟଙ୍କ ମଧ୍ୟରେ ବାକ୍‌ବିତଣ୍ଡା ହେବାରୁ କୃଷ୍ଣ ଦୁଇ ଛାତ୍ରଙ୍କୁ ମାଡ ମାରିଥିଲା । ଯାହାଦ୍ୱାରା ସେମାନଙ୍କ ମଧ୍ୟରେ ବୁଝାମଣା ହୋଇପାରିଲା ନାହିଁ । ସେଥିପାଇଁ ଦୁଇ ସ୍କୁଲ ଛାତ୍ର ପ୍ରତିଶୋଧ ପରାୟଣ ହୋଇ ରବିବାର ରାତି ୨ଟା ବେଳେ କୃଷ୍ଣଙ୍କ ଘରକୁ ପାଚେରି ଡେଇଁ ଯିବା ସହ ଘର କବାଟ ଭାଙ୍ଗି ଭିତରକୁ ଯାଇଥିଲେ । କୃଷ୍ଣଙ୍କ ବାପା ପ୍ରଥମେ ସେମାନଙ୍କୁ ମୁକାବିଲା କରିଥିଲେ । ଏହି ସମୟରେ ଲଙ୍କାଗୁଣ୍ଡ ପକାଇ କୃଷ୍ଣଙ୍କ ବାପା ହିଂମାଶୁଙ୍କ ମୁଣ୍ଡକୁ ଲୁହାରଡରେ ଶକ୍ତ ପ୍ରହାର ଦେଲେ । ପୁଅ କୃଷ୍ଣ ଓ ଝିଅ ତାପସୀ ପାଢୀ ସେମାନଙ୍କୁ ପ୍ରତିବାଦ କରିବାରୁ କୃଷ୍ଣ ମୁହଁକୁ ଲଙ୍କାଗୁଣ୍ଡ ପକାଇ ତା'ମୁଣ୍ଡକୁ ଲଗାତର ପ୍ରହାର ଦେଇଥିଲେ । ଏହି ସମୟରେ ତାପସୀ ସେମାନଙ୍କୁ ଧରିବା ସମୟରେ ତାକୁ ମଧ୍ୟ ଆକ୍ରମଣ କରିଥିଲେ । ସମସ୍ତଙ୍କୁ ଆକ୍ରମଣ କରି ଗୁରୁତର କରିବା ପରେ ଦୁଇ ଛାତ୍ର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ।

ଖବର ପାଇ ପୋଲିସ ପହଞ୍ଚି ଆହତ ୩ଜଣଙ୍କୁ ଏମ୍ସ ହସ୍ପିଟାଲକୁ ଚିକିତ୍ସା ପାଇଁ ଆଣିଥିଲା । ଡାକ୍ତର ପୁଅ କୃଷ୍ଣଙ୍କୁ ମୃତ ଘୋଷଣା କରିଥିଲେ । ବାପ-ଝିଅ ଚିକିତ୍ସିତ ହେଉଥିବା ବେଳେ ମଙ୍ଗଳବାର ଭୋର୍ ସମୟରେ ହିଂମାଶୁଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଥିଲେ । ତାପସୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ସୋମବାର ଶଳାର ଶବ ଭିଣୋଇ ରମେଶ ପ୍ରସାଦ ପଣ୍ଡା ନେଇ ଦାହ କରିଥିଲେ । ମଙ୍ଗଳବାର ଶ୍ୱଶୁରଙ୍କ ମୃତ୍ୟୁ ହେବା ପରେ ତାଙ୍କ ଶବକୁ ମଧ୍ୟ ରମେଶ ନେଇଛନ୍ତି । ଏହି ଡବଲ ମର୍ଡର ସମ୍ପର୍କରେ ରମେଶ ଖଣ୍ଡଗିରି ଥାନାରେ ଏତଲା କରିବା ପରେ ପୋଲିସ ହତ୍ୟା ମାମଲା ରୁଜୁ କରି ଛାନ୍‌ଭିନ୍ କରିଥିଲା । ଘଟଣା ଘଟିବାର ୨୪ଘଣ୍ଟା ନପୂରୁଣୁ ଦୁଇ ଅଭିଯୁକ୍ତ ଛାତ୍ରଙ୍କୁ ପୋଲିସ ନିଜ କବ୍‌ଜାକୁ ନେଇଥିଲା । ସିସିଟିଭି ଫୁଟେଜ ଓ ଲୋକଙ୍କ ସୂଚନା ଆଧାରରେ ଦୁଇଜଣଙ୍କୁ ପୋଲିସ ଧରିବାରେ ସଫଳ ହେଲା । ସେମାନଙ୍କ ନିକଟରୁ ଲଙ୍କାଗୁଣ୍ଡ ଡବା, ଦୁଇଟି ଲୁହା ରଡ, ମୋବାଇଲ ପ୍ରଭୃତି ପୋଲିସ ଜବତ କରିଛି । ଦୁଇ ଅଭିଯୁକ୍ତ ଛାତ୍ରଙ୍କୁ ବ୍ରହ୍ମପୁର ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀରେ ପୋଲିସ କମିଶନର ସୂଚନା ଦେଇଛନ୍ତି ।

## ସେନା...

ସେଟ୍ ହେଉଛନ୍ତି ଏନ୍‌ଡିଏ ଖଡଗ୍‌ୱାସଲାର ପୂର୍ବତନ ଛାତ୍ର । ଡିସେମ୍ବର ୧୯୮୬ରେ ଭାରତୀୟ ସେନାର ଆର୍ମଡ୍ କୋର୍‌ରେ କମିଶନ ପାଇଥିଲେ । ୪୦ ବର୍ଷ ଧରି ତାଙ୍କର ସାମରିକ କ୍ୟାରିୟରରେ ଅପରେସନାଲ୍, ରଣନୀତିକ, ସାମର୍ଥ୍ୟ ବିକାଶ ଏବଂ ସାଂସ୍ଥାନିକ କ୍ଷେତ୍ରରେ ବ୍ୟାପକ ଅଭିଜ୍ଞତା ରହିଛି । ଭାରତୀୟ ସେନାର ଯୁଦ୍ଧ କ୍ଷମତା ଏବଂ ଦୀର୍ଘକାଳୀନ ପରିବର୍ତ୍ତନରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି । ବିଭିନ୍ନ କ୍ଷେତ୍ରରେ ସେନାପାଇଁ ସେ ରଣନୀତି ପ୍ରସ୍ତୁତ କରିଥାନ୍ତି । ମରୁଭୂମି ଅଞ୍ଚଳରେ ଏକ ଆର୍ମଡ୍ ରେଜିମେଣ୍ଟ, ପଶ୍ଚିମ ସୀମାନ୍ତରେ ଆର୍ମଡ୍ ବ୍ରିଗେଡ୍ ଓ ଜମ୍ମୁ-କାଶ୍ମୀରରେ ଆତଙ୍କବାଦୀ ନିରୋଧୀ ଦଳର କମାଣ୍ଡ ସମ୍ଭାଳିଛନ୍ତି । ଭାରତୀୟ ସେନାର ପ୍ରମୁଖ ଷ୍ଟ୍ରାଇକ୍ ଫର୍ମେସନ୍ ସୁଦର୍ଶନ ଚକ୍ର କୋର୍‌ରେ କମାଣ୍ଡ ମଧ୍ୟ ସମ୍ଭାଳିଛନ୍ତି ।

## ଭୀମସାରର...

ଆୟବହିର୍ଭୂତ ସମ୍ପତ୍ତିକୁ ବାଜ୍ୟାପ୍ତ କରିବା ପାଇଁ କୋର୍ଟରେ ଆଇନଗତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜଣାପଡିଛି । ତେବେ ଗୋଟିଏ ଦିନରେ ଭିମସାରର ଦୁଇ ଜଣ କର୍ମଚାରୀଙ୍କ ଘରେ ଭିଜିଲାନ୍ସ ଚଢାଉ ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

ଅଶ୍ୱିନୀ ମେହେରଙ୍କ ସମ୍ବଲପୁର ଓ ବରଗଡ଼ ଜିଲ୍ଲାର ୫ଟି ସ୍ଥାନରେ ଏକକାଳୀନ ରେଡ୍ ହୋଇଥିଲା । ଏହି ଚଢ଼ାଉ ପ୍ରକ୍ରିୟାରେ ୫ ଜଣ ଡିଏସପି , ୫ ଜଣ ଇନ୍ସପେକଟର, ୩ ଜଣ ଏଏସଆଇ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ । ତେବେ ତଲାସୀ ବେଳେ ବୁର୍ଲା ସୌରଭ ବିହାରରେ ନିର୍ମାଣାଧୀନ ଚାରି ମହଲା କୋଠା, ବୁର୍ଲା କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଏକ କୋଠା, ବରଗଡ଼ ଜିଲ୍ଲା ଗୋବିନ୍ଦପାଲିରେ ଥିବା ଏକ କୋଠା, ବୁର୍ଲାରେ ଏକ ଗୋଦାମ ଗୃହ ସହ ୧୦ଟି ମୂଲ୍ୟବାନ ଜମି, ୮୩ଗ୍ରାମ ସୁନା ଅଳଙ୍କାର ଏବଂ ୨ଟି ବାଇକ ଆଦି ଠାବ କରାଯାଇଛି । ଏଷ୍ଟାବ୍ଲିସମେଣ୍ଟ ଅଫିସର ଧନୁର୍ଦ୍ଧର ବିଶ୍ୱାଳଙ୍କ ଘର ସମେତ ୪ ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା । ଏହି ଚଢଉରେ ପ୍ରକ୍ରିୟାରେ ୨ ଜଣ ଡିଏସପି , ୫ ଜଣ ଇନ୍ସପେକଟର, ୩ ଜଣ ଏଏସଆଇ ଓ ଅନ୍ୟ କର୍ମଚାରୀ ସାମିଲ ଥିଲେ । ତେବେ ତଲାସୀ ବେଳେ ଧନକଉଡ଼ାରେ ଥିବା ଦୁଇ ମହଲା ବାସଭବନ, ଗୁଡେସିଙ୍ଗାରେ ଥିବା ଏକ କୋଠା, ୩୨ଟି ମୂଲ୍ୟବାନ ଜମି, ନଗଦ୧୯ଲକ୍ଷ୭୨ହଜାର୪୯୦ଟଙ୍କା, ୮୩.୫ଗ୍ରାମ ସୁନା ଅଳଙ୍କାର, ୨ଟି ହାଇୱା, ୨ଟି ଟ୍ରାକଟର, ୧ଟି ଟ୍ରଲର, ଏକ ଚାରି ଚକିଆ ଯାନ, ୪ଟି ବାଇକ ଆଦି ଠାବ ହୋଇଛି । ଉଭୟଙ୍କ ବ୍ୟାଙ୍କ, ପୋଷ୍ଟାଲ ଓ ଇନସ୍ୟୁରାନ୍ସ ପଲିସିର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଯାହାର ସମ୍ପୂର୍ଣ୍ଣ ରିପୋର୍ଟ ଆସିବା ପରେ ଏହି ସମ୍ପତ୍ତିର ପରିମାଣ ଆହୁରି ବୃଦ୍ଧି ପାଇବାର ସମ୍ଭାବନା ରହିଛି । ଧନୁର୍ଦ୍ଧର ବିଶ୍ୱାଳ ୬ଜାନୁଆରୀ, ୧୯୯୭ରେ କନିଷ୍ଠ କିରାଣୀ ଭାବେ ମାତ୍ର ୨ହଜାର ୫୦୦ଟଙ୍କା ଦରମାରେ ଭିମସାରରେ ଯୋଗ ଦେଇଥିଲେ । ଏଠାରେ ପଦୋନ୍ନତି ସହ ଦୀର୍ଘ ୩ଦଶନ୍ଧି ଧରି କାର୍ଯ୍ୟ କରୁଥିଲେ । ଯାହା ତାଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବାରେ ବେଶ ସହାୟକ ହୋଇଥିଲା ।

## ପିଲାଙ୍କ...

ବ୍ୟବସ୍ଥା ଓ ସମାଜ ପ୍ରତି ବିଶ୍ୱାସ ଏବଂ ଆସ୍ଥା ଗଢ଼ିଉଠେ । ହେଲେ ଏବେ ସେହି ବିଶ୍ୱାସ କ୍ଷୁର୍ଣ୍ଣ ହୋଇଛି । କ୍ଷତି କେବଳ ମୁଦ୍ରଣ ତ୍ରୁଟିରେ ସୀମିତ ନାହିଁ, ଏହା ପିଲାଙ୍କ ଭବିଷ୍ୟତର ମୂଳଦୁଆ ଉପରେ ଆଘାତ ଦେଇଛି । ସ୍କୁଲ ପାଠ୍ୟ ପୁସ୍ତକରେ ହୋଇଥିବା ଚରମ ଅବହେଳା ଏହି ପବିତ୍ର ବିଶ୍ୱାସକୁ ଭାଙ୍ଗିଛି । ଲକ୍ଷ ଲକ୍ଷ ନିରୀହ ଛାତ୍ରଛାତ୍ରୀ ଏହାର ଶିକାର ହୋଇଛନ୍ତି । ଯେଉଁମାନେ ଓଡ଼ିଶାର ଭବିଷ୍ୟତ ଓ ଆଗାମୀ କାଲିର ବାର୍ତ୍ତାବହ । ଭୁଲ୍‌ଭରା ପାଠ୍ୟପୁସ୍ତକ ଛାପିବା ଏବଂ ସେଗୁଡ଼ିକୁ ପ୍ରତ୍ୟାହାର କରିବା ପ୍ରସଙ୍ଗରେ ବାରମ୍ବାର ନିଷ୍ପତ୍ତି ବଦଳାଇ ପିଲାମାନଙ୍କ ଆସ୍ଥା ଓ ବିଶ୍ୱାସର ମୂଳଦୁଆକୁ ଦୁର୍ବଳ କରାଯାଉଛି । କୋମଳମତି ପିଲାମାନଙ୍କର ଆସ୍ଥା ଉପରେ ଯେଉଁ ଆଘାତ ଲାଗିଛି ତାକୁ କୌଣସି ସଂଶୋଧନ କ'ଣ ଭରଣା କରିପାରିବ ବୋଲି ନବୀନ ପ୍ରଶ୍ନ କରିଛନ୍ତି ।


**OFFICE OF THE DEAN & PRINCIPAL**
**VEER SURENDRA SAI INSTITUTE OF MEDICAL SCIENCES & RESEARCH, BURLA, DIST : SAMBALPUR(ODISHA)**
10001/317/2627 **PIN-768017**
Email:vssmcburlaorissa@gmail.com/
Website www.vimsar.ac.in

No. 5912/Indent/Dean/VIMSAR, Burla Dated. 29.06.2026

**NOTICE**

Sealed Tenders are invited from the interested firms for supply of dietary articles i.e. Bengal Gram, Sliced Milk Bread, Fresh Green Grass, Fresh Green Vegetables for the animal house of VIMSAR, Burla for ONE YEAR from the date of finalization of the tender. The detail terms and conditions in this college website i.e www.vimsar.ac.in and district website i.e.www.sambalpur.odisha.govt.in. The last date of receipt of tenders will be on 30.07.2026 latest by 5.30 PM which will be opened on 31.07.2026 at 11.30 AM in the Conference Hall of Dean & Principal, VIMSAR Burla.

Sd/- Dean & Principal,
VSS Institution of Medical Sciences & Research, Burla.
OIPR : 10001/10012/1/26-27/0001



**ZILLA SWASTHYA SAMITI, MALKANGIRI**
10001/319/2627
**TENDER CALL NOTICE**
**Bid Reference No. 7292/2026** **Date : 29.06.2026**

Sealed Tenders are invited from registered Firms/ Suppliers & Agencies under GST Act for supply & printing of Information, Education & Communication (IEC) Items under the administrative control of CDM & PHO, Malkangiri. The details regarding terms, conditions & item specifications may be downloaded from district website: https://malkangiri.odisha.gov.in, the bids in sealed envelope should reach the office of the undersigned by 20.07.2026 till 5.00 PM along with all relevant documents. The tender will be opened at 11.00 AM on 21.07.2026 in presence of Committee members, bidders or their authorized representatives. The undersigned reserves the right to reject any or all the tenders without assigning any reason thereof.

Sd/- C.D.M. & P.H.O.-cum-
District Mission Director
District Health Mission,
Malkangiri
OIPR : 10001/10086/1/26-27/0007



25001/591/2627 **Government of Odisha**
**"e" Procurement Notice**
**Bid Identification No. : Online-AGL-09 of 2026-2027**

| | | |
|---|---|---|
| 1. | Name of the Work | : Road Works |
| 2. | Estimated Cost. | : Rs. 50.42 to 75.63 Lakhs |
| 3. | Period of Completion | : 3 (Three) Calendar Months |
| 4. | Date & time of availability of | : From 30.06.2026. to 10.07.2026 upto 5.00 P.M |
| 5. | Last Date/time for receipt of bids In the portal | : 10.07.2026 upto 05.00 P.M. |
| 6. | Name & Address of the OIT | : Executive Engineer, Rural Works Division, Angul |

Further details can be seen from the Govt. website www.tendersorissa.gov.in

Sd/-
Executive Engineer
R.W. Division, Angul.
OIPR : 25001/25096/1/26-27/0008



D.C. Mohanty & Associates
Advocates
Judicial Court Complex
Bhubaneswar-14
ADVOCATE
Plot No. L-6/1,
Panchasakha Nagar
Bhubaneswar-19
Mob. No. - 9861132998
Email ID.- dc.mohantyadvocate@gmail.com

**PUBLIC NOTICE**

Being instructed by my client Vigyan Bharati Charitable Trust, Bhubaneswar, represented through it's Chairman DrTirupati Panigrahi, I would like to Inform you all that the SEVEN HILLS EDUCATIONAL & HEALTH CARE SOCIETY, Baraipalli, Sambalpur through it's Chairman-Sri Nuna Srinivas Rao was agreed to alienate some landed properties and buildings to VIGYAN BHARATI CHARITABLE TRUST.BHUBANESWAR. It is clarified that the properties are available in the name of Seven Hills Educational & Health Care Society & its members. After receiving an advance amount Rs2,00,00,000/-(Rupees two crores) the Chairman of the Society is taking dilatory attitude to sale the properties to VBCT for which the VBCT has filed a Civil Suit No-393/26 in the court of the Junior Civil Judge, Sambalpur. The Chairman of Seven Hills Educational & Health Care Society is now trying to create third party interest over the properties.

Hence all are cautioned not to deal with the properties which are subject matter in Civil Suit No-393/26 in order to avoid litigation

Sd/- D.C.Mohanty.
Advocate



**AFFIDAVIT**

I, Geetarani Patra D/o-Gayaram Pradhan resident of Flat no-C/3, 3rd Floor, Aparna Enclave, Kalinga Nagar, Po-Ghatikia, Bhubaneswar, Dist-Khurdha, Pin-751029, Odisha declare by this affidavit no- CF.No- 78 dtd-29/06/2026 that now onwards I shall be Known as **Gitarani Patra** for all future Purposes.

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 30.06.2026 Swadhin Majhi S/o -Paichha Majhi Resident of Village- Gambhardihi P.O-Gambhardihi P.S- Sarankul Dist-Nayagarh,PIN-752070 declare that I have changed my minor Son's name from Sambati Majhi to Sambiti Majhi Henceforth, He shall be known as Sambiti Majhi for all purposes.

Sd/- Swadhin Majhi

**AFFIDAVIT**

By Virtue of an affidavit sworn before the Executive Magistrate Pipili,AF No-1411on dated -27/05/2026 I Laxmidhar Barik S/o-Raghunath Barik of Village-Bidharapur,Ps-Tangi,Dist-Khurdha,Odisha declare that I have changed my Surname from Laxmidhar Barik to Laxmidhar Behera.Henceforth,I shall be Known as Laxmidhar Behera for all future Purposes.

Laxmidhar Behera

**AFFIDAVIT**

By virtue of an affidavit sworn before Executive Magistrate,Nayagarh Odisha on dated 30.06.2026 Prakash Chandra Sahoo S/o -Khiroda Chandra Sahoo Resident of Village- Pancharida-Manapur P.O-Pancharida P.S- Sarankul Dist-Nayagarh,PIN-752080 declare that I have changed my minor Son's name from Prabir Priyadarsan Sahoo to Ayusman Sahoo Henceforth, He shall be known as Ayusman Sahoo for all purposes.

Sd/- Prakash Chandra Sahoo

**AFFIDAVIT**

I, GIRIJA PRIYADARSHANI JENA, D/o. Ashok Kumar Jena, R/o. At/PO: Andhaipally, PS: Bhadrak (R), Dist: Bhadrak, Odisha - 756112, I have changed my name to GIRIJA PRIYADARSANI JENA vide Affidavit No. 1770, dated 29/06/2026. Henceforth, I shall be known as GIRIJA PRIYADARSANI JENA instead of GIRIJA PRIYADARSHANI JENA. Both names refer to one and the same person.

**AFFIDAVIT**

By Virtue of an affidavit on dt 30.06.2026 before The Executive Magistrate, Kamakhyanagar No-2439 dt 30.06.2026, I Suresh Kumar Sendha S/O - Panchanan Sendha Vill - Nua Altuma PO/PS-Kamakhyanagar Dist - Dhenkanal,Odisha ,Pin 759018 State that my Son's Birth Certificate Regd no -15858/2016 dt 16.07.2016 name has mentioned as Dibyajyoti Sendha S/O - Suresh Sendha(Father), Sarmila Sendha (Mother) is correct .But Aadhar card no - 9875 1139 6739 name has been mentioned as Rahul Sendha instead of Dibyajyoti Sendha, That Rahul Sendha and Dibyajyoti Sendha is one and same Person for correction of aadhar official Purpose hence affidavit.



e-mail ID - eephctcii@gmail.com
sephdctc521@gmail.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, P. H. DIVISION, KATAKA**
13001/1027/2627
**e-procurement Notice for Bid Identification**
**No. SEPH-DIVISION, KAT-17 of 2026-27**

| | | |
|---|---|---|
| 1. | Name of the work | : 1 No PH Work |
| 2. | Estimated cost | : Rs. 43.39 Lakh |
| 3. | Period of completion | : 1 month |
| 4. | Date & time of availability of bid document in the portal | : 02.07.2026 from 11.00 AM to 13.07.2026 upto 5.00 PM |
| 5. | Last date & time of seeking clarification | : 06.07.2026 upto 5.00 P.M |
| 6. | Last date / time of receipt of bids in the portal | : 13.07.2026 upto 5.00 PM |
| 7. | Date & time of opening of bids | : 14.07.2026 at 11.00 AM |
| 8. | Name and address of the officer inviting bid | : I/C Superintending Engineer P.H. Division, Kataka-753004, Odisha. Ph. (0671) 2441063, email:-eephctcii@gmail.com sephdctc521@gmail.com |

Further details can be seen from e-procurement portal https://www.tendersodisha.gov.in

Sd/- Superintending Engineer
P.H. Division, Kataka
OIPR : 13001/13225/1/26-27/0007



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE,BHUBANESWAR**
34001/407/2627
Mail I.d seccbbsr@gmail.com
E-procurement Tender Call Notice No.06 of 2026-27
No. 3375 (Estg.) Bhubaneswar the 20th June-2026

The Chief Construction Engineer, Central (R&B) Circle Bhubaneswar on behalf of the Governor of Odisha invites percentage rate bids for one number building work to be received in online bidding, double cover system for improvement works as detailed in:https://tendersodisha.gov.in. The details of bid documents will be available in the above website from 5.00 P.M. of 01.07.2026 to 5.00 P.M of 15.07.2026. The bidders must possess compatible Digital Signature Certificate of Class II or III. Bids received online shall be opened at 5.30 P.M of 15.07.2026 in the Office of the Chief Construction Engineer, Central (R&B) Circle Bhubaneswar.

Further details can be seen from the e-procurement portal www.tendorgodisha.gov.in.
Addendum / Corrigendum, if required, will be available only in the Website.

Sd/-Er.M.K.Mahananda
Chief Construction Engineer
Central (R&B) Circle, Bhubaneswar

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, CENTRAL (R&B) CIRCLE BHUBANESWAR**
Mail I.d seccbbsr@gmail.com
**INVITATION OF BIDS**
E-procurement Tender call Notice No. 06 of 2026-27
No. 3377 (Estg) Bhubaneswar Dated the 20th June-2026

The Chief Construction Engineer, Central (R&B) Circle, Bhubaneswar on behalf of the Govrnor of Odisha Iltvtta percenter rate bids in double cover system for improvement works as detailed in the table given below.

| Sl. No. | Name of the work | Approximate Estimated cost put to Tender | EMD | Cost of Bid Document | Class of Contractor | Period of Completion |
|---|---|---|---|---|---|---|
| 1. | Construction of Bhubaneswar-II Excise Station and Bhubaneswar II Excise Range Office at Pada Sahi, Bhubaneswar in the District of Khurda. | Rs.1,80,90,910.00 | Rs.1,80,909.00 | Rs.10,000.00 | B Class / A Class | 6 (Six) Months Months) |

Date & Time of availability of bid document in the portal / online : From 5.00 P.M. of 01.07.2026 to 5.00 P.M of 15.07.2026
Last Date of online submission of bid document in the portal/online : 5.00 P.M. of 15.07.2026
Date of Opening : 5.30 P.M. of 15.07.2026
Name and adderess of officer inviting Bid : Chief Construction Engineer, Central (R&B) Circle Bhubaneswar.
Further details can be seen from the e-procurement portal : https://tendersodisha.gov.in.

Sd/- Er. M.K. Mahananda
Chief Construction Engineer
Central (R&B) Circle, Bhubaneswar
OIPR : 34001/34156/1/26-27/0006



25001/586/2627 **GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH.**
E-mail Id - eerw_deogarh@yahoo.co.in
**E-Procurement Notice**
**BID IDENTIFICATION NO. SERWDGH-Online- 08 of 2026-27**

| | | |
|---|---|---|
| 1. | No. of Road Works | : (01 No) |
| 2. | Estimated Cost | : Approx.Rs.33.36 lakhs. |
| 3. | Mode of submission of tender | : Tender shall be submitted online in www.tendersodisha.gov.in |
| 4. | Availability of tender for online bidding | : 30.06.2026, 10.00 A.M to 14.07.2026 up to 5.00 P.M |
| 5. | Date and time of opening of tender | : 15.07.2026, 11.00 A.M |

6. Other details can be seen from the website www.tendersodisha.gov.in
7. Corrigendum / Addendum if any shall only be published in the above website.

Sd/- Superintending Engineer
R.W Division, Deogarh
OIPR : 25001/25087/1/26-27/0008



Regd. No. 15-05778/99-2000

**Rajdhani Systems & Estates Pvt. Ltd.**
A-103, Saheed Nagar, Bhubaneswar-751007
Ph. (0674) 2541164, 2542899, 2546390

**PUBLIC NOTICE**

This is for the information of all concerned that in the year 2012 Crime Branch has initiated some criminal cases against the organisation and it's functionaries for which some of the landed properties have been attached and some landed properties are under dispute for other reasons, as a result our Bonafide customers and associated persons have faced innumerable difficulties, for this inconvenience we have intense feeling of deep sorrow.

In the meantime, a new body of Rajdhani Systems & Estates Pvt. Ltd. has been constituted to resolve /sort' out the issues affecting our customers. The new body is determined not to be involved in any type of unconstitutional activities / issues which will hamper the interest of our customers in future. The new body have decided not to proceed with the Plotted Scheme/ business of landed property / construction of apartment, and any construction related business until and unless the cases pending in the court of law are disposed off. The Company has not authorised/ engaged anybody to sell/purchase/market for any type of plotted scheme land or housing project or construction business. We do hereby caution to all concerned that if anyone deals with any unauthorised person regarding the property matter in connection with our Company it shall be presumed that they have done that at their own risk. By this notice we are requesting to our esteemed customers to have patience till the disposal of the cases to proceed further in a very fair and clean manner.

Subsequently, our esteemed customers, if they have any problems/ difficulties are requested to kindly contact with our legal advisor Mr. Bhakti Binod Behera through E Mail :- b.b.behera227@gmail.com for necessary redressal of measures.

Sd/- Management
Rajdhani System & Estate Pvt. Ltd.
Sahid Nagar, Bhubaneswar



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ସମାରୋହ

# ଜନଜାତି ସମୁଦାୟର ବିକାଶ ଓ ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରିବା : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କ ଗରିମାମୟ ଉପସ୍ଥିତିରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ଆନ୍ଧ୍ରପ୍ରଦେଶ କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ (ସିଟିୟୁଏପି)ର ପ୍ରଥମ ସମାବର୍ତ୍ତନ ସମାରୋହରେ ଯୋଗଦେଇ ଡିଗ୍ରୀ ହାସଲ କରିଥିବା ପ୍ରଥମ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସାରସ୍ୱତ ସମାରୋହରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଜନଜାତି ସମୁଦାୟର ବିକାଶ ଓ ସମାଜ କଲ୍ୟାଣ ପାଇଁ କାର୍ଯ୍ୟ କରିବା ପାଇଁ ଆଗେଇ ଆସିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ସଂକଳ୍ପକୁ ସାକାର କରିବା ପାଇଁ ଆମ ସମସ୍ତଙ୍କୁ ଉତ୍କର୍ଷତା ଆଡ଼କୁ ଅଗ୍ରସର ହେବାକୁ ପଡିବ ।




ସେହିପରି ମାନ୍ୟବର ରାଷ୍ଟ୍ରପତିଙ୍କ ପରାମର୍ଶ କ୍ରମେ ଛାତ୍ରଛାତ୍ରୀମାନେ ନିଜର ସଂସ୍କୃତି, ପରମ୍ପରା ଓ ସମୁଦାୟ ସହ ଜଡ଼ିତ ରହି ସମାଜର କଲ୍ୟାଣ ତଥା ଜନଜାତି ଭାଇଭଉଣୀଙ୍କ ଜୀବନଜୀବିକାର ବିକାଶ ପାଇଁ କାର୍ଯ୍ୟ କରିବା ଉଚିତ ।

ସେ ଆହୁରି କହିଛନ୍ତି ଯେ, ୨୦୨୩ ମସିହାରେ ଏହି ବିଶ୍ୱବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସର ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ରହିବାର ସୌଭାଗ୍ୟ ତାଙ୍କୁ ମିଳିଥିଲା । ମାତ୍ର କେଇ ବର୍ଷ ମଧ୍ୟରେ ବିଶ୍ୱବିଦ୍ୟାଳୟର ପ୍ରଥମ ବ୍ୟାଚ୍‌ର ଶିକ୍ଷାର୍ଥୀମାନଙ୍କୁ ଡିଗ୍ରୀ ଗ୍ରହଣ କରୁଥିବାର ଦେଖିବା ଅତ୍ୟନ୍ତ ଗର୍ବ ଓ ଆନନ୍ଦର ବିଷୟ । ଏହା ବିଶ୍ୱବିଦ୍ୟାଳୟର ନିରନ୍ତର ପ୍ରୟାସ ଏବଂ ଉଲ୍ଲେଖନୀୟ ପ୍ରଗତିର ପ୍ରମାଣ । ଭାରତର ପାରମ୍ପରିକ ଜନଜାତି ଜ୍ଞାନର ସଂରକ୍ଷଣ କରିବା ଏବଂ ଯୁବପିଢ଼ିଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଦିଗରେ ଏହି କେନ୍ଦ୍ରୀୟ ଜନଜାତି ବିଶ୍ୱବିଦ୍ୟାଳୟ 'ଜାତୀୟ ଶିକ୍ଷା ନୀତି 'ର ପ୍ରକୃତ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି। ଏହି ଗସ୍ତ ଅବସରରେ କେନ୍ଦ୍ର ମନ୍ତ୍ରୀ ଏବଂ ଆନ୍ଧ୍ରପ୍ରଦେଶର ଆଇଟି ଓ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ନାରା ଲୋକେଶ 'ପିଏମ୍ ଶ୍ରୀ ଆନ୍ଧ୍ରପ୍ରଦେଶ ମଡେଲ ସ୍କୁଲ୍'ର କୋମଳମତି ଶିକ୍ଷାର୍ଥୀମାନଙ୍କ ସହ ଏକ ଭର୍ଚ୍ଚୁଆଲ୍ ସେସନ୍‌ରେ ଆଲୋଚନା କରିଥିଲେ । ଡିଜିଟାଲ୍ ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ଆତ୍ମବିଶ୍ୱାସ ଏବଂ ବୈଷୟିକ ଜ୍ଞାନକୌଶଳର ବ୍ୟବହାରକୁ ଦେଖି ଶ୍ରୀ ପ୍ରଧାନ ଖୁସିପ୍ରକାଶ କରିଥିଲେ । ସମାବର୍ତ୍ତନ ସମାରୋହରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଏସ୍. ଅବଦୁଲ ନଜିର, ରାଜ୍ୟ ମାନବ ସମ୍ବଳ ବିକାଶ ମନ୍ତ୍ରୀ, ମହିଳା, ଶିଶୁ ଓ ଜନଜାତି କଲ୍ୟାଣ ମନ୍ତ୍ରୀ, ବିଶ୍ୱବିଦ୍ୟାଳୟର କୁଳାଧିପତି ଏବଂ କୁଳପତି ପ୍ରମୁଖ ଉପସ୍ଥିତ ଥିଲେ।

# ସିଏମ୍‌ସିର ଅପାରଗତା ଓ ଦୁର୍ନୀତି ବିରୁଦ୍ଧରେ ଓଡ଼ିଶା ଜନତା କଂଗ୍ରେସର ବିକ୍ଷୋଭ

କଟକ, (ସ୍ୱପ୍ର): ଗତ ଶୁକ୍ରବାର ଦିନ ହୋଇଥିବା ମାତ୍ର ଦେଢ଼ ଘଣ୍ଟାର ବର୍ଷାରେ ସାରା କଟକ ସହର ଜଳାର୍ଣ୍ଣବ ହେବା ସହ ସୃଷ୍ଟି ହୋଇଥିବା କୃତ୍ରିମ ଜଳବନ୍ଦୀ ସମସ୍ୟାକୁ ନେଇ ସହରରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ କଟକ ନଗର ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ କଟକ ମହାନଗର ନିଗମ(ସିଏମସି) କାର୍ଯ୍ୟାଳୟ ସମ୍ମୁଖରେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କମିଶନରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ନିଗମ ପ୍ରଶାସନର ଚରମ ଅପାରଗତା, ବ୍ୟାପକ ଦୁର୍ନୀତି ଓ ଦୂରଦୃଷ୍ଟି ଅଭାବ ଯୋଗୁଁ ଆଜି ହଜାର ହଜାର କଟକବାସୀ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ଦଳୀୟ କର୍ମକର୍ତ୍ତା ଓ ବକ୍ତାମାନେ ନିଜ ଭାଷଣରେ ସିଏମସି କର୍ତ୍ତୃପକ୍ଷଙ୍କୁ କଡ଼ା ସମାଲୋଚନା କରିଛନ୍ତି । ଏପରିକି ତଳଠାରୁ ଉପର ସ୍ତର ପର୍ଯ୍ୟନ୍ତ ବ୍ୟାପକ ପି.ସି. କାରବାର ଚାଲିଥିବା ବେଳେ ଜଳ ନିଷ୍କାସନ ପାଇଁ ଉଦ୍ଦିଷ୍ଟ ଅନେକ ପାଣି ପମ୍ପ ବର୍ଷା ସମୟରେ ଅଚଳ ହୋଇ ପଡ଼ିରହିଥିଲା । ପମ୍ପ ଚାଲି ନଥିଲେ ମଧ୍ୟ ମିଥ୍ୟା ବିଲ୍ ମାଧ୍ୟମରେ




ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରାଯାଉଛି ଏବଂ ପମ୍ପ ପାଇଁ ଆସୁଥିବା ଡିଜେଲକୁ ସିଏମସି ଟାଙ୍କିରେ ବେଆଇନ ଭାବେ ବିକ୍ରି କରାଯାଉଥିବା ଭଳି ସାଙ୍ଘାତିକ ନଜିର ସାମ୍ନାକୁ ଆସିଛି । ପ୍ରଶାସନର ଏହି ବିଫଳତା ଯୋଗୁଁ ବର୍ଷା ଛାଡ଼ିବାର ୨୦ ଘଣ୍ଟାରୁ ଅଧିକ ସମୟ ଧରି ସହରର ବିଭିନ୍ନ ଅଞ୍ଚଳ ଜଳବନ୍ଦୀ ହୋଇ ରହିଥିଲା । ଯେଉଁଥିପାଇଁ ମେୟର, କମିଶନର ଏବଂ ଉଚ୍ଚପଦସ୍ଥ ଅଧିକାରୀମାନେ ସିଧାସଳଖ ଦାୟୀ ବୋଲି ଦଳ କହିଛି । ଦାୟିତ୍ୱହୀନ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦଳ ଦାବି କରିଛି । ଯଦି ସିଏମସି ଏହି ଦାବି ପ୍ରତି ସକାରାତ୍ମକ ପଦକ୍ଷେପ ନନିଏ, ତେବେ ଓଡ଼ିଶା ଜନତା କଂଗ୍ରେସ ପାର୍ଟି ସାରା କଟକବାସୀଙ୍କୁ ସାଥିରେ ନେଇ ରାଜପଥକୁ ଓହ୍ଲାଇବା ସହ ସିଏମସି କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଶ୍ରୀମତୀ ବେହେରା ଚେତାବନୀ ଦେଇଛନ୍ତି ।

# ଆଇଟିଇଆର୍‌ରେ ମ୍ୟାଥମାଟିକ୍ସ ଇନ୍ ମେସିନ୍ ଲର୍ଣ୍ଣିଂ କର୍ମଶାଳା

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଗଣିତ ବିଭାଗ ପକ୍ଷରୁ ମଙ୍ଗଳବାର "ମ୍ୟାଥମାଟିକ୍ସ ଇନ୍ ମେସିନ୍ ଲର୍ଣ୍ଣିଂ" (ଡବ୍ଲ୍ୟୁଏମ୍ଏମ୍ଏଲ୍-୨୦୨୬) ସମ୍ପର୍କିତ ଏକ ୫ ଦିବସୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏନ୍‌ଆଇଟି ରାଉରକେଲାର ଗଣିତ ବିଭାଗର ବରିଷ୍ଠ ପ୍ରଫେସର (ଡକ୍ଟର) ସ୍ନେହାଶିଷ ଚକ୍ରବର୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଗଣିତର ବିନା ସହାୟତାରେ ମେସିନ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଘଟିବା ଅସମ୍ଭବ। ସେ ଅଭିନବ ଚିନ୍ତାଧାରା, ବିଭିନ୍ନ ପ୍ରକାର ଜ୍ଞାନ କୌଶଳ ପ୍ରୟୋଗ କରି ସମସ୍ୟାର ସମାଧାନ କରିବା ସହିତ ମେସିନ୍ ଲର୍ଣ୍ଣିଂରେ ଗଣିତର ପ୍ରୟୋଗ ଉପରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରି ବହୁବିଧ ଗବେଷଣା ଓ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ଗଣିତର ଗୁରୁତ୍ୱ ଉପରେ ଆଲୋକପାତ କରି ଗଣିତରେ ପାରଙ୍ଗମ ହେବା ଆବଶ୍ୟକ ବୋଲି କହିଥିଲେ। ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗ



ଦେଇଥିଲେ।

ଆଇଟିଇଆର୍‌ର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ କହିଥିଲେ ଯେ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ଗଣିତର କେତେ ଆବଶ୍ୟକତା ରହିଛି ସେ ନେଇ ଏହି କର୍ମଶାଳାରେ ଛାତ୍ରାଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ତେବେ ଏଆଇକୁ ବ୍ୟବହାର କରିବା ଓ ତାକୁ ବୁଝିବା ପାଇଁ ଗଣିତର ଆବଶ୍ୟକତା ରହିଛି। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଆଇଟିଇଆରର ଗଣିତ ବିଭାଗର ବିଭାଗୀୟ ମୁଖ୍ୟ ତଥା ଡବ୍ଲ୍ୟୁଏମ୍ଏମ୍ଏଲ୍-୨୦୨୬ ଅର୍ଗାନାଇଜିଂ ଚେୟାର ପ୍ରଫେସର ସୁନିତା ଚାନ୍ଦ ସ୍ୱାଗତ ଭାଷଣ ଦେଇଥିଲେ ଓ କର୍ମଶାଳାରେ ଦେଶର ବିଭିନ୍ନ ପ୍ରାନ୍ତ ତଥା ରାଜ୍ୟରୁ ପ୍ରାୟ ୭୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରୁଛନ୍ତି। କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ଧବଳେଶ୍ୱର ମହାପାତ୍ର ଧନ୍ୟବାଦ ଅର୍ପଣ କରିବା ସହିତ ସହ ସଂଯୋଜକ ଡକ୍ଟର ଶ୍ରଦ୍ଧାରାମ ସ୍ୱାଇଁ ଏବଂ ଡକ୍ଟର ଲୋପାମୁଦ୍ରା ଦାସ ଏହି କର୍ମଶାଳାକୁ ପରିଚାଳନା କରିଥିଲେ।

## ହତ୍ୟାକାରୀକୁ ଆଜୀବନ

ଭୁବନେଶ୍ୱର, (ସବ୍ୟୁ) : ରାଜଧାନୀ ଉପଖଣ୍ଡ ଏୟାରଫିଲ୍ଡ ଥାନା ଅଞ୍ଚଳରେ ପ୍ରେମ ପାଇଁ ଘଟିଥିବା ହତ୍ୟାକାଣ୍ଡର ଆସାମୀକୁ ୫ବର୍ଷ ପରେ କୋର୍ଟ ଆଜୀବନ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି । ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁଙ୍କୁ ଆସାମୀ କେନ୍ଦ୍ରାପଡାର ଜଗନ୍ନାଥ ପ୍ରଧାନ ବିବାହ ପୂର୍ବରୁ ଭଲ ପାଉଥିଲା । ବିବାହ ପରେ ମଧ୍ୟ ଉଭୟଙ୍କ ମଧ୍ୟରେ ଭଲ ସମ୍ପର୍କ ଥିଲା । ୨୦୨୧ ମସିହାରେ ଜଗନ୍ନାଥ ପ୍ରିୟଙ୍କାଙ୍କ ଭୀମଟାଙ୍ଗି ଭଡାଘରକୁ ଯାଇ ଫେରାର୍ ହୋଇଯିବାକୁ ପ୍ରସ୍ତାବ ଦେଇଥିଲା । ପ୍ରିୟଙ୍କାଙ୍କର ଗୋଟିଏ ଝିଅ ଥିବାବେଳେ ସେ ଅନ୍ତଃସତ୍ତ୍ୱା ମଧ୍ୟ ଥିଲେ । ସ୍ୱାମୀ ଅଫିସ୍ ଯାଇଥିବାରୁ ପ୍ରିୟଙ୍କାକୁ ଫେରାର ହୋଇଯିବାକୁ ଆସାମୀ ଜଗନ୍ନାଥ ବାଧ୍ୟ କରିଥିଲା । ଉଭୟ କଥା ହେଉଥିବା ବେଳେ ଝିଅ ଶୋଇଯାଇଥିଲା । ଜଗନ୍ନାଥ କଥାରେ ପ୍ରିୟଙ୍କା ରାଜି ନହେବାରୁ ସେ ଉତ୍‌କ୍ଷିପ୍ତ ହୋଇ ଯୋଜନା ଅନୁଯାୟୀ ସାଙ୍ଗରେ ନେଇଥିବା ଧାରୁଆ ଛୁରିରେ ତାଙ୍କ ବେକକାଟି ହତ୍ୟା କରିଥିଲା । ନିଜେ ମାନସିକ ଭାରସାମ୍ୟ ହରାଇ ସେହିଠାରେ ଆତ୍ମହତ୍ୟା ଉଦ୍ୟମ କରିଥିଲା ।

# ଦିନ ଦ୍ୱିପ୍ରହରେ ଡକାୟତି ଗୁଜବକୁ ନେଇ ପୋଲିସ୍ ନୟାନ୍ତ

ଚୌଦ୍ୱାର, (ସବ୍ୟୁ): ଦୁଇଜଣ ଡକାୟତ ଜଣେ ଡାକ୍ତରଙ୍କ ଘରେ ପଶି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଅଟକ ରଖିଛନ୍ତି' ବୋଲି ଏକ ମିଥ୍ୟା ଗୁଜବକୁ ନେଇ ଚୌଦ୍ୱାର ଅଞ୍ଚଳରେ ଆତଙ୍କ ଖେଳି ଯିବା ସହିତ ଏହି ଘଟଣାକୁ ନେଇ ଦୀର୍ଘ ୪ ଘଣ୍ଟା ଧରି ପୋଲିସ ନାକେଦମ ହୋଇଥିବା ଦେଖିବାକୁ ମିଳିଛି । ଘଟଣାରୁ ପ୍ରକାଶଯେ ଗୋଡ଼ିପାଟଣାସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମେଡିକାଲ ଅଫିସର ଭାବେ କାର୍ଯ୍ୟ କରୁଥିବା ଡା.ଶରତ କୁମାର ସିଂ ଚୌଦ୍ୱାର ପୌରପାଳିକା ୯ନଂ ୱାର୍ଡ କାଳେଶ୍ୱର ଅଞ୍ଚଳରେ ଥିବା ନିଜସ୍ୱ ୨ ମହଲା ବିଶିଷ୍ଟ ଗୃହରେ ରହୁଛନ୍ତି । ମଙ୍ଗଳବାର ଦିନ ସ୍ୱାସ୍ଥ୍ୟକେନ୍ଦ୍ରରେ ଡିଉଟି ସାରି ଏକ ମିଟିଂରେ ଯୋଗଦେବାପରେ ଅପରାହ୍ଣ ୩ଟା ସମୟରେ ସେ ଘରକୁ ଫେରିଥିଲେ । ଘର ଗେଟ ନିକଟରେ ସେ ପହଞ୍ଚିବା ମାତ୍ରେ ତାଙ୍କ ଘରେ ଭଡ଼ାରେ ରହୁଥିବା ଜଣେ ପଡ଼ୋଶୀ ବାହାରକୁ ଆସି ତାଙ୍କୁ ଅଟକାଇବା ସହିତ 'ଆପଣଙ୍କ ଘରେ କେହି ଜଣେ ପଶିଛି ଓ ତା ହାତରେ ବନ୍ଧୁକ ଭଳି ମାରଣାସ୍ତ୍ର ରହିଛି ବୋଲି ଖବର ଦେଇଥିଲେ । ଏ ଖବର ଶୁଣିବା ମାତ୍ରେ ଡା. ସିଂ ଘର ଭିତରକୁ ନଯାଇ ତୁରନ୍ତ କମିସନରେଟ ପୁଲିସର ୧୦୦ ନମ୍ବରକୁ ଫୋନ୍ କରି ଘଟଣା ସମ୍ପର୍କରେ ଜଣାଇବା ସହିତ ପୋଲିସ୍ ସହାୟତା ମାଗିଥିଲେ ।ଘଟଣାଟିର ଗୁରୁତ୍ୱ ଉପଲବ୍ଧି କରି କଟକ ଡିସିପି ରିଷିକେଶ ଖିଲାରୀ, ଯୋନ୍-୧ ଏସିପି ଅରୁଣ କୁମାର ସ୍ୱାଇଁ ଓ ଚୌଦ୍ୱାର ଆଇଆଇସି ରଜନୀକାନ୍ତ ଦାସଙ୍କ ସମେତ ବହୁ ସଂଖ୍ୟକ ପୋଲିସ୍ ଅଧିକାରୀ ଆର୍ମଡ଼ ଫୋର୍ସ ସହିତ ଘଟଣାସ୍ଥଳରେ ପହଞ୍ଚି ଡା. ସିଂଙ୍କ ଘର ଚାରିପାଖ ଓ ସମ୍ମୁଖ ମୁଖ୍ୟରାସ୍ତାକୁ ବ୍ଲକିଂ କରିଦେଇଥିଲେ ଏବଂ ଘର ଭିତରେ ତନ୍ନତନ୍ନ କରି ଖୋଜାଖୋଜି କରିଥିଲେ । ହେଲେ ଘର ଭିତରେ କୌଣସି ବ୍ୟକ୍ତିଙ୍କୁ ଅଜଣା ବ୍ୟକ୍ତିକୁ ପାଇ ନଥିଲେ ।ଏହି ଘଟଣାଟି ଏକ ଗୁଜବ ବୋଲି ଏସିପି ଘଟଣାସ୍ଥଳରେ ସୂଚନା ଦେଇଛନ୍ତି । ପରେପରେ ଉକ୍ତ କୋଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯିବା ସହିତ ଫୁଟେଜ ଆଧାରରେ ତଦନ୍ତ ଜାରୀ ରହିଥିବା ପୋଲିସ ସୂଚନା ଦେଇଛି ।ତେବେ ଘଟଣା ସ୍ଥଳରେ ଭିଡ଼ ଭିତରେ ଥିବା ଜଣେ ଯୁବକକୁ ପୋଲିସ୍ ଅଟକ ରଖି ଘଟଣା ସମ୍ପର୍କରେ ପଚରା ଉଚରା କରୁଥିବା ଜଣା ପଡ଼ିଛି ।

# ବନ ମହୋତ୍ସବ ସପ୍ତାହ ଆରମ୍ଭ, ତୁଳିରେ ବନ ମହୋତ୍ସବ

ଭୁବନେଶ୍ୱର (ସବ୍ୟୁ): ପ୍ରତିବର୍ଷ ଜୁଲାଇ ମାସ ୧ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ବନ ମହୋତ୍ସବ ସପ୍ତାହ ରୂପେ ପାଳନ କରାଯାଉଥିବା ବେଳେ, ଚଳିତବର୍ଷ ଏହି ଅବସରରେ ଭୁବନେଶ୍ୱର ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀର ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ଏକ ମନୋହର ଚିତ୍ର ଆଙ୍କି ସାରା ବିଶ୍ୱକୁ ପରିବେଶ ସୁରକ୍ଷାର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି । ଚିତ୍ର ମାଧ୍ୟମରେ ସେ ବୃକ୍ଷଲତା, ପଶୁପକ୍ଷୀ ଏବଂ ମଣିଷ ସମାଜ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ଅତି ସୁନ୍ଦର ଭାବେ ଉପସ୍ଥାପିତ କରିଛନ୍ତି । ଚିତ୍ରର କେନ୍ଦ୍ର ବିନ୍ଦୁରେ ଏକ ବିଶାଳ ବଟବୃକ୍ଷ ରହିଛି, ଯାହା ଉପରେ 'ବନ ମହୋତ୍ସବ' 'ଫେଷ୍ଟିଭାଲ୍ ଅଫ୍ ଟ୍ରିଜ୍' ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଚିତ୍ରରେ ସମାଜର



ବିଭିନ୍ନ ବର୍ଗର ଲୋକେ, ବିଶେଷ କରି ଶିଶୁ, ମହିଳା ଓ ବୟସ୍କମାନେ ମିଳିମିଶି ବୃକ୍ଷରୋପଣ କରୁଥିବାର ଦୃଶ୍ୟ ସ୍ଥାନ ପାଇଛି । ପ୍ରକୃତିର ସୁରକ୍ଷା କଲେ ହିଁ ମାନବ ସମାଜ ସୁରକ୍ଷିତ ରହିବ, ସେହି ରହସ୍ୟକୁ ବୃକ୍ଷର ଚେର ଏବଂ ଶାଖା ପ୍ରଶାଖାର ଆଲୋକ ପ୍ରବାହ ମାଧ୍ୟମରେ ଦର୍ଶାଯାଇଛି । ଚିତ୍ରରେ ଥିବା ସବୁଜ ପାହାଡ଼, ସୂର୍ଯ୍ୟୋଦୟ ଏବଂ ବହିଯାଉଥିବା ନଦୀ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରୁଛି । କୁନି ଶିଳ୍ପୀ ଶାନ୍ତନୁଙ୍କ ଏହି ଅପୂର୍ବ କଳାକୃତି ବୃକ୍ଷରୋପଣକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା ପାଇଁ ସମସ୍ତଙ୍କୁ ପ୍ରେରଣା ଯୋଗାଉଛି । ଶାନ୍ତନୁଙ୍କର ଏହି ପ୍ରୟାସ ପ୍ରମାଣିତ କରୁଛି ଯେ ଆଜିର ଶିଶୁମାନେ ଆଗାମୀ ଦିନରେ ପୃଥିବୀକୁ ସବୁଜ ସୁନ୍ଦର କରିବା ପାଇଁ ସମ୍ପୂର୍ଣ୍ଣ ସଚେତନ ଅଛନ୍ତି ।

# ନେପାଳ ମାଝିଙ୍କ ମୃତ୍ୟୁ ଘଟଣାର ରିପୋର୍ଟ ପ୍ରଦାନ

ଭୁବନେଶ୍ୱର,(ସବ୍ୟୁ): ଓଡିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ ଅନୁଯାୟୀ, ଚାଷୀ ନେପାଳ ମାଝୀଙ୍କ ଦୁଃଖଦ ମୃତ୍ୟୁର ପରିସ୍ଥିତି ତଦନ୍ତ କରିବା ପାଇଁ ବିଧାୟକ ମଙ୍ଗୁ ଖିଲଙ୍କ ଅଧ୍ୟକ୍ଷତାରେ ତଥ୍ୟ-ଅନୁସନ୍ଧାନ ଦଳ ୨୭ ଜୁନ୍ ୨୦୨୬ରେ ନୂଆପଡା ଜିଲ୍ଲାର କୋମନା ବ୍ଲକ ଅନ୍ତର୍ଗତ ଜଡାମୁଣ୍ଡା ଗ୍ରାମ ଓ ମୃତ ଚାଷୀଙ୍କ ବାସଭବନ ପରିଦର୍ଶନ କରିଥିଲେ । ଘଟଣା ସମ୍ପର୍କିତ ତଥ୍ୟ ଜାଣିବା ପାଇଁ ତାଙ୍କ ପରିବାର ସଦସ୍ୟ, ସ୍ଥାନୀୟ ଗ୍ରାମବାସୀ, ଚାଷୀ, ଜନପ୍ରତିନିଧି ଏବଂ ସମ୍ପୃକ୍ତ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ନେପାଳ ମାଝୀ ଜଣେ ଚାଷୀ ଥିଲେ ଯିଏ ମୁଖ୍ୟତଃ କୃଷି ଉପରେ ନିର୍ଭର କରୁଥିଲେ । ତାଙ୍କର ଗୋଟିଏ ସ୍ତ୍ରୀ, ୨ ପୁଅ ପିଲା, ୧ ଝିଅ ପିଲା ଥିଲେ ଏବଂ ତାଙ୍କର ବର୍ଷ ବୟସ୍କ ବାପା ଏବଂ ମା'ଙ୍କ ଦ୍ୱାରା ପ୍ରତିପାଳିତ ଥିଲେ । ମୃତକଙ୍କ ସ୍ତ୍ରୀ କହିଛନ୍ତି ଯେ ତାଙ୍କ ସ୍ୱାମୀ ୨୨ ଜୁନ ୨୦୨୬ ରେ ଜଡାମୁଣ୍ଡା ମଣ୍ଡିରେ ଗଚ୍ଛିତ ଧାନ ସଂଗ୍ରହ ଦାବି କରି ସିଏସଓ ଅଫିସ ଘେରାଉରେ ଯୋଗଦେବା ପାଇଁ ନୂଆପଡା ଯାଇଥିଲେ । ଯେଉଁଠାରେ ତାଙ୍କ ଧାନ ଗତ ୨୦ ଦିନ ଧରି ପଡ଼ି ରହିଥିଲା । ନିକଟସ୍ଥ ଫାର୍ମହାଉସକୁ ଯାଇ ସେଠାରେ ରଖାଯାଇଥିବା କୀଟନାଶକ ଖାଇଲେ, ତାଙ୍କ ବାସଭବନକୁ ଫେରି ଆସିଲେ ଏବଂ ଅଗଣାରେ ପଡ଼ିଗଲେ । ନେପାଳ ମାଝୀଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନା (ଡିଏଚ୍ଏଚ୍), ନୂଆପଡାକୁ ନିଆଯାଇଥିଲା । ଚିକିତ୍ସା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା । ତଥ୍ୟ ଅନୁସନ୍ଧାନକାରୀ ଦଳ ନୂଆପଡାର ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଭେଟି ଚାଷୀ ନେପାଳ ମାଝୀଙ୍କ ଆତ୍ମହତ୍ୟା ମୃତ୍ୟୁ ସମ୍ପର୍କରେ ତାଙ୍କୁ ଅବଗତ କରାଇଥିଲେ ଏବଂ ଘଟଣାର ତଦନ୍ତ ସମ୍ପର୍କରେ ସୂଚନା ମାଗିଥିଲେ । ତଥ୍ୟ ଅନୁଧ୍ୟାନ କମିଟିର ଅଧ୍ୟକ୍ଷ ବିଧାୟକ ଶ୍ରୀ ଖିଲଙ୍କ ସହ ସଦସ୍ୟ ପୂର୍ବତନ ବିଧାୟକ ସାଧୁ ନେପାକ, ଭାରତ ବେମାଲ, ଜିଲ୍ଲା ସଭାପତି ଘାସିରାମ ମାଝୀ, ଫକୀର ଜଗତ, କମଲ ତାଣ୍ଡି, ଭରତଲାଲ ରାଉତ, ରତି ମଙ୍ଗରାଜ, ଅଭିଜିତ ସିଂ ପ୍ରମୁଖ ଉପସ୍ଥିତ ଥିଲେ ।

### ଯକ୍ଷ୍ମା ମୁକ୍ତ ଜିଲ୍ଲା ପ୍ରୟାସ

## ତେଜସ ହସ୍ପିଟାଲ ପକ୍ଷରୁ ପୃଷ୍ଟିକର ଖାଦ୍ୟ ବଣ୍ଟନ




କଟକ, (ସ୍ୱପ୍ର) : ଦେଶ ତଥା ରାଜ୍ୟକୁ ଯକ୍ଷ୍ମା (ଟିବି) ମୁକ୍ତ କରିବା ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ଘୋଷିତ ନିଶ୍ଚୟ ପୋଷଣ ଯୋଜନା (ଏନ.ପି.ଓ୍ୱାଇ)ମାଧ୍ୟମରେ ଆରମ୍ଭ ହୋଇଛି ପ୍ରୟାସ । ଏହି କ୍ରମରେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଛି ପଦକ୍ଷେପ । ଏଥିରେ କଟକ ଜିଲ୍ଲାକୁ ଯକ୍ଷ୍ମା ମୁକ୍ତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ପଦକ୍ଷେପ ସ୍ୱରୂପ ଘରୋଇ ହସ୍ପିଟାଲକୁ କିଛି କିଛି ଦାୟିତ୍ୱ ଦେଇଛନ୍ତି । ସେହି ହସ୍ପିଟାଲ ମାନଙ୍କ ମଧ୍ୟରେ ସ୍ଥାନୀୟ ରାଣୀହାଟ କେନାଲ ରୋଡରେ ଥିବା ତେଜସ ହସ୍ପିଟାଲ ବିଗତ ୩ ମାସ ଧରି ଯକ୍ଷ୍ମା ରୋଗୀମାନଙ୍କୁ ପୃଷ୍ଟିକର ଖାଦ୍ୟ ବଣ୍ଟନ କରୁଛି । ଏହି ହସ୍ପିଟାଲ ପକ୍ଷରୁ ପୁରା ମାସକ ପାଇଁ ରୋଗୀ ପିଛା ଅଟା, ହରଡ଼ ଡାଲି, ସୋୟାବିନ, ବାଦାମ, ତେଲ ଆଦି ପୃଷ୍ଟିକର ଖାଦ୍ୟ ବଣ୍ଟନ କରାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏହି କାର୍ଯ୍ୟକ୍ରମ ଅତି କମ୍‌ରେ ୬ ମାସ ପର୍ଯ୍ୟନ୍ତ ଚାଲିବ ବୋଲି ହସ୍ପିଟାଲର ଚେୟାରମ୍ୟାନ ସ୍ମୃତିଲତା ରାୟ କହିଛନ୍ତି । ତାଙ୍କ କହିବା କଥା ଆମର ଏହା ଏକ ଛୋଟ ହସ୍ପିଟାଲ ହେଲେବି ଆମ୍ଭେ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଅଭିଯାନରେ ସାମିଲ ହୋଇଛୁ । ସମସ୍ତ ଘରୋଇ ହସ୍ପିଟାଲ ଏହି ଯକ୍ଷ୍ମା ମୁକ୍ତ ଅଭିଯାନରେ ସାମିଲ ହେଲେ ପ୍ରଧାନମନ୍ତ୍ରୀ ଆରମ୍ଭ କରିଥିବା ପ୍ରୟାସ ନିଶ୍ଚିତ ଫଳପ୍ରଦ ହେବ ବୋଲି କହିଛନ୍ତି ।

### ବିଛାଖଣ୍ଡି ବିଏସ୍‌କ୍ୟୁ-୧୧ ପଥର ଖଣିରେ ବେଆଇନ ଖନନ ଓ ଦୁର୍ଘଟଣା ପ୍ରସଙ୍ଗ

# ଏନ୍‌ଏଚ୍‌ଆର୍‌ସିଙ୍କ କଡା ଆଭିମୁଖ୍ୟ : ଦୁଇ ସପ୍ତାହ ମଧ୍ୟରେ ଆକ୍ସନ ଟେକେନ ରିପୋର୍ଟ ଦିଅ

ଚଣ୍ଡିଖୋଲ(ସବ୍ୟୁ) ଯାଜପୁର ଜିଲ୍ଲାର ଧର୍ମଶାଳା ତହସିଲ ତଥା ଜେନାପୁର ଥାନା ଅଞ୍ଚଳରେ ଚାଲିଥିବା ଶହଶହ କୋଟି ଟଙ୍କାର କଳାପଥର ଚୋରି ଘଟଣା ଏବେ ଭିନ୍ନ ମୋଡ ନେଇଛି। ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡର ବିଏସକ୍ୟୁ-୧୧ ନମ୍ବର ନିଶିଦ୍ଧ କଳାପଥର ଖଣିରୁ ପଥର ଚୋରି ବେଳେ ଚଳିତ ଜୁନ ମାସ ୬ ତାରିଖ ଦିନ ଘଟିଥିବା ବଡ ଧରଣର ଦୁର୍ଘଟଣା ଓ ନିରିହ ଶ୍ରମିକ ମାନେ ଗୁରୁତର ହେବା ଘଟଣାରେ ପ୍ରଶାସନିକ ଅବହେଳାକୁ ନେଇ ଜାତୀୟ ମାନବାଧିକାର କମିଶନରେ ମାମଲା ଦାୟର ହୋଇଛି। ଜାତୀୟ ମାନବାଧିକାର କମିଶନରଙ୍କ ଇଜିଲାସରେ ଏହି ଘଟଣାକୁ ନେଇ ଜୁନ ୨୨ ତାରିଖରେ ମାମଲା ଦାୟର ହୋଇଛି । ଅଭିଯୋଗ ପାଇବା ପରେ ତତ୍ କ୍ଷଣାତ କମିଶନର ମାମଲାକୁ ୬୧୬/୧୮/୨୪/୨୦୨୬ ନମ୍ବରରେ ପଞ୍ଜିକୃତ କରି ଚଳିତ ଜୁନ ମାସ ୨୯ ତାରିଖରେ ଏହାର ସୁଣାଣି କରିଛନ୍ତି। ଏହି ଘଟଣାକୁ ନେଇ ଖବର କାଗଜରେ ବାହାରିଥିବା ତଥ୍ୟ ଭିତିକ ଖବରକୁ ଆଧାରକରି ଜନୈକ ମନୋଜକୁମାର ଜେନା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା ଦାୟର କରି କାର୍ଯ୍ୟାନୁଷ୍ଠାନ ପାଇଁ କମିଶନଙ୍କ ହସ୍ତକ୍ଷେପ ଲୋଡିଥିଲେ। ଘଟଣାର ଗଭୀରତାକୁ ନେଇ ମାମଲାର ସୁଣାଣି ସମୟରେ କମିଶନ ଏହି ଘଟଣାରେ ଗୁରୁତର ମାନବାଧିକାର ଉଲଂଘନ ହୋଇଥିବା ଜାଣିପାରି ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିବା ସହିତ ଏହି ଘଟଣାକୁ ଧର୍ତ୍ତବ୍ୟ ଅପରାଧ ଭାବେ ବିବେଚନା କରିଛନ୍ତି। ଏହି ଘଟଣାରେ ପକ୍ଷଭୁକ୍ତ ହୋଇଥିବା ଯାଜପୁର ଜିଲ୍ଲା ମାଜିଷ୍ଟ୍ରେଟ ତଥା ଜିଲ୍ଲାପାଳ ଓ ଯାଜପୁର ଏସପି ଇତିମଧ୍ୟରେ ଘଟଣା ଉପରେ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ୧୫ ଦିନ ମଧ୍ୟରେ ତାହାର ଆକ୍ସନ ଟେକେନ ରିପୋଟ ପ୍ରଦାନ କରିବାକୁ ଜୁନ ୨୯ ତାରିଖରେ ନିର୍ଦ୍ଦେଶ ଦେଇଛନ୍ତି। ବିଛାଖଣ୍ଡି ଖଣିରେ ପଥର ଚୋରି ମାମଲା ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ପହଞ୍ଚିବା ପରେ ଏବେ ପଥର ଚୋର ଓ ତାଙ୍କୁ ସହାୟତା କରୁଥିବା କୋଟେରି ଗୋଷ୍ଠୀଙ୍କ ନିଦ ହଜାଇ ଦେଇଛି ।ବିବରଣୀ ଅନୁଯାଇ ଯାଜପୁର ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ଅଧିନରେ ଥିବା ଧର୍ମଶାଳା ତହସିଲ ଓ ଜେନାପୁର ଥାନା ଅନ୍ତର୍ଗତ ବିଛାଖଣ୍ଡି ପାହାଡର ଏହି ବିଏସକ୍ୟୁ ୧୧ ନମ୍ବର ଖଣିରୁ କଳାପଥର ଚୋରି ବେଳେ ଜୁନ ୬ତାରିଖ ଶନିବାର ଦିନ ବଡଧରଣର ଦୁର୍ଘଟଣା ଘଟିଥିଲା। ପଥର ଚୋରି ପାଇଁ ଏହି ବେଆଇନ ଓ ନିଶିଦ୍ଧ



ଖଣିରେ କମ୍ପରେସର ଡ୍ରିଲିଂ ଚାଲିଥିଲା ବେଳେ ପଥରଖଣ୍ଡ ସହ ମେସିନ ପାହାଡର ପ୍ରାୟ ୬୦ ଫୁଟ ତଳକୁ ଖସି ପଡିବାରୁ କେତେକ ଶ୍ରମିକ ପଥରଖଣ୍ଡ ଓ ମେସିନତଳେ ଚାପିହୋଇ ଯାଇଥିଲେ। ଘଟଣାକୁ ଲୁଚାଇ ଦେବା ପାଇଁ ଉକ୍ତ ଖଣିରେ ବେଆଇନ ଖନନ କରୁଥିବା ପଥର ଚୋରମାନେ ପଥର ତଳେ ରହିଥିବା ଶ୍ରମିକ ମାନଙ୍କୁ ଓ ମେସିନକୁ ଘଟଣା ସ୍ଥଳରୁ ଅନ୍ୟତ୍ର ହଟାଇ ଦେଇଥିଲେ। ତେବେ ଦୁର୍ଘଟଣା ଘଟିବା ବେଳେ ଏହି ଖଣିରେ ତିନିଜଣ ଶ୍ରମିକ ଥିବା କାମ କରୁଥିବା ବାହାରେ ପ୍ରଘଟ ହୋଇଥିଲା । ଘଟଣା ପରଦିନ ଦୁଇଜଣ ଶ୍ରମିକ ଜେନାପୁର ଥାନା ବାଘୁଆବେଣା ଗ୍ରାମର ବୀର ବେହେରା ଓ ଅନ୍ୟଜଣେ ଢେଙ୍କାନାଳ ଜିଲ୍ଲା ନିହଲପ୍ରସାଦ ଥାନା ବାଲିକିଆରି ଗ୍ରାମର ଚନ୍ଦନ ତପନଙ୍କୁ ସଙ୍କଟାପନ୍ନ ଅବସ୍ଥାରେ କଟକର ଏକ ଘରୋଇ ହସପିଟାଲରୁ ଠାବ କରାଯାଇଥିଲା। ହେଲେ ଆଲୋଚନା ହେଉଥିବା ଆଉ ଜଣେ ଶ୍ରମିକର ପତ୍ତା ମିଳିନଥିଲା। ସେହି ଶ୍ରମିକ ଜଣକ ଏବେ କେଉଁଠି ,ସେ ମୃତ ନା ଜୀବିତ ତାହା ମଧ୍ୟ ଏବେ ସୁଦ୍ଧା ପୋଲିସ ସ୍ପଷ୍ଟ କରିପାରି ନାହିଁ। ଅପରପକ୍ଷରେ ଏହି ଘଟଣାରେ ସଂପୃକ୍ତ ପଥର ମାଫିଆ,ବେଆଇନ ଖଣି ଖନନ ଓ କଳାପଥର ଚୋରି ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲ୍ଲା ଲଘୁ ଖଣି ଅଧିକାରୀଙ୍କ ପକ୍ଷରୁ ଜେନାପୁର ଥାନା ଅଧିକାରିଣୀଙ୍କୁ ଚିଠି ଲେଖା ଯାଇଥିଲେ ମଧ୍ୟ ତହା ଉପରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବାଲା । ପଥର ଚୋରଙ୍କ ଉତ୍ପାତ ଓ ଏହି ସ୍ୱର୍ଶକାତର ଘଟଣିକୁ ନେଇ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇ ଯାଇଥିଲେ ମଧ୍ୟ ମାଫିଆଙ୍କ ପକ୍ଷନେଇ ପୋଲିସ ପ୍ରଶାସନ ଘଟଣାକୁ ଚାପି ଦେବାକୁ ଯୋଜନା କରିଥିବା ଅଭିଯୋଗ ହୋଇଥିଲା ।କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ସଂପୃକ୍ତ ପଥର ଚୋରମାନେ ବାହାରେ ଛାତିଫୁଲାଇ ବୁଲିବା ସହ ପୁଣି ନିଶିଦ୍ଧ ସ୍ଥାନରୁ ପଥର ଚୋରିରେ ମାତିଥିବା ଜଣା ପଡିଥିଲା। ତେବେ ଯେଉଁ ବିଏସକ୍ୟୁ-୧୧ ଖଣିରେ ଦୁର୍ଘଟଣା ଘଟିଥିଲା ସେହି ଖଣିଟି ଜନୈକ ଶୈଳବାଳା ରାଉତଙ୍କୁ ଲିଜ ପ୍ରଦାନ କରାଯାଇଥିଲେ ମଧ୍ୟ ତାଙ୍କୁ ଖଣି ଖନନ ପାଇଁ ଅନୁମତି ଦିଆଯାଇ ନଥିଲା। ଫଳରେ ସଂପୃକ୍ତ ଲିଜଧାରୀ ଖଣି ଖନନ ନକରି ହାଇକୋର୍ଟଙ୍କ ଦ୍ୱାରସ୍ତ ହୋଇଥିଲେ। ହାଇକୋର୍ଟରେ ମାମଲା ବିଚାରାଧୀନ ଥିବା ବେଳେ ସ୍ଥାନୀୟ ଅଞ୍ଚଳର ଜଣେ ସରପଞ୍ଚଙ୍କ ଭାଇ ଯାଡୁଆ ସେଠୀ ଏହି ଖଣିରେ ବେଆଇନ ଡେନାମାଇଟ ବିସ୍ଫୋରଣ କରି କୋଟି କୋଟି ଟଙ୍କାର ପଥର ଚୋରି କରୁଥିବା ବେଳେ ସେହି ଖଣିରେ ସ୍ଥାନୀୟ ଗଣେଶ ବାରିକ ନାମକ ଜନୈକ ବ୍ୟକ୍ତିଙ୍କ କମ୍ପରେସର ମେସିନ ପଥର ଚୋରିରେ ନିୟୋଜିତ ଥିବା ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡି ଥିଲା। ସବୁକିଛି ଜାଣି ମଧ୍ୟ ପୋଲିସ ଓ ପ୍ରଶାସନ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଚୁପହୋଇ ବସିଥିଲେ। ଏତେବଡ ଅପରାଧିକ ଘଟଣା ଓ ଗୁରୁତର ମାନବାଧିକାର ଉଲଂଘନ ସତ୍ତ୍ୱେ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନହେବାରୁ ଅଭିଯୋଗକାରୀ ମନୋଜକୁମାର ଜେନା ଜାତୀୟ ମାନବାଧିକାର କମିଶନଙ୍କ ଇଜିଲାସରେ ଏହି ମାମଲା ଦିୟର କରି କମିନଶନରଙ୍କ ହସ୍ତକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାର୍ଥନା କରିଛନ୍ତି।

## ଟିଏମସି ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

# ମମତାଙ୍କ ଅପିଲ ହାଇକୋର୍ଟରେ ଖାରଜ

କୋଲକାତା : ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ତୃଣମୂଳ କଂଗ୍ରେସ ପକ୍ଷରୁ ଏହାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିବା ବିରୋଧରେ ଦାୟର କରାଯାଇଥିବା ଏକ ଆବେଦନର ତୁରନ୍ତ ଶୁଣାଣିକୁ ମଙ୍ଗଳବାର କୋଲକାତା ହାଇକୋର୍ଟ ମନା କରିଦେଇଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ଅଭିଯୋଗ ପରେ ପାଣ୍ଠିର ଉତ୍ସ ତଦନ୍ତ ପାଇଁ କର୍ତ୍ତୃପକ୍ଷ ତିନୋଟି ଟିଏମସି ବ୍ୟାଙ୍କ ଆକାଉଣ୍ଟ ଉପରେ ଡେବିଟ୍ ଫ୍ରିଜ୍ ଲଗାଇଥିଲେ। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଟିଏମସି ଗୋଷ୍ଠୀର ଆବେଦନର ଶୁଣାଣିକୁ ପ୍ରାଧାନ୍ୟ ଦେବାକୁ ମନା କରି ଜଷ୍ଟିସ୍ ସୌଗତ ଭଟ୍ଟାଚାର୍ଯ୍ୟ କହିଛନ୍ତି ଯେ, ତାଲିକାଭୁକ୍ତ କ୍ରମାନୁସାରେ ମାମଲା ଶୁଣାଣି ପାଇଁ ଆସିବ। ମମତା



ବାନାର୍ଜୀଙ୍କ ନେତୃତ୍ୱାଧୀନ ଗୋଷ୍ଠୀର ଆଇନଜୀବୀ କିଶୋର ଦତ୍ତା କୋର୍ଟଙ୍କୁ ସୂଚନା ଦେଇଥିଲେ ଯେ, ଦଳର ତିନୋଟି ବ୍ୟାଙ୍କ ଆକାଉଣ୍ଟକୁ ଡେବିଟ୍ ଫ୍ରିଜ୍ କରାଯାଇଛି, ଏହି ଆକାଉଣ୍ଟଗୁଡ଼ିକରୁ ସମସ୍ତ ବାହ୍ୟ କାରବାରକୁ ଅବରୋଧ କରାଯାଇଛି, ଏବଂ ଏହି ମାମଲାର ତୁରନ୍ତ ଶୁଣାଣି କରିବାକୁ ସେ ଅନୁରୋଧ କରିଥିଲେ। ତେବେ କୋର୍ଟ ତୁରନ୍ତ ଶୁଣାଣି ଆବେଦନକୁ ଖାରଜ କରିଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୪୪୦ କୋଟି ଟଙ୍କା ରଖିଥିବା ତୃଣମୂଳ କଂଗ୍ରେସର ତିନୋଟି ବ୍ୟାଙ୍କ ଆକାଉଣ୍ଟର ଡେବିଟ୍ କାର୍ଯ୍ୟକୁ ଫ୍ରିଜ୍ କରାଯାଇଛି। ବିଦ୍ରୋହୀ ନେତା ରୀତାବ୍ରତ ବାନାର୍ଜୀଙ୍କ ସହ ମିଳିତ କିଛି ବିଧାୟକ ବିଧାନନଗର ପୁଲିସ କମିସନରେଟ ଅଧୀନରେ ଥିବା ସାଇବର କ୍ରାଇମ୍ ପୁଲିସ ଷ୍ଟେସନରେ ଅଭିଯୋଗ କରିବା ପରେ ଏହାକୁ ଫ୍ରିଜ୍ କରାଯାଇଥିଲା। ଏହି ଅଭିଯୋଗରେ ଏକ ଏଫଆଇଆର ରୁଜୁ ଏବଂ ଆକାଉଣ୍ଟଗୁଡ଼ିକର ବିସ୍ତୃତ ତଦନ୍ତ ଦାବି କରାଯାଇଛି। ବିଧାୟକମାନେ ଆକାଉଣ୍ଟଗୁଡ଼ିକରେ ଜମା ହୋଇଥିବା ପାଣ୍ଠିର ଉତ୍ସ ଉପରେ ପ୍ରଶ୍ନ ଉଠାଇଥିଲେ ଏବଂ କାରବାରର ତଦନ୍ତ କରିବାକୁ ଦାବି କରିଥିଲେ। ବିଧାୟକମାନେ ତଦନ୍ତକାରୀଙ୍କୁ ଏହା ନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ ଯେ, ଏହି ପାଣ୍ଠି ଆଇନଗତଉତ୍ସରୁ ଆସିଛି ନା କଥିତ ବେଆଇନ କାର୍ଯ୍ୟକଳାପରୁ ଆସିଛି। ସେମାନେ ସନ୍ଦେହଜନକ କଟ-ମନି ସଂଗ୍ରହ, ଜନସାଧାରଣଙ୍କ ପାଇଁ ଆସିଥିବା ପାଣ୍ଠିର ଅନ୍ୟତ୍ର ବ୍ୟବହାର ଏବଂ ଘୋଟାଲାରୁ ଆୟ ସମ୍ପର୍କରେ ତଦନ୍ତ କରିବାକୁ ଦାବି କରିଛନ୍ତି।

## ହଳଦିଆ ନାଫଥା ପାଇପ ଲାଇନରେ ଅଗ୍ନିକାଣ୍ଡ : ୨୦ରୁ ଅଧିକ ଆହତ, ୫ ଗୁରୁତର

କୋଲକାତା : ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର ହଳଦିଆ ପେଟ୍ରୋକେମିକାଲ୍ସ କାରଖାନାର ନାଫଥା ପାଇପ ଲାଇନରେ ମଙ୍ଗଳବାର ଭୋର ସମୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ଆହତମାନଙ୍କ ମଧ୍ୟରେ କାରଖାନାର କର୍ମଚାରୀ, ସୁରକ୍ଷାକର୍ମୀ ଓ ସ୍ଥାନୀୟ ବାସିନ୍ଦା ଅଛନ୍ତି।ସୂଚନା ଅନୁସାରେ, ରାତି ପ୍ରାୟ୨ଟା ୪୫ ମିନିଟ୍ ସମୟରେ ପାଇପଲାଇନରେ ନିଆଁ ଲାଗିଥିଲା। ନାଫଥା ଅତ୍ୟଧିକ ଜ୍ୱଳନଶୀଳ ଥିବାରୁ ନିଆଁ ଦ୍ରୁତ ଗତିରେ ବ୍ୟାପି ନିକଟସ୍ଥ ହଳଦିଆ ପୌରସଂସ୍ଥାର ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଚିରଞ୍ଜୀବପୁର ଅଞ୍ଚଳରେ ପହଞ୍ଚିଥିଲା। ଏଥିରେ ଅନେକ ଘର କ୍ଷତିଗ୍ରସ୍ତ ହେବା ସହ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଥିଲା। ଦୁର୍ଘଟଣାସ୍ଥଳରୁ କଳା ଧୂଆଁର ବିରାଟ କୁଣ୍ଡଳୀ ଆକାଶକୁ ଉଠୁଥିବା ଦେଖାଯାଇଥିଲା। ଖବର ପାଇବା ପରେ ଦମକଳ ବିଭାଗ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ୧୨ରୁ ଅଧିକ ଦମକଳ ଗାଡ଼ି ନିଆଁ ଲିଭାଇବା କାମରେ ନିୟୋଜିତ ହୋଇଥିଲେ। ଦୀର୍ଘ ସମୟର ଉଦ୍ୟମ ପରେ ନିଆଁକୁ ନିୟନ୍ତ୍ରଣକୁ ଅଣାଯାଇଥିଲା। ଆହତମାନଙ୍କୁ ପ୍ରଥମେ ହଳଦିଆ ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ପ୍ରାୟ ୧୦ ଜଣଙ୍କୁ ଉନ୍ନତ ଚିକିତ୍ସା ପାଇଁ କୋଲକାତାର ଏସ୍ଏସ୍କେଏମ୍ ହସ୍ପିଟାଲ, ଏନ୍ଆର୍ଏସ୍ ମେଡିକାଲ୍ କଲେଜ୍ ଓ ଅନ୍ୟ ଦୁଇଟି ବେସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଆହତ ୫ ଜଣଙ୍କ ଚିକିତ୍ସା ଉପରେ ଡାକ୍ତରମାନେ ନଜର ରଖିଛନ୍ତି।ଅଗ୍ନିକାଣ୍ଡରେ ନିକଟସ୍ଥ ରେଳ ଲାଇନ୍ର ଉପରିଭାଗ ବିଦ୍ୟୁତ୍ ଉପକରଣ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବାରୁ କିଛି ସମୟ ପାଇଁ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଏହାର ପ୍ରଭାବରେ ହଳଦିଆ-ହାଓଡ଼ା ରୁଟ୍ରେ ଟ୍ରେନ୍ ଚଳାଚଳ ବ୍ୟାହତ ହୋଇଥିଲା। ପୁଲିସ ଓ ହଳଦିଆ ପେଟ୍ରୋକେମିକାଲ୍ସ କର୍ତ୍ତୃପକ୍ଷ କହିଛନ୍ତି ଯେ, ଘଟଣାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପରିସ୍ଥିତି ସମ୍ପୂର୍ଣ୍ଣ ସୁରକ୍ଷିତ ହେବା ପରେ ବିସ୍ତୃତ ତଦନ୍ତ କରାଯିବ।

## ୟୁପିଆଇରେ ଯୋଡ଼ିହେଲା ଗ୍ରୀସ୍

ନୂଆଦିଲ୍ଲୀ : ଭାରତର ୟୁପିଆଇ( ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ) ସେବା ଗ୍ରୀସରେ ଆରମ୍ଭ ହୋଇଛି। ଏଥେନ୍ସସ୍ଥିତ ୟୁରୋବ୍ୟାଙ୍କ ମୁଖ୍ୟାଳୟରେ ୟୁରୋ ବ୍ୟାଙ୍କ ଓ ଏନ୍ପିସିଆଇ ଇଣ୍ଟରନ୍ୟାସନାଲ ପେମେଣ୍ଟସ ଲିମିଟେଡ (ଏନ୍ଆଇପିଏଲ୍) ସହଭାଗିତାରେ



ଉକ୍ତ ସେବା ଆରମ୍ଭ କରାଯାଇଛି। ଗ୍ରୀସ ଗସ୍ତ ଅବସରରେ ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୂଷ ଗୋୟଲ ଏହି ସେବାର ଉନ୍ମୋଚନ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ୟୁରୋବ୍ୟାଙ୍କ ସିଇଓ ଫୋକିନ କାରାବିୟାସ ଓ ଫେୟାରଫ୍ୟାକ୍ସ ଡିଜିଟାଲ ସର୍ଭିସେସର ସିଇଓ ସଞ୍ଜୟ ତଗନେଟ୍ ଯୋଗ ଦେଇଥିଲେ। ବିଶ୍ୱରେ ୟୁପିଆଇର ଗ୍ରହଣୀୟତା ବଢ଼ୁଛି। ବିଶେଷକରି ଭାରତର ପ୍ରଯୁକ୍ତି ଆଧାରିତ ସେବା ଉପରେ ଅନ୍ତର୍ଜାତୀୟ ସ୍ତରରେ ଆସ୍ଥା ବଢ଼ୁଛି ବୋଲି ବାଣିଜ୍ୟ ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି। ଗ୍ରୀସରେ ଏହି ସୁବିଧା ଉପଲବ୍ଧ ହେବା ଦ୍ୱାରା ଯୋଗ୍ୟ ଗ୍ରାହକମାନେ ତୁରନ୍ତ ନିରାପଦ ଓ ଆରାମରେ ପେମେଣ୍ଟ କରିପାରିବେ। ପାରମ୍ପରିକ ଉପାୟରେ ହେଉଥିବା ଅର୍ଥ ସ୍ଥାନାନ୍ତର ତୁଳନାରେ ଏଥିରେ ଖର୍ଚ୍ଚ ବହୁମାତ୍ରାରେ ହ୍ରାସ ପାଇବ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ସିଙ୍ଗାପୁର, ସଂଯୁକ୍ତ ଆରବ ଏମିରେଟ୍ସ, ଫ୍ରାନ୍ସ, ମରିସସ, ନେପାଳ, ଭୁଟାନ, କତର, ଶ୍ରୀଲଙ୍କା ଏବଂ କାମ୍ବୋଡ଼ିଆରେ ୟୁପିଆଇ ସେବା ଉପଲବ୍ଧ କରାଯାଇଛି। ଫଳରେ ଏସବୁ ଦେଶକୁ ଗସ୍ତ କରୁଥିବା ଭାରତୀୟମାନେ ସୁବିଧାରେ ପେମେଣ୍ଟ କରିପାରୁଛନ୍ତି।

### • ଭେନେଜୁଏଲା ଭୂକମ୍ପ

## ଧ୍ୱଂସାବଶେଷ ତଳେ ଜୀବନ ଖୋଜୁଛନ୍ତି ଉଦ୍ଧାରକାରୀ ଦଳ

କାରାକାସ୍: ଭେନେଜୁଏଲାରେ ଗତ ସପ୍ତାହରେ ହୋଇଥିବା ପ୍ରଳୟଙ୍କରୀ ଭୂକମ୍ପ ପରେ ସ୍ଥିତି ଅତି ସଂଗୀନ ହୋଇପଡ଼ିଛି। ସରକାରୀ ସୂଚନା ଅନୁଯାୟୀ, ମୃତ୍ୟୁସଂଖ୍ୟା ୧,୭୦୦ ଅତିକ୍ରମ କରିଥିବା ବେଳେ ବର୍ତ୍ତମାନ ଧ୍ୱଂସାବଶେଷ ତଳୁ ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିବାର ସମୟ ଦ୍ରୁତ ଗତିରେ କମିବାରେ ଲାଗିଛି। ଏହା ମଧ୍ୟରେ ସୋମବାର ଅନୁଭୂତ ହୋଇଥିବା ୪.୬ ରୁ ୫.୧ ତୀବ୍ରତାର ଭୂକମ୍ପ ପରବର୍ତ୍ତୀ ଝଟକା ବିପର୍ଯ୍ୟସ୍ତ ଅଞ୍ଚଳରେ ଭୟର ବାତାବରଣକୁ ଆହୁରି ବଢ଼ାଇ ଦେଇଛି। ହଜାର ହଜାର ଲୋକ ବାସହରା ହୋଇ ରହିଥିବା ବେଳେ ଏକ ବଡ଼ ଧରଣର ମାନବୀୟ ସଙ୍କଟ ସୃଷ୍ଟି ହୋଇଛି, ଯାହା ବର୍ଷ ବର୍ଷ ଧରି ଲାଗିରହିପାରେ ବୋଲି ସହାୟତା ଗୋଷ୍ଠୀଗୁଡ଼ିକ ଚେତାବନୀ ଦେଇଛନ୍ତି। ଆମେରିକୀୟ ମହାକାଶ ସଂସ୍ଥା 'ନାସା' ଏବଂ ୟୁରୋପୀୟ ସ୍ପେସ୍ ଏଜେନ୍ସିର ସାଟେଲାଇଟ୍ ଚିତ୍ର ଆଧାରରେ ପ୍ରସ୍ତୁତ ଆକଳନ ଅନୁଯାୟୀ, ପ୍ରାୟ ୫୮,୮୭୦ଟି କୋଠା ଭୁଶୁଡ଼ି ଯାଇଛି କିମ୍ବା କ୍ଷତିଗ୍ରସ୍ତ ହୋଇଛି। ଜାତିସଂଘ ଚେତାବନୀ ଦେଇଛି ଯେ ଦେଶର ପ୍ରାୟ ୬୮ ଲକ୍ଷ ଲୋକ ଏହି ବିପର୍ଯ୍ୟୟ ଯୋଗୁଁ ଜଳ ଓ



ବିଦ୍ୟୁତ ସେବାରୁ ବଞ୍ଚିତ ହୋଇଛନ୍ତି। ଅତି ଜଟିଳ ପରିସ୍ଥିତି ଏବଂ ସରକାରୀ ଉଦ୍ଧାରକାରୀ ଦଳ ପହଞ୍ଚିବାରେ ବିଳମ୍ବ ଯୋଗୁଁ ସ୍ଥାନୀୟ ଲୋକେ ନିଜେ ଜୀବନ ବଞ୍ଚାଇବାକୁ ସଂଘର୍ଷ କରୁଛନ୍ତି। ନ୍ୟୁୟର୍କରୁ ନିକଟରେ ସ୍ୱଦେଶ ଫେରିଥିବା ଜିନ୍ ସୋସା ନାମକ ଜଣେ ଶ୍ରମିକ ନିଜର ପୁରୁଣା ଖଣି ଖନନ ଉପକରଣ ସାହାଯ୍ୟରେ ଏକାକୀ ୨୦ ଜଣ ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିଛନ୍ତି। ସେ ଗଣମାଧ୍ୟମକୁ କହିଛନ୍ତି ଯେ ଲୋକେ ବିନା ଗ୍ଲୋଭ୍ସ ଓ ବିନା କୌଣସି ଆଧୁନିକ ସରଞ୍ଜାମରେ ଧ୍ୱଂସାବଶେଷ ହଟାଇବା ପାଇଁ ମାନବିକତା ଆଧାରରେ କାମ କରୁଛନ୍ତି। ତାଙ୍କ ମତରେ ସଠିକ୍ ସମୟରେ ପ୍ରଶାସନିକ ସହାୟତା ମିଳିଥିଲେ ଅନେକ ଜୀବନ ବଞ୍ଚିପାରିଥାନ୍ତା। ଏହି ସଙ୍କଟ ସମୟରେ ଆମେରିକା ସରକାର ନିଜର ୩୦୦ ଜଣିଆ ବିଶେଷଜ୍ଞ ଦଳ ସହ ଦୈନିକ ଦୁଇ ଡଜନରୁ ଅଧିକ ସି-୧୭ ସାମରିକ ବିମାନ ଯୋଗେ ରିଲିଫ୍ ସାମଗ୍ରୀ ପଠାଉଛି। ଆମେରିକା ଏପର୍ଯ୍ୟନ୍ତ ୩୦୦ ମିଲିୟନ ଡଲାରରୁ ଅଧିକ ଆର୍ଥିକ ସହାୟତା ପ୍ରଦାନ କରିଛି ଏବଂ କାରାକାସ୍ ଅନ୍ତର୍ଜାତୀୟ ବିମାନବନ୍ଦରର କ୍ଷତିଗ୍ରସ୍ତ ଏୟାର୍ ଟ୍ରାଫିକ୍ କଣ୍ଟ୍ରୋଲ୍ ଟାୱାର ସଜାଡ଼ିବାରେ ସାହାଯ୍ୟ କରୁଛି। ତେବେ ଏହା ସତ୍ତ୍ୱେ ଆମେରିକାରେ ଥିବା ଭେନେଜୁଏଲାର ଶରଣାର୍ଥୀମାନଙ୍କୁ ସେଠାକାର ଟ୍ରମ୍ପ ପ୍ରଶାସନ କୌଣସି ପ୍ରକାରର ମାନବୀୟ ସୁରକ୍ଷା କିମ୍ବା ଆଇନଗତ ଆଶ୍ରୟ ଦେବା ସମ୍ଭାବନା କମ୍ ବୋଲି ସୂଚନା ମିଳିଛି। ଭେନେଜୁଏଲାର ସାମ୍ବାଦିକ ସଂଘ ଅଭିଯୋଗ କରିଛି ଯେ, ଦେଶର ଯୋଗାଯୋଗ ମନ୍ତ୍ରଣାଳୟ ବିଦେଶୀ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ପ୍ରଭାବିତ ଅଞ୍ଚଳକୁ ଯିବାକୁ ବାରଣ କରିଛି। ଉଦ୍ଧାର କାର୍ଯ୍ୟରେ ବ୍ୟାଘାତ ନେଇ ଏହି କଟକଣା ଲଗାଯାଇଥିବା ସରକାର ସଫେଇ ଦେଇଛନ୍ତି। ମାତ୍ର ବାସ୍ତବ ସ୍ଥିତି ଲୁଚାଇବା ପାଇଁ ଏହା କରାଯାଉଛି ବୋଲି ଅଭିଯୋଗ ହେଉଛି। ମୋବାଇଲ୍ ସେବା ବିପର୍ଯ୍ୟସ୍ତ ଥିବାରୁ ଲୋକେ ନିଜର ନିଖୋଜ ସମ୍ପର୍କୀୟଙ୍କୁ ଖୋଜିବା ପାଇଁ ବେସରକାରୀ ଡିଜିଟାଲ୍ ଡାଟାବେସର ସାହାଯ୍ୟ ନେଉଛନ୍ତି, ଯେଉଁଥିରେ ଏବେ ସୁଦ୍ଧା ୫୦,୦୦୦ରୁ ଅଧିକ ନିଖୋଜଙ୍କ ନାମ ପଞ୍ଜିକୃତ ହୋଇସାରିଛି।

## ସିବିଡିଟି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ବଢ଼ିଲା

ନୂଆଦିଲ୍ଲୀ : କେନ୍ଦ୍ର ସରକାର କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଅଧ୍ୟକ୍ଷ ରବି ଅଗ୍ରୱାଲଙ୍କ କାର୍ଯ୍ୟକାଳ ୬ ମାସ ବଢ଼ାଇଛନ୍ତି।



୧୯୮୮ ବ୍ୟାଚର ଭାରତୀୟ ରାଜସ୍ୱ ସେବା ଅଧିକାରୀ ଶ୍ରୀ ଅଗ୍ରୱାଲଙ୍କର କାର୍ଯ୍ୟକାଳ ଆଜି ସରୁଥିଲା। କିନ୍ତୁ ତାହାକୁ ଚଳିତବର୍ଷ ଡିସେମ୍ବରକୁ ଘୁଞ୍ଚାଇ ଦିଆଯାଇଛି। ନିଯୁକ୍ତି ସଂକ୍ରାନ୍ତ କ୍ୟାବିନେଟ କମିଟି ତାଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ମଞ୍ଜୁରି ଦେଇଛି। ୨୦୨୪ ଜୁନରେ ତାଙ୍କୁ ବର୍ଷକ ପାଇଁ ପ୍ରଥମେ ଏହି ପଦରେ ନିଯୁକ୍ତ କରାଯାଇଥିଲା। ପରେ ୨୦୨୫ ଜୁନରେ ବର୍ଷେ ପାଇଁ କାର୍ଯ୍ୟକାଳ ବଢ଼ାଯାଇଥିବାବେଳେ ଏବେ ଏହାକୁ ଆଉ ୬ ମାସ ବୃଦ୍ଧି କରାଯାଇଛି।

### ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ

## ଜାତିସଂଘରେ ପାକିସ୍ତାନକୁ ଭାରତର ପରୋକ୍ଷ ଇଙ୍ଗିତ

ନୂଆଦିଲ୍ଲୀ : ଜାତିସଂଘରେ ଭାରତ କହିଛି ଯେ, ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ଉପରେ ନଜର ରଖୁଥିବା ଆନ୍ତର୍ଜାତିକ ସଂସ୍ଥା ଫାଇନାନ୍ସିଆଲ୍ ଆକ୍ସନ୍ ଟାସ୍କ ଫୋର୍ସ (ଏଫ୍ଏଟିଏଫ୍)ର ବିଶ୍ୱସନୀୟତାକୁ କେତେକ ଦେଶ ପ୍ରଶ୍ନ କରୁଛନ୍ତି। ଏହାର ପ୍ରକୃତ କାରଣ ହେଉଛି ଯାଞ୍ଚ ଓ ନିରୀକ୍ଷଣର ଭୟ। ଭାରତ ପରୋକ୍ଷ ଭାବେ ପାକିସ୍ତାନକୁ ଇଙ୍ଗିତ କରି କହିଛି, ଯେଉଁ ଦେଶଗୁଡ଼ିକ ନିଜ ଭୂଖଣ୍ଡ, ସଂସ୍ଥା କିମ୍ବା ଆର୍ଥିକ ବ୍ୟବସ୍ଥାକୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର ହେବାକୁ ଦେଉଛନ୍ତି, ସେମାନେ ଅନ୍ୟ ଦେଶରେ ଅସ୍ଥିରତା ସୃଷ୍ଟି ବନ୍ଦ କରି ଆନ୍ତର୍ଜାତିକ ଦାୟିତ୍ୱ ପାଳନ କରିବା ଉଚିତ।ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପର୍ବତାନେନୀ ହରିଶ 'ପରିବର୍ତ୍ତିତ ବିପଦ ଓ ନୂତନ ପ୍ରଯୁକ୍ତି ପରିପ୍ରେକ୍ଷୀରେ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣର ମୁକାବିଲା' ଶୀର୍ଷକ ଏକ କାର୍ଯ୍ୟକ୍ରମରେ ଏହି ମତ ରଖିଥିଲେ। ଭାରତ, ଫ୍ରାନ୍ସ, ଜାତିସଂଘର କାଉଣ୍ଟର ଟେରୋରିଜମ୍ କମିଟି ଏକ୍ଜିକ୍ୟୁଟିଭ୍ ଡିରେକ୍ଟୋରେଟ୍, ଜାତିସଂଘ କାଉଣ୍ଟର ଟେରୋରିଜମ୍ କାର୍ଯ୍ୟାଳୟ ଏବଂ ଗ୍ଲୋବାଲ୍ ଇଣ୍ଟରନେଟ୍ ଫୋରମ୍ ଟୁ କାଉଣ୍ଟର ଟେରୋରିଜମ୍ ମିଳିତ ଭାବେ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ।ହରିଶ କହିଥିଲେ, ଏଫ୍ଏଟିଏଫ୍ ବିଶ୍ୱସ୍ତରରେ ଆତଙ୍କବାଦୀଙ୍କ ଅର୍ଥ ଯୋଗାଣ ବିରୋଧୀ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ। ଏହାର କାର୍ଯ୍ୟ ପ୍ରମାଣଭିତ୍ତିକ, ପ୍ରଯୁକ୍ତିନିର୍ଭର ତଥା ଆନ୍ତର୍ଜାତିକ ମାନଦଣ୍ଡ ଉପରେ ଆଧାରିତ। ତେଣୁ ଏହାର ବିଶ୍ୱସନୀୟତାକୁ ନେଇ ସନ୍ଦେହ ସୃଷ୍ଟି କରିବା ପରିବର୍ତ୍ତେ, ଯେଉଁ ଦେଶ ବିରୋଧରେ ଆପତ୍ତି ଉଠିଛି ସେମାନେ ନିଜ ବ୍ୟବସ୍ଥାର ଦୁର୍ବଳତା ଦୂର କରିବା, ଆଇନ ପ୍ରୟୋଗକୁ ସୁଦୃଢ଼ କରିବା, ଆର୍ଥିକ ସ୍ୱଚ୍ଛତା ବଢ଼ାଇବା ଏବଂ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ବନ୍ଦ କରିବା ଦିଗରେ ଦୃଢ଼ ପଦକ୍ଷେପ ନେବା ଉଚିତ।ସେ କହିଥିଲେ, ଭାରତ ଦୀର୍ଘ ଦିନ ଧରି ସୀମାପାର ଆତଙ୍କବାଦର ସମ୍ମୁଖୀନ ହୋଇଆସୁଛି। ବର୍ତ୍ତମାନ ଡିଜିଟାଲ୍ ପ୍ରଯୁକ୍ତିର ବ୍ୟାପକ



ବ୍ୟବହାର ଯୋଗୁଁ ଆତଙ୍କବାଦୀଙ୍କ ଅର୍ଥ ଯୋଗାଣର ଉତ୍ସ, ପଦ୍ଧତି ଓ ମାଧ୍ୟମ ଅଧିକ ଜଟିଳ ହୋଇପଡ଼ିଛି। ଏହା ବିଶ୍ୱ ସମୁଦାୟ ପାଇଁ ଗମ୍ଭୀର ଚିନ୍ତାର ବିଷୟ। ଭାରତ ଏହି ଚ୍ୟାଲେଞ୍ଜକୁ ମୁକାବିଲା ପାଇଁ କେନ୍ଦ୍ରୀଭୂତ ଡିଜିଟାଲ୍ ବିନିମୟ ପ୍ଲାଟଫର୍ମ ଓ ବ୍ୟବହାରକାରୀଙ୍କ ପାଇଁ କଡ଼ା ଯାଞ୍ଚ ବ୍ୟବସ୍ଥା ଲାଗୁ କରିଛି। ଆତଙ୍କବାଦୀଙ୍କ ଅର୍ଥ ଯୋଗାଣକୁ ରୋକିବା ପାଇଁ ଭାରତ ନିଜ ଅଭିଜ୍ଞତା ଓ ଶ୍ରେଷ୍ଠ ପଦ୍ଧତିଗୁଡ଼ିକୁ ଏଫ୍ଏଟିଏଫ୍ ସହ ବାଣ୍ଟିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ।

## ଆଶାରାମଙ୍କୁ ମିଳିଲାନି ଜାମିନ

ନୂଆଦିଲ୍ଲୀ : ନାବାଳିକା ଦୁଷ୍କର୍ମ ମାମଲାରେ ସୁପ୍ରିମକୋର୍ଟ ଆଶାରାମଙ୍କୁ ଏକ ବଡ଼ ଝଟକା ଦେଇଛି। କୋର୍ଟ ରାୟ ଦେଇଛନ୍ତି ଯେ, ଆଶାରାମଙ୍କୁ ତୁରନ୍ତ ଜାମିନ ଦିଆଯାଇପାରିବ ନାହିଁ। ଆଶାରାମ ଜଣେ ପ୍ରଭାବଶାଳୀ ବ୍ୟକ୍ତି। ଆମେ ପ୍ରଥମେ ରାଜସ୍ଥାନ ସରକାରଙ୍କ ପକ୍ଷ ଶୁଣିବୁ। ତାଙ୍କ ଜାମିନ ଆବେଦନର ଶୁଣାଣି କରିବା ସମୟରେ ଆମକୁ ଏହାକୁ ବିଚାରକୁ ନେବାକୁ ପଡିବ। ଏନେଇ ସୁପ୍ରିମକୋର୍ଟ ରାଜସ୍ଥାନ ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଆଶାରାମଙ୍କ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟର ବିଚାରପତି ଏମ୍ଏମ୍ ସୁନ୍ଦରେଶ ଏବଂ ଶୀଳ ନାଗୁଙ୍କ ଖଣ୍ଡପୀଠ ତାଙ୍କ ଦଣ୍ଡାଦେଶକୁ ସ୍ଥଗିତ ରଖିବାକୁ ମନା କରିଦେଇଛନ୍ତି। ଆବେଦନକାରୀଙ୍କୁ ଜେଲ୍ରେ ଚିକିତ୍ସା ସେବା ଜାରି ରଖିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ତାଙ୍କର ସ୍ୱାସ୍ଥ୍ୟଗତ ସ୍ଥିତି ଗମ୍ଭୀର ହେବ ତେବେ ହିଁ ଜାମିନ ଉପରେ ବିଚାର କରାଯିବ। ଜଷ୍ଟିସ୍ ସୁନ୍ଦରେଶ କହିଛନ୍ତି, ଆମେ ଦଣ୍ଡାଦେଶକୁ ସ୍ଥଗିତ ରଖିବା ବିଷୟରେ ବିଚାର କରୁନାହୁଁ।

## ୟୁରୋପରେ ଭୟଙ୍କର ଗ୍ରୀଷ୍ମ ପ୍ରବାହ

ବର୍ଲିନ୍/ପ୍ୟାରିସ୍ : ବର୍ତ୍ତମାନ ସମଗ୍ର ୟୁରୋପ ମହାଦେଶ ଇତିହାସର ସବୁଠାରୁ ଭୟଙ୍କର ଗ୍ରୀଷ୍ମ ପ୍ରବାହ କବଳରେ ରହିଛି। ପ୍ରବଳ ଗରମ ଯୋଗୁଁ ବିଭିନ୍ନ ଦେଶରେ ତାପମାତ୍ରା ସମସ୍ତ ପୁରୁଣା ରେକର୍ଡ ଭାଙ୍ଗିଥିବା ବେଳେ ମୃତ୍ୟୁ ସଂଖ୍ୟା ଓ ହସ୍ପିଟାଲରେ ରୋଗୀଙ୍କ ଭିଡ଼ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି, ଯାହା ସ୍ଥାନୀୟ ଚିକିତ୍ସା ସେବାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରିଦେଇଛି। ପରିସ୍ଥିତି ଏପରି ଚରମ ସ୍ତରରେ ପହଞ୍ଚିଛି ଯେ ବାହାରେ ରଖାଯାଇଥିବା 'ପ୍ରାଇଙ୍ଗ ପ୍ୟାନ'ରେ ଲୋକେ ମାତ୍ର କେଇ ମିନିଟରେ ଅଣ୍ଡା ଓ ମାଂସ ସହଜରେ ରାନ୍ଧିପାରୁଥିବାର ଅନେକ ଆଶ୍ଚର୍ଯ୍ୟଜନକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଜର୍ମାନୀର ଲିପଜିଗ୍ ସହରରେ ପ୍ରବଳ ତାପମାତ୍ରା ଯୋଗୁଁ ଟ୍ରାମ (ସ୍ୱତନ୍ତ୍ର ପ୍ରକାରର ରେଳ ଯାନ) ଚାଲୁଥିବା ଲୁହା ଟ୍ରାକ୍ ସମ୍ପୂର୍ଣ୍ଣ ତରଳି ଯାଇଥିବାରୁ ଗତ ସପ୍ତାହ ଶେଷରେ ସେଠାରେ ଟ୍ରାମ ସେବାକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ପଡ଼ିଥିଲା। ଏହା ସହିତ ଦୋକାନ ବଜାର ଭିତରେ ଚକୋଲେଟ୍, ବଜାର କରିବା ଟ୍ରଲି ଏବଂ ପ୍ଲାଷ୍ଟିକ୍ ସାମଗ୍ରୀ ତରଳି ଯାଉଥିବା ବେଳେ ବର୍ଲିନରେ ସହରବାସୀଙ୍କୁ ଶୀତଳତା ପ୍ରଦାନ କରିବା ପାଇଁ ପୋଲିସ ୱାଟର କାନନ ଜରିଆରେ ପାଣି ମାଡ଼ କରୁଥିବା ଦେଖିବାକୁ ମିଳିଛି।

## ଦକ୍ଷିଣ ଆଫ୍ରିକାରେ ଆର୍ଥିକ ସଂକଟ : ବିଦେଶୀଙ୍କ ମୁଣ୍ଡରେ ଦୋଷ

ଜୋହାନ୍ସବର୍ଗ: ଦକ୍ଷିଣ ଆଫ୍ରିକା ବର୍ତ୍ତମାନ ଏକ ଗମ୍ଭୀର ମାନବିକ ଏବଂ ସାମାଜିକ ସଙ୍କଟର ସମ୍ମୁଖୀନ ହେଉଛି। ଦେଶର ବିଭିନ୍ନ ସ୍ଥାନରେ ବିଦେଶୀ ନାଗରିକଙ୍କ ବିରୋଧରେ ଘୃଣା ଏବଂ ହିଂସା ଦେଖାଦେଇଛି। ସ୍ଥାନୀୟ ମୌଳବାଦୀ ଗୋଷ୍ଠୀଗୁଡ଼ିକ ବିନା ଦସ୍ତାବିଜରେ ରହୁଥିବା ବିଦେଶୀ ନାଗରିକମାନଙ୍କୁ ଦେଶ ଛାଡିବା ପାଇଁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ସମୟସୀମା ଦେଇଥିଲେ। ଏହି ଧାର୍ଯ୍ୟ ତାରିଖ ପୂର୍ବରୁ ପ୍ରାୟ ୨୫ ହଜାର ପ୍ରବାସୀ ଭୟରେ ଦେଶ ଛାଡି ପଳାଇ ସାରିଛନ୍ତି। ରାଜଧାନୀ ଜୋହାନ୍ସବର୍ଗ ଏବଂ ଅନ୍ୟାନ୍ୟ ପ୍ରମୁଖ ସହରଗୁଡ଼ିକର ରାସ୍ତାରେ ଭୟଙ୍କର ଦୃଶ୍ୟ ଦେଖିବାକୁ ମିଳୁଛି। ସ୍ଥାନୀୟ ଲୋକଙ୍କ ଭିଡ଼ ଲାଠି ଏବଂ ଢାଲ ଧରି ବିଦେଶୀ ନାଗରିକଙ୍କୁ ଖୋଜୁଛନ୍ତି। ଅନେକ ସ୍ଥାନରେ ସାଧାରଣ ଲୋକମାନେ ନିଜେ ବିଦେଶୀଙ୍କ କାଗଜପତ୍ର ଯାଞ୍ଚ କରୁଛନ୍ତି ଏବଂ ସେମାନଙ୍କୁ ସେମାନଙ୍କ ଘରୁ କିମ୍ବା କର୍ମକ୍ଷେତ୍ରରୁ ବାହାର କରିବାକୁ ଚେଷ୍ଟା କରୁଛନ୍ତି। ହିଂସା ଏତେ ବଢ଼ିଛି ଯେ, ସମ୍ପ୍ରତି ଦୁଇ ଜଣ ମୋଜାମ୍ବିକ ଏବଂ ଜଣେ ମଲାୱି ନାଗରିକଙ୍କୁ ନିର୍ମମ ଭାବରେ ହତ୍ୟା କରାଯାଇଛି। ଭୟରେ ହଜାର ହଜାର ଲୋକ ଅସ୍ଥାୟୀ ଶିବିରରେ ଆଶ୍ରୟ ନେବାକୁ ବାଧ୍ୟ ହୋଇଛନ୍ତି। ଏହି ହିଂସାତ୍ମକ ଆନ୍ଦୋଳନ ମୁଖ୍ୟତଃ ଦକ୍ଷିଣ ଆଫ୍ରିକାର ପାରମ୍ପରିକ ଜୁଲୁ ପୋଷାକ ପିନ୍ଧିଥିବା ଲୋକଙ୍କ ଦ୍ୱାରା ପରିଚାଳିତ ହେଉଛି। ଏହି ଗୋଷ୍ଠୀଗୁଡ଼ିକ ଦାବି କରୁଛନ୍ତି ଯେ, ବିଦେଶୀ ପ୍ରବାସୀମାନେ ଦେଶରେ ଅପରାଧକୁ ପ୍ରୋତ୍ସାହିତ କରୁଛନ୍ତି ଏବଂ ସ୍ଥାନୀୟ ଲୋକଙ୍କଠାରୁ ଚାକିରି ଛଡ଼ାଇ ନେଉଛନ୍ତି। ଦକ୍ଷିଣ ଆଫ୍ରିକାରେ ବର୍ତ୍ତମାନ ପ୍ରାୟ ୩୩ ପ୍ରତିଶତ ବେକାର ରହିଛନ୍ତି। ଦେଶ ଏକ ଆର୍ଥିକ ମାନ୍ଦାବସ୍ଥା ସହିତ ସଂଘର୍ଷ କରୁଛି, ଯାହାର କ୍ରୋଧ ଏବେ ପ୍ରବାସୀମାନଙ୍କ ଉପରେ ପଡ଼ିଛି। ବିଶେଷଜ୍ଞମାନଙ୍କ ଅନୁସାରେ ଏହା 'ଅଣ-ଶ୍ୱେତାଙ୍ଗ-ଅଣ-ଶ୍ୱେତାଙ୍ଗ' ହିଂସାର ଏକ ନୂତନ ରୂପ, ଯେଉଁଠାରେ ସମ୍ବଳ ଅଭାବରୁ ଅଣ-ଶ୍ୱେତାଙ୍ଗମାନେ ଅଣ-ଶ୍ୱେତାଙ୍ଗଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ରାଜନୈତିକ ବିଶ୍ଳେଷକମାନଙ୍କ ଅନୁସାରେ ଆଗାମୀ ପୌର ନିର୍ବାଚନ ଏବଂ ଦକ୍ଷୀଣପନ୍ଥୀ ରାଜନୈତିକ ଦଳଗୁଡ଼ିକର ସୁବିଧାବାଦ ନୀତି ଏହି ଉତ୍ତେଜନା ପଛରେ ରହିଛି। ସୋସିଆଲ ମିଡିଆରେ ପ୍ରସାରିତ ଗୁଜବ ଏବଂ ଭୁଲ୍ ସୂଚନା ନିଆଁରେ ଘିଅ ଢାଳିଛି। ଯଦିଓ ପ୍ରବାସୀ ଦେଶର ମୋଟ ଜନସଂଖ୍ୟାର ମାତ୍ର ୫.୧ ପ୍ରତିଶତ ବା ପ୍ରାୟ ୩ ନିୟୁତ ଅଛନ୍ତି। ସେମାନଙ୍କୁ ଆର୍ଥିକ ସଙ୍କଟ ପାଇଁ ଦାୟୀ କରାଯାଉଛି।ପ୍ରତିବାଦକାରୀଙ୍କ ଜୁନ୍ ୩୦ ତାରିଖ



ଘୋଷଣାକୁ ଦୃଷ୍ଟିରେ ରଖି ସରକାର ୨୦୨୧ ପରି ଦଙ୍ଗାକୁ ରୋକିବା ପାଇଁ ସାରା ଦେଶରେ ପୁଲିସ ବାହିନୀ ମୁତୟନ କରିଛନ୍ତି। ସୀମା ପରିଚାଳନା କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ହଜାର ହଜାର ଲୋକ ଆକାଶ ଏବଂ ସ୍ଥଳପଥରେ ନିଜ ଦେଶ ଜିମ୍ବାୱେ, ମଲାୱି, ନାଇଜେରିଆ ଏବଂ ଘାନାକୁ ଫେରୁଛନ୍ତି। କେନିଆ, ଉଗାଣ୍ଡା ଏବଂ କଙ୍ଗୋ ଭଳି ଦେଶ ସେମାନଙ୍କ ନାଗରିକମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସରକାରମାନେ ସ୍ଥାନୀୟ ବାସିନ୍ଦାଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିଛନ୍ତି ଏବଂ ଆଇନକୁ ନିଜ ହାତରେ ନ ନେବାକୁ ଚେତାବନୀ ଦେଇଛନ୍ତି।

## ଖାନ ସାରଙ୍କୁ ମିଳିଲାନି ଆଶ୍ୱସ୍ତି, ଜୁଲାଇ ୩ରେ ପରବର୍ତ୍ତୀ ଶୁଣାଣି

ପାଟନା : ବିହାରର ରାଜଧାନୀ ପାଟନାର ଚର୍ଚ୍ଚିତ କୋଚିଂ ଶିକ୍ଷକ ଫୈଜଲ ଖାନ ଓରଫ ଖାନ ସାରଙ୍କ ଅଗ୍ରିମ ଜାମିନ ଆବେଦନ ଉପରେ ମଙ୍ଗଳବାର କୋର୍ଟରେ ଶୁଣାଣି ହୋଇଛି। କୋର୍ଟ ଏହି ମାମଲାର ଶୁଣାଣି କରି ଜାମିନ ଆବେଦନର ଆଗାମୀ ତାରିଖ ଘୋଷଣା କରିଛନ୍ତି। କୋର୍ଟ ଖାନ ସାରଙ୍କ ଅଗ୍ରିମ ଜାମିନ ଉପରେ ଆସନ୍ତା ଜୁଲାଇ ୩ରେ ଶୁଣାଣି କରିବେ। କୁହାଯାଉଛି ଯେ, ଖାନ ସାରଙ୍କ ଅଗ୍ରିମ ଜାମିନ ନେଇ ଆଜି ଯେଉଁ ଶୁଣାଣି ହୋଇଛି, ଏଥିରେ ଖାନ ସାରଙ୍କୁ ଜାମିନ ନମିଳିବାର କାରଣ ହେଉଛନ୍ତି ତାଙ୍କର ଅଙ୍ଗରକ୍ଷୀ। ଖାନ ସାରଙ୍କ ଅଙ୍ଗରକ୍ଷୀ ଆର୍ମ୍ସ ଲାଇସେନ୍ସର ବେଆଇନ ବ୍ୟବହାର କରିଛନ୍ତି। ଏହାର ସୂଚନା କୋର୍ଟଙ୍କୁ ସରକାର ଓକିଲଙ୍କ ତରଫରୁ ଦିଆଯାଇଛି। ଏହା ପରେ କୋର୍ଟ ଖାନ ସାରଙ୍କ ଅଗ୍ରିମ ଜାମିନ ଉପରେ ଆସନ୍ତା ଜୁଲାଇ ୩ତାରିଖକୁ ରଖିଛନ୍ତି। ଏବେ ଖାନ ସାରଙ୍କ ଅଗ୍ରିମ ଜାମିନ ଆବେଦନ ଉପରେ ଜୁଲାଇ ୩ ତାରିଖରେ ଶୁଣାଣି ହେବ। ସରକାର ଓକିଲଙ୍କ ମାଧ୍ୟମରେ ଖାନ ସାରଙ୍କ ଦୁଇ ଜଣ ଅଙ୍ଗରକ୍ଷୀ ଗୁଳିମାଡ଼ କରିଥିଲେ। ଏଥିରୁ ଜଣେ ଅଙ୍ଗରକ୍ଷୀଙ୍କ ଲାଇସେନ୍ସ ଉତ୍ତରପ୍ରଦେଶ ପର୍ଯ୍ୟନ୍ତ ସୀମିତ ଥିଲା। କିନ୍ତୁ ସେ ବିହାରରେ ବ୍ୟବହାର କରିତିଲେ। ଅନ୍ୟ ଜଣେ ଅଙ୍ଗରକ୍ଷୀଙ୍କ ଲାଇସେନ୍ସ ସର୍ବଭାରତୀୟ ସ୍ତର ପାଇଁ ଉଦ୍ଦିଷ୍ଟ। କିନ୍ତୁ ଏହି ଲାଇସେନ୍ସ ଆତ୍ମରକ୍ଷା ପାଇଁ ମିଳିଛି। ଅର୍ଥାତ ଏହି ଲାଇସେନ୍ସ ବଳରେ ଅନ୍ୟ କାହାର ଅଙ୍ଗରକ୍ଷୀ ହୋଇପାରିବେ ନାହିଁ। ତେଣୁ ଉଭୟ ଅଙ୍ଗରକ୍ଷୀଙ୍କ ଲାଇସେନ୍ସ ବିହାରରେ ଆର୍ମ୍ସ ଆଇନ ବିରୋଧରେ ବ୍ୟବହାର ହେଉଛି, ଯାହା ଭୁଲ। ସରକାରୀ ଓକିଲ କୋର୍ଟଙ୍କୁ କହିଛନ୍ତି, ଅଲ୍ ଇଣ୍ଡିଆ ଆର୍ମ୍ସ ଲାଇସେନ୍ସ ରଖିଥିବା ଅଙ୍ଗରକ୍ଷୀଙ୍କ ଲାଇସେନ୍ସର ନବୀକରଣ ତାରିଖ ଅପ୍ରେଲରେ ଶେଷ ହୋଇଥିଲା। କିନ୍ତୁ ସେ ଲାଇସେନ୍ସର ନବୀକରଣ କରିନାହାନ୍ତି। ଖାନ ସାରଙ୍କ ଓକିଲ ଅରବିନ୍ଦ କୁମାର ମହୁଆର ଗଣମାଧ୍ୟମକୁ କହିଛନ୍ତି, ଖାନ ସାରଙ୍କ ଉଭୟ ଅଙ୍ଗରକ୍ଷୀ ପ୍ରଦୀପ କୁମାର ଏବଂ ସନୀଙ୍କ ଲାଇସେନ୍ସ ସଂପର୍କିତ ଦସ୍ତାବିଜ କୋର୍ଟରେ ଦାଖଲ କରାଯାଇଛି।

## ଉଦ୍ଧବ ଶିବସେନା ଗୋଷ୍ଠୀକୁ ଝଟକା : ସିନ୍ଦେ ସେନାରେ ସାମିଲ ହେଲେ ଆଦିତ୍ୟ ସହଯୋଗୀ

ମୁମ୍ବାଇ : ଶିବସେନା (ଉଦ୍ଧବ ବାଲାସାହେବ ଠାକରେ)କୁ ଆଉ ଗୋଟିଏ ଝଟକା। ଦଳର ବରିଷ୍ଠ ନେତା ତଥା ବିଧାନ ପରିଷଦ ସଦସ୍ୟ ସଚିନ ଅହିର ବିଧିବଦ୍ଧ ଭାବେ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନାରେ ଯୋଗ ଦେଇଛନ୍ତି। ଉଦ୍ଧବ ସେନା ଛାଡ଼ିବା ପରେ ସେ ସେ ମହାରାଷ୍ଟ୍ର ବିଧାନ ପରିଷଦର ଉପାଧ୍ୟକ୍ଷ ପଦ ପାଇଁ ମଧ୍ୟ ନାମାଙ୍କନ ଦାଖଲ କରିଛନ୍ତି।ଏହି ଘଟଣାକୁ ମହାରାଷ୍ଟ୍ର ରାଜନୀତିରେ 'ଅପରେସନ ଟାଇଗର-୩'ର ଅଂଶବିଶେଷ ଭାବେ ବିବେଚନା କରାଯାଉଛି। ସିନ୍ଦେ ସେନା ଦାବି କରିଛି ଯେ ଖୁବଶୀଘ୍ର ଉଦ୍ଧବ ସେନା ଶିବିରର ଅନେକ ବିଧାୟକ ଦଳ ଛାଡ଼ି



ସେମାନଙ୍କ ସହ ହାତ ମିଳାଇବେ। ସଚିନ ଅହିର କେବଳ ଶିବସେନା (ୟୁବିଟି)ର ବରିଷ୍ଠ ନେତା ନୁହନ୍ତି, ସେ ୱର୍ଲି ନିର୍ବାଚନମଣ୍ଡଳୀରେ ଆଦିତ୍ୟ ଠାକରେଙ୍କ ସବୁଠାରୁ ବିଶ୍ୱସ୍ତ ସହଯୋଗୀ ଭାବେ ପରିଚିତ ଥିଲେ। ତାଙ୍କୁ ସମସ୍ତେ ଆଦିତ୍ୟଙ୍କ ଡାହାଣ ହାତ କୁହନ୍ତି। ୨୦୧୯ରେ ଯେତେବେଳେ ଆଦିତ୍ୟ ଠାକରେ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ିଥିଲେ ସେତେବେଳେ ଏନ୍ସିପିରେ ଥିବା ସଚିନ ଅହିରଙ୍କୁ ସେ ହିଁ ଶିବସେନାକୁ ଆଣିଥିଲେ। ଏହାପରେ ତାଙ୍କୁ ୱର୍ଲିର ସମ୍ପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ଦେଇଥିଲେ। ଏବେ ଆଦିତ୍ୟ ଠାକରେଙ୍କ ସବୁଠାରୁ ଘନିଷ୍ଠ ସହଯୋଗୀଙ୍କୁ ନିଜ ଶିବିରକୁ ଆଣି ଏକନାଥ ସିନ୍ଦେ ମାତୋଶ୍ରୀର ନିର୍ବାଚନୀ ରଣନୀତିକୁ ଦୁର୍ବଳ କରିବାକୁ ଚେଷ୍ଟା କରିଛନ୍ତି ବୋଲି ରାଜନୀତିକ ମହଲରେ ଚର୍ଚ୍ଚା ହେଉଛି। ନିଜର ଘନିଷ୍ଠ ସହଯୋଗୀ ଦଳ ଛାଡ଼ିବା ପରେ ଆଦିତ୍ୟ ଠାକରେ କହିଛନ୍ତି, "ଜୀବନରେ କିଛି ନୀତି ଓ ଆଦର୍ଶ ରହିବା ଦରକାର। ଯଦି ଦଳ ଆପଣଙ୍କୁ ସବୁକିଛି ଦେଇଛି, ତା'ହେଲେ ଦଳର କଠିନ ସମୟରେ ମଧ୍ୟ ଆପଣଙ୍କୁ ମଧ୍ୟ ଛିଡ଼ା ହେବା ଉଚିତ। ତାଙ୍କୁ ମୋ ସାମ୍ନାକୁ ଆଣନ୍ତୁ। ମୁଁ ପଚାରିବି ଦଳ ତାଙ୍କୁ କ'ଣ ଦେଇ ନଥିଲା?" ଅନ୍ୟପକ୍ଷରେ ସଚିନ ଅହିରଙ୍କୁ ଦଳରେ ସ୍ୱାଗତ କରି ଉପ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ତାଙ୍କୁ "ରାଜନୀତିର ତେନ୍ଦୁଲକର" ବୋଲି ସମ୍ବୋଧନ କହିଛନ୍ତି। ସେ କହିଛନ୍ତି, "ସେ ଜଣେ ତୃଣମୂଳ ସ୍ତରର କର୍ମୀ। ଲୋକମାନେ ତାଙ୍କ ରାଜନୀତିର ଶୈଳୀକୁ ପସନ୍ଦ କରନ୍ତି। ସେ ଆମର ଏମିତି ଜଣେ ଖେଳାଳି ଯିଏ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁ କରିପାରିବେ।" ନିକଟରେ ଶିବସେନା (ୟୁବିଟି)ର ୯ ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ୬ ଜଣ ଏକନାଥ ସିନ୍ଦେଙ୍କ ଶିବସେନାରେ ଯୋଗଦେଇଥିବା ବେଳେ ସଚିନ ଅହିରଙ୍କ ଦଳ ପରିବର୍ତ୍ତନ ଉଦ୍ଧବ ଶିବିର ପାଇଁ ଆଉ ଏକ ବଡ଼ ଝଟକା ଭାବେ ବିବେଚନା କରାଯାଉଛି।

# ଫିଫା ବିଶ୍ୱକପ୍

## ଜର୍ମାନୀ ନିରାଶ : ପ୍ରି -କ୍ୱାର୍ଟରରେ ପାରାଗୁଏ

ବୋଷ୍ଟନ : ଦୀର୍ଘ ୪୪ ବର୍ଷ ଧରି ଜର୍ମାନୀ କେବେ ବି ଫିଫା ବିଶ୍ୱକପରେ ଶୁଟଆଉଟରେ ହାରୁ ନଥିଲା । କିନ୍ତୁ ସୋମବାର ସେହି ଅପରାଜୟ ଧାରେ ଭାଙ୍ଗିଛି । ଦୀର୍ଘ ୪୪ ବର୍ଷର ଅପରାଜୟ ରେକର୍ଡକୁ ଧୂଳିସାତ କରି ଦେଇଛି ପାରାଗୁଏ। ବୋଷ୍ଟନ ଷ୍ଟାଡିୟମରେ ଜର୍ମାନୀ ଓ ପାରାଗୁଏ ମଧ୍ୟରେ ୧୨୦ ମିନିଟ୍ ଧରି ହୋଇଥିଲା ଟକ୍କର। ଶେଷରେ ମ୍ୟାଚ୍ ୧-୧ ସ୍ଥିତିରେ ରହିଥିଲା । ଏହାପରେ ଆରମ୍ଭ ହୋଇଥିଲା ଜର୍ମାନୀର ସବୁଠାରୁ ପସନ୍ଦଦାର ପେନାଲ୍ଟି ଶୁଟ୍‌ଆଉଟ୍ । ସମସ୍ତେ ଭାବିଥିଲେ ଜର୍ମାନୀ ହିଁ ରାଉଣ୍ଡ ଅଫ ୧୬କୁ ଯିବ । କିନ୍ତୁ ଅପ୍ରତ୍ୟାଶିତ ଭାବେ ପାରାଗୁଏ ୪-୩ ଗୋଲରେ ଜର୍ମାନୀକୁ ପରାସ୍ତ କରି ରାଉଣ୍ଡ ଅଫ୍ ୩୨ରୁ ଚାରିଥରର ବିଶ୍ୱ ଚାମ୍ପିୟନ୍ ଦଳକୁ ବିଦା କରିଦେଇଛି । ବିଶ୍ୱକପ୍ ଇତିହାସରେ ପ୍ରଥମ ଥର ପାଇଁ ପେନାଲ୍ଟି ଶୁଟ୍‌ଆଉଟରେ ପରାଜୟର ସ୍ୱାଦ ଚାଖିଛି ଜର୍ମାନୀ । ଏହି ବିଜୟ ସହ ପାରାଗୁଏ ଚଳିତ ଫିଫା ବିଶ୍ୱକପର ରାଉଣ୍ଡ ଅଫ



୧୬ ବା ପ୍ରି କ୍ୱାର୍ଟର ଫାଇନାଲରେ ନିଜର ସ୍ଥାନ ପକ୍କା କରି ନେଇଛି । ୧୯୮୨ରୁ ୨୦୨୬ ମଧ୍ୟରେ ଯେତେଥର ପାଇଁ ଶୁଟ ଆଉଟ ହୋଇଥିଲା ଜର୍ମାନୀର କୌଣସି ଖେଳାଳି କେବେ ବି ନିଜ ନିଜର ଶଟ ମିସ କରି ନଥିଲେ । କିନ୍ତୁ ୪୪ ବର୍ଷ ପରେ ଜର୍ମାନୀର ଏହି ବିଶ୍ୱକପ ରେକର୍ଡକୁ ପାରାଗୁଏ ଭାଙ୍ଗି ଦେଇଛି । ଖାଲି ଭାଙ୍ଗି ନାହିଁ, ବରଂ ଜର୍ମାନୀକୁ ସିଧା ବିଶ୍ୱକପରୁ ବିଦା କରି ଦେଇଛି । ମ୍ୟାଚରେ ଜର୍ମାନୀ ୭୫ ପ୍ରତିଶତ ବଲ୍ ନିଜ ନିୟନ୍ତ୍ରଣ ରଖିଥିଲା । ଦଳ ୭୫୩ଟି ପାସ୍ କରିଥିବା ବେଳେ ସେଥିରୁ ୯୨ ପ୍ରତିଶତ ସଫଳ ହୋଇଥିଲା । ଗୋଲ ପୋଷ୍ଟକୁ ଟାର୍ଗେଟ କରି ଜର୍ମାନୀ ୨୧ଟି ଶଟ୍ ଓ ପାରାଗୁଏ ମାତ୍ର ୭ଟି ଶଟ୍ ମାରିଥିଲା । ତଥାପି ଗୋଲରକ୍ଷକ ଓରଲାଣ୍ଡୋ ଗିଲଙ୍କ ଚମତ୍କାର ପ୍ରଦର୍ଶନ ଓ ପାରାଗୁଏର ଶୃଙ୍ଖଳିତ ରକ୍ଷଣଭାଗ ଜର୍ମାନୀକୁ ପରାଜୟର ସ୍ୱାଦ ଚାଖିବାକୁ ବାଧ କରିଛି । ମ୍ୟାଚର ୪୨ତମ ମିନିଟରେ ଜୁଲିଓ ଇନକିସୋ ଗୋଲ ସ୍କୋର କରି ପାରାଗୁଏକୁ ଆଗକୁ କରିଥିଲେ । କିନ୍ତୁ ୫୪ତମ ମିନିଟରେ କାଇ ହାଭେର୍ଟଜଙ୍କ ହେଡର ଜରିଆରେ ଜର୍ମାନୀ ସ୍ଥିତିକୁ ୧-୧ କରି ଦେଇଥିଲା । ଅତିରିକ୍ତ ସମୟରେ ଜର୍ମାନୀର ଜୋନାଥନ ତାହ କର୍ଣ୍ଣରରୁ ଗୋଲ କରିଥିଲେ । କିନ୍ତୁ ଭିଏଆର ଯାଞ୍ଚ ପରେ ଏହି ଗୋଲକୁ ବାତିଲ୍ କରି ଦିଆଯାଇଥିଲା । ଏହାପରେ ହୋଇଥିବା ପେନାଲ୍ଟି ଶୁଟ ଆଉଟରେ ପାରାଗୁଏ ୪-୩ରେ ଜର୍ମାନୀକୁ ହରାଇ ଚମତ୍କାର ବିଜୟ ହାସଲ କରିଛି ।

## ଅଟକିଲା ଜାପାନ : ଆଗେଇଲା ବ୍ରାଜିଲ

ହ୍ୟୁଷ୍ଟନ : ଫିଫା ଫୁଟବଲ ବିଶ୍ୱକପ୍ ଇତିହାସର ସଫଳତମ ଦଳ ବ୍ରାଜିଲଙ୍କୁ ବଞ୍ଚାଇ ଦେଇଛି ନାଟକୀୟ ପ୍ରତ୍ୟାବର୍ତ୍ତନ ଏବଂ ଆହତ ସମୟ ଗୋଲ୍। କେବଳ ବଞ୍ଚାଇନି, ବରଂ ଉତ୍କଣ୍ଠାପୂର୍ଣ୍ଣ ଭାବେ ଚଳିତ ବିଶ୍ୱକପର ପ୍ରିକ୍ୱାର୍ଟର ଫାଇନାଲରେ ପହଞ୍ଚାଇ ଦେଇଛି । ସୋମବାର ଜାପାନ ବିପକ୍ଷରେ ସମସ୍ତଙ୍କ ପସନ୍ଦର ଦଳ ଭାବେ ପଡ଼ିଆକୁ ଓହ୍ଲାଇଥିବା ବ୍ରାଜିଲ ପ୍ରଥମାର୍ଦ୍ଧ ସୁଦ୍ଧା ଅପ୍ରତ୍ୟାଶିତ ଭାବେ ୦-୧ରେ ପଛୁଆ ରହିଥିଲା । ତେବେ ଦ୍ୱିତୀୟାର୍ଦ୍ଧର ଏକାଦଶ ମିନିଟରେ ସ୍ଥିତି ୧-୧ କରି ନେଇଥିଲା । ପରେ ଆହତ ସମୟରେ ବିଜୟ ସୂଚକ ଗୋଲ୍ ଦେଇ ନାଟକୀୟ ଢଙ୍ଗରେ ୨-୧ ଗୋଲ୍ରେ ମ୍ୟାଚ୍ ଜିତି ନେଇଥିଲା । ତା' ସହିତ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ିଥିଲା ଏହି ଲାଟିନ୍ ଆମେରିକୀୟ ଦଳ । ଅନ୍ୟପକ୍ଷରେ ଲଢୁଆ ଖେଳ ଖେଳି ମ୍ୟାଚର ପ୍ରଥମ ଗୋଲ୍ ଦେବା ପରେ ୫୬ ମିନିଟରେ ବ୍ରାଜିଲକୁ ଫେରିବାର ସୁଯୋଗ ଦେବା ଜାପାନ ପାଇଁ ଅତ୍ୟନ୍ତ ମହଙ୍ଗା ସାବ୍ୟସ୍ତ ହୋଇଛି । ପୁଣି ଆହତ ସମୟରେ ଏକାଗ୍ରତା ହରାଇ ଆଉ ଏକ ଗୋଲ୍ (୯୦+୫) ବରଣ କରିବା ପରେ ଏହି ଏସୀୟ ଶକ୍ତିର ବିଶ୍ୱକପ୍ ଅଭିଯାନ ରାଉଣ୍ଡ ଅଫ୍ ୩୨ରେ ଶେଷ ହୋଇଯାଇଛି । ହୁଷ୍ଟନ ଷ୍ଟାଡିୟମରେ ରବିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ଏହି ରୋମାଞ୍ଚକ ମ୍ୟାଚରେ ଜାପାନ ପ୍ରଥମାର୍ଦ୍ଧରେ ଅଗ୍ରଣୀ ହୋଇଥିଲେ ମଧ୍ୟ ବ୍ରାଜିଲ ଦ୍ୱିତୀୟାର୍ଦ୍ଧରେ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିଲା । ମ୍ୟାଚର ୨୯ତମ ମିନିଟରେ ଡାନିଲୋଙ୍କ ଭଲ ପାସକୁ ସୁଯୋଗରେ ପରିଣତ କରିଥିଲେ କାଇଶୁ ସାନୋ । ଏକ ଚମତ୍କାର ସଟ୍ ବଳରେ ବ୍ରାଜିଲ ଗୋଲ୍ପୋଷ୍ଟ ଭିତରକୁ ବଲ୍ ପଠାଇ ଦେଇଥିଲେ ସେ । ତା' ସହିତ ନିଜ ଦଳକୁ ୧-୦ରେ ଆଗୁଆ କରି ଦେଇଥିଲେ । ଏହାପରେ ବ୍ରାଜିଲ କ୍ରମାଗତ ଆକ୍ରମଣ କରିଥିଲେ ମଧ୍ୟ ପ୍ରଥମାର୍ଦ୍ଧରେ ସଫଳତା ପାଇନଥିଲା । ବିରତି ପରେ ବ୍ରାଜିଲ ଆକ୍ରମଣର ଧାର ବଢ଼ାଇଥିଲା । ୫୬ତମ ମିନିଟରେ କାସେମିରୋଙ୍କ ଗୋଲ୍ ବଳରେ ପାଞ୍ଚ ଥର ବିଜେତା ବ୍ରାଜିଲ ସ୍ଥିତି ୧-୧ କରି ନେଇଥିଲା । ମ୍ୟାଚ୍ ଆହତ ସମୟକୁ ଗଡ଼ିବା ପରେ ଗାବ୍ରିଏଲ୍ ମାର୍ଟିନେଲି ଏକ ଚମତ୍କାର ଗୋଲ୍ ସ୍କୋର୍ କରି ବ୍ରାଜିଲକୁ ୨-୧ରେ ଅଗ୍ରଣୀ କରାଇଥିଲେ । ଅନ୍ତିମ କ୍ଷଣର ଏହି ଗୋଲକୁ ଶୁଝିବା ଜାପାନ ପାଇଁ ଏକପ୍ରକାର ଅସମ୍ଭବ ଥିଲା । ଫଳରେ ବ୍ରାଜିଲ ଗୋଟିଏ ଗୋଲ୍ ବ୍ୟବଧାନରେ ମ୍ୟାଚ୍ ଜିତି ଆଗକୁ ବଢ଼ିଥିଲା । ବ୍ରାଜିଲ ପକ୍ଷରୁ ସ୍କଟଲ୍ୟାଣ୍ଡ ବିପକ୍ଷରେ ଖେଳିଥିବା ଦଳକୁ ଅପରିବର୍ତ୍ତିତ



ରଖାଯାଇଥିଲା । ତାରକା ଖେଳାଳି ନେମାର ମାଂସପେଶୀ ଯନ୍ତ୍ରଣା ପାଇଁ ଖେଳି ନଥିଲେ । ଆହତ ରାଫିନହାଙ୍କ ସ୍ଥାନରେ ୧୯ ବର୍ଷୀୟ ରାୟାନ୍ ଆକ୍ରମଣ ଭାଗରେ ସୁଯୋଗ ପାଇଥିଲେ । ସେପଟେ ଜାପାନ ଚାରିଟି ପରିବର୍ତ୍ତନ କରିଥିବା ବେଳେ ଗୋଇଠି ଆଘାତ ଲାଗି ଟାକେଫୁସା କୁବୋ ମଧ୍ୟ ଏହି ମ୍ୟାଚ୍ ଖେଳି ପାରି ନଥିଲେ ।

## ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍ ଟେନିସ୍ ପ୍ରତିଯୋଗିତା

## ଚର୍ଚ୍ଚାରେ ଓସାକାଙ୍କ ପାରମ୍ପରିକ ଜାତୀୟ ପୋଷାକ

ଲଣ୍ଡନ୍ : ୱିମ୍ବଲଡନ୍ ଗ୍ରାଣ୍ଡ ସ୍ଲାମ ଟେନିସ୍ ପ୍ରତିଯୋଗିତା ଆରମ୍ଭରୁ ପୂର୍ବତନ ଏକ ନମ୍ବରଜାପାନୀ ଖେଳାଳି ନାଓମି ଓସାକାଙ୍କ ନିଆରା




ପୋଷାକକୁ ନେଇ ଚର୍ଚ୍ଚା ଚାଲିଛି । ୪ ଥର ଗ୍ରାଣ୍ଡ ସ୍ଲାମ ଟ୍ରଫି ଜିତିଥିବା ଓସାକା ପ୍ରଥମ ଦିବସରେ ଜାପାନୀ ଅନୁପ୍ରେରିତ ପୋଷାକ 'କିଲ୍ ବିଲ୍' କିମାନୋ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜାପାନର ପାରମ୍ପରିକ ଜାତୀୟ ପୋଷାକ (କିଲ୍ ବିଲ୍) ପରିଧାନ କରି କୋର୍ଟ-୩ରେ ଚାଲିଯାଉଥିବା ଫଟୋ ଏବେ ଖୁବ୍ ଭାଇରାଲ୍ ହୋଇଛି । ୱିମ୍ବଲଡନରେ ସମ୍ପୂର୍ଣ୍ଣ ଧଳା ପୋଷାକ ପରିଧାନ କରି ଖେଳିବାକୁ ନିୟମ ରହିଛି । ଏହା ତାଙ୍କୁ ଅନୁପ୍ରାଣିତ କରିଥିବା ଓସାକା ପ୍ରକାଶ କରିଛନ୍ତି । ଧଳା ପୋଷାକରେ ଶରୀରକୁ ସମ୍ପୂର୍ଣ୍ଣ ଆଚ୍ଛାଦିତ କରି ସେ ଚୁଟିରେ ଧଳା ଅଳଙ୍କାର 'କାନଜାସୀ' ବି ଲଗାଇଥିଲେ । ଏହା ପରେ ସେ ନାଇକୀ ପୋଷାକ ପରିଧାନ କରି ଖେଳିଥିଲେ । 'ଏହି 'କିଲ୍ ବିଲ୍' ପୋଷାକକୁ ଟୋକିଓ ଡିଜାଇନର୍ ହାନା ୟାଗି ପ୍ରସ୍ତୁତ କରିଥିବା ଜଣାପଡ଼ିଛି । ଜାପାନୀ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ସେ ଏଭଳି କରିଥିବା ବିଶ୍ୱାସ କରାଯାଉଛି । 'ଜାପାନ ପ୍ରତି ଥିବା ଭଲପାଇବା ଓ ସମ୍ମାନ ପାଇଁ ଏଭଳି କରିଛି' ବୋଲି ସେ ସ୍ୱୀକାର ବି କରିଛନ୍ତି । ୱିମ୍ବଲଡନରେ କେବେ ତୃତୀୟ ରାଉଣ୍ଡ ଅତିକ୍ରମ କରିନଥିବା ୨୮ ବର୍ଷୀୟା ଓସାକା ୨ ଥର ଲେଖାଏଁ ଅଷ୍ଟ୍ରେଲିଆନ୍ ଓପନ୍ (୨୦୧୯, ୨୦୨୧) ଏବଂ ୟୁଏସ୍ ଓପନ୍ (୨୦୧୮, ୨୦୨୦) ଟ୍ରଫି ଜିତିଥିଲେ । ପୋଷାକ ପାଇଁ ଚର୍ଚ୍ଚାକୁ ଆସିବା ଓସାକାଙ୍କ ପାଇଁ ନୂଆ ନୁହେଁ । ଗତ ଜାନୁଆରିରେ ଏହି ପୂର୍ବତନ ଏକ ନମ୍ବର ଖେଳାଳି ଅଷ୍ଟ୍ରେଲିଆନ୍ ଓପନରେ ଜେଲିଫିସ୍ ଷ୍ଟାଇଲ୍ ଏବଂ ଫ୍ରେଞ୍ଚ ଓପନରେ ହଳଦିଆ ରଙ୍ଗ ବ୍ରାଉନ୍ ଓ ସୁନାରି ପୋଷାକ ପରିଧାନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

## ନେଦରଲାଣ୍ଡ୍ସ ନକ୍‌ଆଉଟ୍, ମରକ୍କୋର ପେନାଲ୍ଟି ବିଜୟ

ଗୁଆଡାଲୁପ୍ (ମେକ୍ସିକୋ): ବ୍ରାଜିଲ ବର୍ତିଗଲା, କିନ୍ତୁ ଜର୍ମାନୀ ଭଳି ଅନ୍ୟତମ ୟୁରୋପୀୟ ଶକ୍ତିନେଦରଲାଣ୍ଡସ ମଧ୍ୟ ଚଳିତ ଫିଫାବିଶ୍ୱକପରୁ ନକ୍ ଆଉଟ୍ ହୋଇଯାଇଛି । ନେଦରଲାଣ୍ଡସ୍‌କୁ ପେନାଲ୍ଟିରେ ୩-୨ରେ ହରାଇ ଉତ୍ତର ଆଫ୍ରିକୀୟ ଦେଶ ମରକ୍କୋ ରାଉଣ୍ଡ ଅଫ୍ ୧୬ (ପ୍ରି-କ୍ୱାର୍ଟରଫାଇନାଲ୍) ଯୋଗ୍ୟତା ଅର୍ଜନ କରି ନେଇଛି । ଜର୍ମାନୀ-ପାରାଗୁଏ ଭଳି ଏହି ମ୍ୟାଚ୍ ମଧ୍ୟ ୧୨୦ ମିନିଟ୍ ସଂଘର୍ଷ ପରେ ପେନାଲ୍ଟି ଫଳାଫଳରେ ନିର୍ଣ୍ଣୟ ହୋଇଥିଲା । ନିୟମିତ ସମୟରେ ଏହି ମ୍ୟାଚ୍ ମଧ୍ୟ ସମାନ ୧-୧ ଗୋଲରେ ଡ୍ର' ରହିଥିଲା । ବିଜୟ ସହ ପ୍ରି-କ୍ୱାର୍ଟରଫାଇନାଲରେ ମରକ୍କୋ ଜୁଲାଇ ୪ ତାରିଖରେ କାନାଡ଼ା ସହ ଖେଳିବା ଧାର୍ଯ୍ୟ ହୋଇଯାଇଛି ।

ମେକ୍ସିକୋର ମଣ୍ଟେରି ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍ ଆକ୍ରମଣ, ପ୍ରତିଆକ୍ରମଣ ଏବଂ ଦୃଢ଼ ରକ୍ଷଣଭାଗର ନିଖୁଣ ନିଦର୍ଶନ ଦେଖାଇଥିଲା । ତେବେ ୭୧ତମ



ମିନିଟ୍ ପର୍ଯ୍ୟନ୍ତ ଉଭୟ ଦଳ ଗୋଲ୍ ଦେବାରେ ନିଷ୍ଫଳ ରହିଥିଲେ । ୭୨ତମ ମିନିଟରେ ଅଭିଜ୍ଞ ଷ୍ଟ୍ରାଇକର୍ କୋଡି ଗାକ୍ପୋଙ୍କ ଗୋଲରେ ନେଦରଲାଣ୍ଡସ୍ ଅଗ୍ରଣୀ ନେଇଯାଇଥିଲା । ତାଙ୍କ ଦଳ ମଧ୍ୟ ବିଜୟଦ୍ୱାରରେ ପହଞ୍ଚିଯାଇଥିଲା । କିନ୍ତୁ ଷ୍ଟପେଜ୍ ଟାଇମରେ ପ୍ରଥମ ମିନିଟରେ ବଦଳ ଖେଳାଳି ଈଶା ଡିଅପ୍ (୯୦+୧ ମିନିଟ୍)ଙ୍କ ଗୋଲ୍ ଏହି ଦଳର ଆଶାରେ ପାଣି ଭରି ଦେଇଥିଲା । ଶେଷକୁ ଅତିରିକ୍ତ ୩୦ ମିନିଟ୍ ଗୋଲଶୂନ୍ୟ ରହିଥିଲା । ସୁଟ୍ ଆଉଟ୍ ବେଳକୁ ଉଭୟ ଦଳ ତାଳମେଳ ଦେଇ ଚାଲିଥିଲେ ମଧ୍ୟ କ୍ରିସେନ୍ସିଓ ସୁମରଭିଲେଙ୍କ ପେନାଲ୍ଟିକୁ ମରକ୍କୋ ଗୋଲରକ୍ଷକ ୟାସିନ୍ ବୋନୋଉ ରୋକିଦେବା ପରେ ଇସମାଇଲ୍ ସାଇବରି ନିର୍ଣ୍ଣାୟକ ପେନାଲ୍ଟିକୁ ଗୋଲରେ ପରିଣତ କରି ମରକ୍କୋକୁ ଐତିହାସିକ ବିଜୟ ଦେଇଥିଲେ । ନେଦରଲାଣ୍ଡସର ଅଭିଜ୍ଞ ଖେଳାଳି କୋଡି ଗାକ୍ପୋଙ୍କ ପାଇଁ ଏହା ଆଉ ଏକ ଦୁଃଖଦ ଖବର ହୋଇଥିଲା । ଦୁଇ ଦିନ ତଳେ ତାଙ୍କ ପୁତ୍ର ସନ୍ତାନ ଜନ୍ମପୂର୍ବରୁ ମୃତ୍ୟୁବରଣ କରିଥିଲେ ।


## ଆଇସିସିର ଅଲିମ୍ପିକ୍ସ ଯୋଗ୍ୟତା ମାନଦଣ୍ଡ ଘୋଷିତ

### ଭାରତୀୟ ପୁରୁଷ ଓ ମହିଳା ଦଳର ସ୍ଥାନ ପକ୍କା

ଦୁବାଇ : ୧୦୦ ବର୍ଷ ପରେ ଅଲିମ୍ପିକ୍ସକୁ କ୍ରିକେଟ୍ ଫେରିବାକୁ ଯାଉଛି । ୨୦୨୮ ଲସ୍‌ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍ ସାମିଲ ହୋଇଛି । ଏହି ଅଲିମ୍ପିକ୍ସର କ୍ରିକେଟରେ କେଉଁ ଦଳ ଅଂଶଗ୍ରହଣ କରିବେ ତା'ର ଯୋଗ୍ୟତା ମାନଦଣ୍ଡ ଆଇସିସି ସୋମବାର ଘୋଷଣା କରିଛି । ଅଲିମ୍ପିକ୍ସ କ୍ରିକେଟ୍ ଟ୍ୱେଣ୍ଟି-୨୦ ଫର୍ମାଟରେ ଖେଳାଯିବାକୁ ଥିଲା ବେଳେ ଉଭୟ ପୁରୁଷ ଓ ମହିଳା ବର୍ଗରେ ୬ ଦଳ ଭାଗନେବେ । ଆଇସିସି ମାନଦଣ୍ଡ ଅନୁଯାୟୀ ଏଥିରେ ଭାରତର ଉଭୟ ପୁରୁଷ ଓ ମହିଳା ଦଳ ନିଜ ନିଜ ସ୍ଥାନ ପକ୍କା କରିପାରେ । ଭାରତୀୟ ପୁରୁଷ ଦଳକୁ ଚଳିତ ବର୍ଷ ଶେଷରେ ଆଇସିସି ଟ୍ୱେଣ୍ଟି-୨୦ ମାନ୍ୟତା ଅନୁଯାୟୀ ଏସିଆର ସର୍ବୋଚ୍ଚ ସ୍ଥାନ ଅଧିକାର କଲେ ସିଧାସଳଖ ଅଲିମ୍ପିକ୍ସ ଯୋଗ୍ୟତା ଅର୍ଜନ କରିନେବ । ସଂପ୍ରତି ପୁରୁଷ ଦଳ ଏସିଆ ଦେଶ ଭିତରେ ୧ ନଂରେ ରହିଛି । ସେହିପରି ଇଂଲଣ୍ଡରେ ଚାଲିଥିବା ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପ୍ରେ ମହାଦେଶ ଭିତରେ ଶୀର୍ଷ ୪ ଭିତରେ ଭାରତ ରହିଛି । ଦଳ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରି ନଥିଲେ ମଧ୍ୟ ଏସିଆ ମହାଦେଶ ଭିତରେ ପ୍ରଥମ ସ୍ଥାନରେ ରହିଛି । ଆଇସିସି ପୁରୁଷ ଦଳ ପାଇଁ କରିଥିବା ଯୋଗ୍ୟତା ମାନଦଣ୍ଡ ହେଲା ୨୦୨୬ ଡିସେମ୍ବର ୩୧ ତାରିଖରେ ଆଇସିସି ଟ୍ୱେଣ୍ଟି-୨୦ ମାନ୍ୟତା ଅନୁଯାୟୀ ନିଜ ନିଜ ମହାଦେଶରେ ଶୀର୍ଷ ସ୍ଥାନ ଦଖଲ କରିବାକୁ ପଡ଼ିବ । ୪ ମହାଦେଶରୁ ୪ ଦଳ ଯୋଗ୍ୟତା ଅର୍ଜନ କରିବେ । ଅବଶିଷ୍ଟ ଦଳ ଫାଇନାଲ ଗ୍ଲୋବାଲ ଅଲିମ୍ପିକ୍ସ ଯୋଗ୍ୟତା ମ୍ୟାଚ୍ ଖେଳି ଆସିବେ ।

## ଏସୀୟ କ୍ରୀଡ଼ା ପାଇଁ ଅଧିନାୟିକା ରହିଲେ ହରମନପ୍ରୀତ୍

ନୂଆଦିଲ୍ଲୀ : ଆଇସିସି ମହିଳା ଟ୍ୱେଣ୍ଟି-୨୦ ବିଶ୍ୱକପରେ ଭାରତୀୟ ଦଳ ସେମିଫାଇନାଲ୍ ଯୋଗ୍ୟତା ଅର୍ଜନରେ ବିଫଳ ହେବା ସତ୍ତ୍ୱେ ହରମନ ପ୍ରୀତ୍ କୌର ତାଙ୍କ ନେତୃତ୍ୱ ବଜାୟ ରଖିଛନ୍ତି । ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏସୀୟ କ୍ରୀଡ଼ାର କ୍ରିକେଟ୍ ଇଭେଣ୍ଟ ଲାଗି ହର୍ମନପ୍ରୀତଙ୍କୁ ଭାରତୀୟ ମହିଳା ଦଳର ନେତୃତ୍ୱ ଭାର ଦିଆଯାଇଛି । ଭାରତୀୟ ଦଳ ମଧ୍ୟ ଗତ ସଂସ୍କରଣରେ ସ୍ୱର୍ଣ୍ଣ ପଦକ ଜିତିଥିଲା । ୧୫ ଜଣିଆ ଦଳରେ ସ୍ମୃତି ମନ୍ଧାନାଙ୍କୁ ଉପ ଅଧିନାୟିକା ନିଯୁକ୍ତ କରାଯାଇଛି । ୱିକେଟରକ୍ଷକ ବ୍ୟାଟର୍ ୟାସ୍ତିକା ଭାଟିଆଙ୍କୁ ବାଦ ଦିଆଯାଇଥିବାବେଳେ ଜି କମଳିନୀଙ୍କୁ ସାମିଲ କରାଯାଇଛି । ଆହତ କାରଣରୁ ଶ୍ରେୟଙ୍କା ପାଟିଲଙ୍କୁ ଫିଟନେସ୍ ସର୍ତ୍ତରେ ସାମିଲ କରାଯାଇଛି । ୩୭ ବର୍ଷୀୟା



ହର୍ମନପ୍ରୀତଙ୍କୁ ଦଳ ଗତବର୍ଷ ଦିନିକିଆ ବିଶ୍ୱକପ୍ ଜିତିଥିଲେ ମଧ୍ୟ ଇଂଲଣ୍ଡରେ ଚାଲିଥିବା ଟ୍ୱେଣ୍ଟି-୨୦ ବିଶ୍ୱକପରେ ଗ୍ରୁପ୍ ପର୍ଯ୍ୟାୟରୁ ବିଦାୟ ନେବାରୁ କଡ଼ା ସମାଲୋଚିତ ହୋଇଛନ୍ତି । ଭାରତୀୟ ଦଳ ପାକିସ୍ତାନ, ବାଂଲାଦେଶ, ନେଦରଲାଣ୍ଡସ୍ ବିପକ୍ଷରେ ଜିତିଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆଠାରୁ ହାରି ବିଦାୟ ନେଇଥିଲା । ବିଶ୍ୱକପ୍ ବିଫଳତା ସତ୍ତ୍ୱେ ଭାରତୀୟ ମହିଳା ଓ ପୁରୁଷ ଦଳ ୨୦୨୮ ଏସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି । ଏସୀୟ କ୍ରୀଡ଼ା ପାଇଁ ଭାରତୀୟ ମହିଳା କ୍ରିକେଟ୍ ଦଳ: ହର୍ମନପ୍ରୀତ୍ କୌର୍ (ଅଧିନାୟିକା), ସ୍ମୃତି ମନ୍ଧାନା (ଉପଅଧିନାୟିକା), ଶେଫାଳି ବର୍ମା, ଜେମିମା ରଡ୍ରିଗ୍ସ, ଦୀପ୍ତି ଶର୍ମା, ରିଚା ଘୋଷ (ୱିକେଟକିପର୍), ଜି କମଳିନୀ (ୱିକେଟକିପର୍), ଭାରତୀ ଫୁଲମାଲି, ଶ୍ରୀ ଚାରଣୀ, ରେଣୁକା ସିଂହ ଠାକୁର, କ୍ରାନ୍ତୀ ଗୌଡ଼, ଅରୁନ୍ଧତୀ ରେଡ୍ଡୀ, ଶ୍ରେୟଙ୍କା ପାଟିଲ, ରାଧା ଯାଦବ, ନନ୍ଦାନୀ ଶର୍ମା ।

## ଫିଫା ବିଶ୍ୱକପ୍‌ରେ ଅଘଟଣ

## 'ଫ୍ୟାନ୍ ଜୋନ୍' ନିକଟରେ ଗୁଳିକାଣ୍ଡ : ଜଣେ ମୃତ

ସାନ୍ହୋସ୍ (କାଲିଫର୍ଣ୍ଣିଆ, ଆମେରିକା) : ଚଳିତ ଫିଫା ଫୁଟବଲ ବିଶ୍ୱକପର ନକ୍‌ଆଉଟ୍ ପର୍ଯ୍ୟାୟ ଆରମ୍ଭ ହେବା ଦିନ ଏକ ବଡ଼ ଧରଣର ଅଘଟଣ ଘଟିଛି । ଆୟୋଜକ ଆମେରିକାର କାଲିଫର୍ଣ୍ଣିୟା ପ୍ରଦେଶର ସାନ୍ହୋସ୍ରେ ସ୍ଥାପିତ ଏକ ବିଶ୍ୱକପ୍ 'ଫ୍ୟାନ୍ ଜୋନ୍'ରେ ଗୁଳିକାଣ୍ଡ ଘଟି ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିଲା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି । ରବିବାରର ଏହି ଲୋମଟାଙ୍କୁରା ଘଟଣା ସହରର ସାନ୍ ପେଡ୍ରୋ ଛକ ଅଞ୍ଚଳରେ ଘଟିଥିଲା । ତେବେ ଏହା ଏକ ଆତଙ୍କବାଦୀ ଘଟଣା ଥିଲା କିମ୍ବା ପ୍ରଶଂସକଙ୍କ ମଧ୍ୟରେ ଗଣ୍ଡଗୋଳର ପରିଣାମ ଥିଲା, ତାହା ପୁଲିସ ଏ ପର୍ଯ୍ୟନ୍ତ ସ୍ପଷ୍ଟ କରିନି । କିନ୍ତୁ ଏକ ହତ୍ୟାକାଣ୍ଡ ମାମଲା ଦାୟର କରି ଅଧିକ ତଦନ୍ତ ଆରମ୍ଭ କରିଛି । ରବିବାର ଘଟିଥିବା ଏହି ଗୁଳିକାଣ୍ଡ ସମୟରେ ସେଠାରେ କୌଣସି ବିଶ୍ୱକପ୍ ମ୍ୟାଚର ସିଧା ପ୍ରସାରଣ ଚାଲିନଥିଲା । ସେହିଦିନର ଏକମାତ୍ର ବିଶ୍ୱକପ୍ ମ୍ୟାଚ୍ ସ୍ଥାନୀୟ ସମୟ ଅପରାହ୍ନ ୨ଟା ସୁଦ୍ଧା ଶେଷ ହୋଇଯାଇଥିଲା । ଯାହା ଫଳରେ ଏକ ବଡ଼ ଧରଣର ଅଘଟଣ ଟଳି ଯାଇଥିଲା । ଅନ୍ୟଥା ମୃତାହତଙ୍କ ସଂଖ୍ୟା



ଯଥେଷ୍ଟ ବଢ଼ି ଯାଇଥା'ନ୍ତା ବୋଲି କହିଛି ପୁଲିସ । ସୂଚନା ଅନୁସାରେ, ଗୁଳିକାଣ୍ଡରେ ଆହତ ଦୁଇଜଣଙ୍କ ମଧ୍ୟରୁ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ଏକ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ତଦନ୍ତରେ ସୁବିଧା ପାଇଁ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳକୁ ସିଲ୍ କରାଯାଇଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଗୁଳିବିଦ୍ଧ ବ୍ୟକ୍ତିଙ୍କ ବେକ ଓ ପିଠିର ଉପର ଅଂଶରେ ଗଭୀର ଆଘାତ ଲାଗିଥିଲା ଏବଂ ସେ ଯନ୍ତ୍ରଣାରେ ଛଟପଟ ହେଉଥିଲେ । ଖବର ପାଇବା ପରେ ପୁଲିସ, ଆମ୍ବୁଲାନ୍ସ ଓ ଜରୁରୀକାଳୀନ ସେବାକର୍ମୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ । ଗୁଳିକାଣ୍ଡ ପରେ ସାନ୍ ପେଡ୍ରୋ ସ୍କୋୟାରର ଅଧିକାଂଶ ବାର୍ ଓ ରେସ୍ତୋରାଁ ବନ୍ଦ କରାଯାଇଥିବାବେଳେ ସମଗ୍ର ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି । ଉଲ୍ଲେଖଯୋଗ୍ୟ, ଚଳିତ ଫିଫା ବିଶ୍ୱକପର ଏକାଧିକ ମ୍ୟାଚ୍ ସାନଫ୍ରାନ୍ସିକୋ ବେ' ଏରିଆରେ ଆୟୋଜିତ ହୋଇଛି । ଏହି ଅଞ୍ଚଳରେ ଏକ ଡଜନରୁ ଅଧିକ ଫ୍ୟାନ୍ ଜୋନ୍ ସ୍ଥାପନ କରାଯାଇଥିବାରୁ ପ୍ରତିଦିନ ହଜାର ହଜାର ଦର୍ଶକ ସେଠାରେ ବସି ବିଶ୍ୱକପ୍ ମ୍ୟାଚ୍ର ଆନନ୍ଦ ଉପଭୋଗ କରୁଛନ୍ତି । ଏହି ଘଟଣା ପରେ କିନ୍ତୁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି ।

ସୂଚନା
ସମାଜ
BHIM
SCAN & PAY
ASHIRBAD PRAKASHAN PVT.LTD.

AHANA GYNAECARE & IVF
Wishes You A
Happy Doctors' Day 2026
NABH-Accredited Small Healthcare Organisation
1st and only exclusive gynaecology and maternity hospital in Bhubaneswar to get the honour.
Headed by Dr. Sujit Kumar Behera, Chief Gynaecologist & Advanced Laparoscopic Surgeon
State-of-the-art IVF & Infertility unit, headed by Dr. Sanjeev Behera
1st Hospital in Bhubaneswar with Permission from Govt. Authority towards undertaking Pre-implantation Genetic Testing (PGT), Screening (PGS), & Diagnosis (PGD)
Fully-equipped Fetal Medicine Dept., headed by Dr. Shweta Somasikta Pani
All Pregnancy Ultrasonography Scans like Fetal Echo, Genetic Counselling, Fetal Therapy and Invasive Procedures like Amniocentesis, CVS & Fetal Reduction
Services offered:
- Advanced Gynaecology Laparoscopic Procedures
- Fetal Medicine Unit with Invasive Procedures
- OPD services for Cardiology & Ultrasound
- IVF-ET, ICSI, IUI & other Fertility services
- High-Risk Pregnancy handling
- Neonatal Unit with Level - 3 NICU
Plot No. 119, District Center, C.S. Pur, Bhubaneswar-751016
0674 68 11 111 & 0674 23 00 888 91243 64151
ahanagynaecare@gmail.com | www.ahanagynaecare.com
Facebook Page Google Map
PESHCO-2023-7863

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି